

ଅଙ୍ଗଦ ଭୂମିକାରେ ଜାହିଦ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-14 ◆WEDNESDAY ◆08 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୪ ◆ବୁଧବାର ◆୦୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୭ ପାହାଡ଼ ଚଢ଼ି ୧୧୬ ବର୍ଷୀୟା ବୃଦ୍ଧାଙ୍କ ତିରୁମାଲା ଦର୍ଶନ



■ତିରୁମାଲା, ୭।୭ (ଏଜେନ୍ସି): ଶ୍ରଦ୍ଧା ଓ ଭକ୍ତି ଆଗରେ ବୟସ ଯେ କେବଳ ଏକ ସଂଖ୍ୟା ମାତ୍ର, ତାହା ପ୍ରମାଣ କରି ଦେଖାଇଛନ୍ତି କର୍ଣ୍ଣାଟକର ଜଣେ ୧୧୬ ବର୍ଷୀୟା ବୃଦ୍ଧା। କର୍ଣ୍ଣାଟକର ଏହି ବୟୋଜ୍ୟୋଷ୍ଠ ଶ୍ରଦ୍ଧାଳୁ ନବନୀତମ୍ମା ପାଦରେ ଚାଲି ଚାଲି ତିରୁପତିର ସପ୍ତଗିରି ବା ୭ଟି ପାହାଡ଼ ଅତିକ୍ରମ କରି ପ୍ରଭୁ ଭେଙ୍କଟେଶ୍ୱରଙ୍କ ଦର୍ଶନ କରିଛନ୍ତି। ନବନୀତମ୍ମା ନିଜ ପରିବାର ସଦସ୍ୟଙ୍କ ସହ ତିରୁମାଲା ଯାତ୍ରା କରିଥିଲେ। ପାଦରେ ଚାଲି ଚାଲି ପାହାଡ଼ ଚଢ଼ିବାକୁ ସଂକଳ୍ପ କରିଥିଲେ। ଏହି ଦୁର୍ଲଭ ଭକ୍ତିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପରିବାର ସଦସ୍ୟଙ୍କ ସହଯୋଗରେ ଧୀରେ ଧୀରେ ପାହାଡ଼ ଚଢ଼ିଥିଲେ। ଏହି ନିଷ୍ଠାକୁ ସମ୍ମାନ ଜଣାଇ ତିରୁମାଲା ତିରୁପତି ଦେବସ୍ଥାନମ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାର ବର୍ଗଙ୍କୁ ଭିଆଇପି ବ୍ରେକ୍ ଦର୍ଶନର ସୁଯୋଗ ପ୍ରଦାନ କରାଯାଇଥିଲା।

ହାର୍ ମାନିଲା ବୟସ

## ୭୫ ବର୍ଷ ବୟସରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଶିକ୍ଷା ପ୍ରତି ଆଗ୍ରହ ଥିଲେ ବୟସ କେବେ ବାଧା ହୋଇପାରେ ନାହିଁ। ଏହି କଥାକୁ ସତ୍ୟ ପ୍ରମାଣ କରିଛନ୍ତି ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ୭୫ ବର୍ଷୀୟ ମିଲ୍‌ଖି ରାମ। ସେ ବର୍ତ୍ତମାନ ସୁଦ୍ଧା ୩୨ଟି ଶିକ୍ଷାଗତ ଡିଗ୍ରୀ ହାସଲ କରିଛନ୍ତି ଓ ନିକଟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ହମିରପୁର ଅଧ୍ୟୟନ କେନ୍ଦ୍ରରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା ଦେଇଛନ୍ତି।

ମିଲ୍‌ଖି ରାମ ୧୯୭୬ରେ ସ୍ନାତକ ହାସଲ କରିଥିଲେ ଓ ବନ ବିଭାଗରେ ଚାକିରି କରିଥିଲେ। ଏହା ସତ୍ତ୍ୱେ ସେ ଶିକ୍ଷାରୁ ବିରତ ହୋଇ ନ ଥିଲେ। ୨୦୧୦ରେ ଗ୍ରେଡ୍‌-୧ ଅଧିକାରୀ ଭାବେ ଅବସର ନେବା ବେଳକୁ ସେ ୨୬ଟି ଡିଗ୍ରୀ ହାସଲ କରିସାରିଥିଲେ। ସେ ବିଏଡ୍, ଏଲ୍‌ଏଲ୍‌ବି, ସାମ୍ବାଦିକତା, ଏମ୍‌ବିଏ, ଏମ୍‌ଫିଲ୍, ହିନ୍ଦୀରେ ପିଏଚ୍‌ଡି ସମେତ ଅନେକ ଡିଗ୍ରୀ ପାଇ ସାରିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା ଏମିତି ଏକ ସମ୍ପଦ, ଯାହାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ। ଯୁବପିଢ଼ି ଜ୍ଞାନାର୍ଜନକୁ ▶ପୃଷ୍ଠା-୧୦



# ସିଆର୍‌ଇଏ ରିପୋର୍ଟ: ଆଗକୁ ଭୟଙ୍କର ବିପଦ

## ଆସନ୍ତା ବର୍ଷ ୧୮ ଟେରାୱାଟ ବିଜୁଳି ନିଅଣ୍ଟ ଆଶଙ୍କା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ବଢୁଥିବା ପ୍ରଭାବ ମଧ୍ୟରେ 'ସୁପର ଏଲ୍‌-ନିନୋ' ଭାରତର ବିଦ୍ୟୁତ୍ କ୍ଷେତ୍ର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଯଦି ଶକ୍ତିଶାଳୀ ଏଲ୍‌-ନିନୋ ପରିସ୍ଥିତି ସୃଷ୍ଟି ହୁଏ, ତେବେ ୨୦୨୭ ସୁଦ୍ଧା ଭାରତରେ ପ୍ରାୟ ୧୮ ଟେରାୱାଟ୍ (ଟିଡ଼ବ୍ଲ୍ୟୁଏଚ୍) ବା ୧୮ ବିଲିଅନ କିଲୋୱାଟ ବିଦ୍ୟୁତ୍ ନିଅଣ୍ଟ ଦେଖାଦେବାର ଆଶଙ୍କା ରହିଛି। ଏହାର ପରିଣାମ ସ୍ୱରୂପ କୋଇଲା ବ୍ୟବହାର ଓ ଅଙ୍ଗାର ନିର୍ଗମନ ଯୋଗୁଁ ଅତ୍ୟଧିକ ଉତ୍ତାପଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିପାରେ।



ବିଦ୍ୟୁତ୍ କ୍ଷେତ୍ର ପାଇଁ ଆହ୍ୱାନ ସୁପର ଏଲ୍‌-ନିନୋ

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ରିପୋର୍ଟ ଅନୁସାରେ ଜୁଲାଇ ୨୦୨୬ରୁ ଜୁନ୍ ୨୦୨୭ ମଧ୍ୟରେ ଏଲ୍‌ନିନୋ ପ୍ରଭାବ ଯୋଗୁଁ କେବଳ ଶୀତଳୀକରଣ (କୁଲିଂ) ପାଇଁ ପ୍ରାୟ ୧୦ ଟେରାୱାଟ୍‌-ଘଣ୍ଟା (ଟିଡ଼ବ୍ଲ୍ୟୁଏଚ୍) ଅତିରିକ୍ତ ବିଦ୍ୟୁତ ଆବଶ୍ୟକ ହୋଇପାରେ। ଏହା ଦିଲ୍ଲୀର ବାର୍ଷିକ ବିଦ୍ୟୁତ ବ୍ୟବହାରର ପ୍ରାୟ ଏକ-ଚତୁର୍ଥାଂଶ ସହ ସମାନ। ବଢୁଥିବା ଚାହିଦା ଓ କମୁଥିବା ଉତ୍ପାଦନକୁ ମିଶାଇଲେ ଦେଶରେ ପ୍ରାୟ ୧୮ ଟେରାୱାଟ୍‌-ଘଣ୍ଟା ବିଦ୍ୟୁତ ନିଅଣ୍ଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ନିଅଣ୍ଟ ଭରଣା ପାଇଁ ଦେଶକୁ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ ଏବଂ ଏଥିରୁ ପ୍ରାୟ ୧୭ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ବାୟୁମଣ୍ଡଳକୁ ନିର୍ଗମନ ହେବାର ସମ୍ଭାବନା ରହିଛି। ସବୁଠାରୁ ଗୁରୁତର ପରିସ୍ଥିତିରେ ଅତିରିକ୍ତ ୨୪ ଟେରାୱାଟ୍‌-ଘଣ୍ଟା କୋଇଲା ଆଧାରିତ ବିଦ୍ୟୁତ ଉତ୍ପାଦନର ଆବଶ୍ୟକତା ପଡ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଏଲ୍‌-ନିନୋ ସମୟରେ ତାପମାତ୍ରା ସାଧାରଣ ସ୍ତରଠାରୁ ଅଧିକ ରହିଥାଏ। ଫଳରେ ଏୟାର କଣ୍ଡିସନର, କୁଲର ଓ ଅନ୍ୟାନ୍ୟ ଶୀତଳୀକରଣ ଉପକରଣର ବ୍ୟବହାର ବଢ଼ିଯାଏ, ଯାହା ବିଦ୍ୟୁତ୍ ଚାହିଦାକୁ ଦ୍ରୁତ ଗତିରେ ବୃଦ୍ଧି କରିଥାଏ। ପୁଣି ବର୍ଷାରେ ଅନିୟମିତତା ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଦୁଇ କାରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ଓ ଚାହିଦା ମଧ୍ୟରେ ବଡ଼ ବ୍ୟବଧାନ ସୃଷ୍ଟି କରିପାରେ। ବିଦ୍ୟୁତ୍ ନିଅଣ୍ଟ ପୂରଣ ପାଇଁ ଦେଶକୁ କୋଇଲା ଆଧାରିତ ବିଦ୍ୟୁତ୍ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ। ଏହା ଫଳରେ କୋଇଲା ବ୍ୟବହାର ବଢ଼ିବା ସହ ଅଙ୍ଗାର ନିର୍ଗମନ ମଧ୍ୟ ବୃଦ୍ଧି ପାଇବ। ▶ପୃଷ୍ଠା-୧୦

## ୱାୟନାଡ୍‌ରେ ଭୂସ୍ଖଳନ; ୫ ମୃତ



ସୁଡ଼ଙ୍ଗ ନିର୍ମାଣ ସ୍ଥଳରେ ଧସିଲା ଅତଡ଼ା, ୧୦ ନିଖୋଜ

■ ୱାୟାନାଡ, ୭।୭ (ଏଜେନ୍ସି): କେରଳର ୱାୟାନାଡ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ ଘଟି ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଗତରାତିରୁ ଜାରି ରହିଥିବା ମୂଷଳଧାରା ବର୍ଷା ଆଜି ସକାଳେ ଏହି ବିପର୍ଯ୍ୟୟର ରୂପ ନେଇଛି। କଲ୍ଲାଡି ଅଞ୍ଚଳର ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ଆନାକୋମ୍‌ପୋୟିଲ୍‌-ମେପାଡି ସୁଡ଼ଙ୍ଗ ପଥ ପ୍ରକଳ୍ପ ସ୍ଥଳରେ ଭୂସ୍ଖଳନ ଘଟିଛି। ଏହି ସୁଡ଼ଙ୍ଗ ପଥଟି ମାଲାପୁରମ୍ ଏବଂ ୱାୟାନାଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିଲା। ସେଠାରେ ଅନେକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୨୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କମ୍ ସମୟରେ ଏତେ ପରିମାଣରେ ବର୍ଷା ଏହି ପ୍ରଳୟଙ୍କରୀ ଭୂସ୍ଖଳନର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିପର୍ଯ୍ୟୟ ପରେ ତୁରନ୍ତ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। କେରଳ ରାଜସ୍ୱ ମନ୍ତ୍ରୀ ଏପି. ଅନିଲ କୁମାରଙ୍କ ଅନୁଯାୟୀ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୬ ରୁ ୮ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ପ୍ରାୟ ୭ ରୁ ୧୦ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀ ଭିଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ସ୍ଥିତିର ସମୀକ୍ଷା କରିଛନ୍ତି। କେରଳ ମନ୍ତ୍ରୀ ଟି. ସିଦ୍ଦିକ ଏହାକୁ ଏକ ମଣିଷକୃତ ଭୂସ୍ଖଳନ ବୋଲି ଅଭିହିତ କରି କୋଙ୍କଣ ରେଳବାଇ ଏବଂ ଠିକାଦାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ୨୦୨୪ରେ ୱାୟାନାଡ଼ରେ ଭୂସ୍ଖଳନ ଯୋଗୁଁ ୩୦୦ ଲୋକ ପ୍ରାଣ ହରାଇଥିଲେ।



ବିଜୁଙ୍କ ଯୋଗୁଁ ଭାରତ-ଇଣ୍ଡୋନେସିଆ ସମ୍ପର୍କ ନିବିଡ଼

ବିଜୁଙ୍କୁ ଇଣ୍ଡୋନେସିଆ ଦେଇଛି 'ଭୂମିପୁତ୍ର' ସମ୍ମାନ

## ଇଣ୍ଡୋନେସିଆରେ ବିଜୁଙ୍କ ମହାନତା ବଖାଣିଲେ ମୋଦୀ

■ ଭୁବନେଶ୍ୱର, ୭।୭ (ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୟାନନ୍ଦ(ବିଜୁ) ପଟ୍ଟନାୟକଙ୍କ ଦେଶପ୍ରେମ, ବୀରତ୍ୱ ଗାଥା ସମଗ୍ର ଦେଶରେ ଆଜିବି ଶ୍ରଦ୍ଧାର ସହ ଉଚ୍ଚାରଣ କରାଯାଏ। ଭାରତର ସ୍ୱାଧୀନତା ସହ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକାକୁ ଆଜି ବି ଇଣ୍ଡୋନେସିଆବାସୀ ସମ୍ମାନର ସହ ମନେ ପକାନ୍ତି। ଇଣ୍ଡୋନେସିଆ ଗସ୍ତ ଅବସରରେ ଭାରତ-ଇଣ୍ଡୋନେସିଆର ସମ୍ପର୍କକୁ ନିବିଡ଼ କରିବାରେ ବିଜୁଙ୍କ ଅବଦାନକୁ ସ୍ମରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜଧାନୀ ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଅଦମ୍ୟ ସାହସ ଯୋଗୁଁ ଉଭୟ ଭାରତ ଏବଂ ଇଣ୍ଡୋନେସିଆ ନିକଟତର ହୋଇପାରିଥିଲେ ବୋଲି ଉଲ୍ଲେଖ କରି ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମରେ ବିଜୁ ବାବୁଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହୋଇଥିଲା ଓ ୧୯୪୭ରେ ଭାରତ ପରାଧୀନତାରୁ ମୁକ୍ତ ହୋଇଥିଲା। ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା। ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ଆଦରଣୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ଯେପରି ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ଭାରତ ଆଣିଥିଲେ, ତାହା ଅତ୍ୟନ୍ତ ସାହସିକ ଥିଲା। ଏହାଦ୍ୱାରା ଦୁଇ ରାଷ୍ଟ୍ର ନିକଟତର ହୋଇଥିଲେ ବୋଲି ▶ପୃଷ୍ଠା-୧୦

## ଜମି କିଣା ବିକା: ନଗଦ କାରବାରରେ ଲାଗିବ ଅଙ୍କୁଶ

■ଭୁବନେଶ୍ୱର, ୭।୭ (ସମିସ): ରାଜ୍ୟରେ ସମସ୍ତ ଜମି କିଣା ବିକାକୁ ସମ୍ପୂର୍ଣ୍ଣ କ୍ୟାସ୍‌ଲେସ କରାଯିବ। ନଗଦ ଟଙ୍କାରେ ଜମି କିଣାବିକା ହୋଇ ପାରିବ ନାହିଁ। ଏଥିପାଇଁ ଯୋଜନା ହୋଇଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମି କିଣା ବିକା ସମ୍ପୂର୍ଣ୍ଣ କ୍ୟାସଲେସ ହେବ। କିଣାବିକା ସମୟରେ ନଗଦରେ ଗୋଟିଏ ପଇସା ବି କାରବାର ହୋଇ ପାରିବ ନାହିଁ। ପୂର୍ବରୁ ୧୫ ହଜାର ଯାଏଁ ନଗଦ କାରବାର ବ୍ୟବସ୍ଥା ଥିଲା। ମାତ୍ର ଏବେ ତାହାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି କେହି ନିୟମକୁ ଉଲ୍ଲଂଘନ କରୁଥିବାର ନଜର ଆସନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜମି କିଣା ବିକା ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି। କେବଳ ଜମି ମାଲିକ ଚିହ୍ନଟ ପାଇଁ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସଓପି ଜାରି ହେବ। ଏହାସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ




୭ ପ୍ରମୁଖ ନଦୀ ପାର୍ଶ୍ୱରେ କରାଯିବ ଚାରାରୋପଣ

■ ଭୁବନେଶ୍ୱର, ୭।୭ (ସମିସ): ବିକାଶ ଓ ପରିବେଶ ପରସ୍ପରର ପରିପୂରକ। ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟର ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ "ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨୭୦୨ ହେକ୍ଟର ଅଞ୍ଚଳରେ ▶ପୃଷ୍ଠା-୧୦

### ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରସ୍ତୁତି

## ଜାତି ଲେଖିବା ଲାଗି 'ଓପନ୍ କଲମ୍'

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୂର୍ବାଭ୍ୟାସ (ରିହର୍ସାଲ)। ପ୍ରଥମଥର ପାଇଁ ଜନଗଣନା ଫର୍ମରେ ନାଗରିକମାନେ ନିଜ ଜାତିର ନାମ ନିଜେ ଲେଖିବା ପାଇଁ ଏକ 'ଓପନ୍ କଲମ୍' ବ୍ୟବସ୍ଥା ରଖାଯାଇଛି। ଏହା ଦ୍ୱାରା ଲୋକମାନେ କୌଣସି ପୂର୍ବନିର୍ଦ୍ଧାରିତ ତାଲିକାରେ ସୀମିତ ନ ରହି ନିଜ ଜାତିର ପରିଚୟ ଉଲ୍ଲେଖ କରିପାରିବେ।

ଜାତିଗତ ଜନଗଣନାକୁ ନେଇ ଦୀର୍ଘ ଦିନ ଧରି ରାଜନୈତିକ ଓ ସାମାଜିକ ସ୍ତରରେ ଚର୍ଚ୍ଚା ହୋଇଆସୁଛି। ଦେଶର ବିଭିନ୍ନ ଜାତି ଓ ଉପଜାତିର ପ୍ରକୃତ ଜନସଂଖ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ଓ ସର୍ବଶେଷ ତଥ୍ୟ ନଥିବାରୁ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି ଏବଂ କଲ୍ୟାଣମୂଳକ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏପରିସ୍ଥିତିରେ ଜାତିଗତ ତଥ୍ୟ ସଂଗ୍ରହକୁ ଅନେକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରୁଛନ୍ତି। ଜାତିଗତ ଜନଗଣନାରୁ ମିଳିବାକୁ ଥିବା ତଥ୍ୟ ଭବିଷ୍ୟତରେ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ତେଣୁ ଏହି ପୂର୍ବାଭ୍ୟାସକୁ ଦେଶର ଆଗାମୀ ଜନଗଣନା ପ୍ରକ୍ରିୟାର ଏକ ମାଇଲଖୁଣ୍ଟ ବୋଲି ଦେଖାଯାଉଛି।

ଅନ୍ୟପକ୍ଷରେ ବିଶେଷଜ୍ଞ ଓ ସାମାଜିକ ବିଶ୍ଳେଷକମାନେ ଏହି ପ୍ରକ୍ରିୟା ଉପରେ ସତର୍କ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଜାତିର ନାମ ଲେଖିବା ପାଇଁ ଖୋଲା କଲମ୍ ରହିବ, ତେବେ ବିଭିନ୍ନ ବନାନ, ସ୍ଥାନୀୟ ନାମ ଓ ଉପଜାତିର ଭିନ୍ନ ଭିନ୍ନ ପରିଚୟ ଯୋଗୁଁ ତଥ୍ୟର ଶ୍ରେଣୀକରଣ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେଣୁ ସଂଗୃହୀତ ତଥ୍ୟର ଯାଞ୍ଚ, ମାନକୀକରଣ ଓ ବିଶ୍ଳେଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ।

### ପଞ୍ଚାୟତ ଗୃହ ନିର୍ମାଣ ନ ହେବା ପ୍ରତିବାଦ

## ୧୦କିମି ଚାଲି ଚାଲି ଘେରିଲେ ବିଧାୟକଙ୍କ ଘର

■ ବେତନଟୀ, ୭।୭ (ସମିସ): ଦୁଇଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇ ମଧ୍ୟ ଜନସାଧାରଣଙ୍କ ନ୍ୟାଯ୍ୟ ଦାବି ପୂରଣ କରି ନପାରି ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଆଜି ହଟହଟା ହେବାକୁ ପଡିଛି। ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଆ ପଞ୍ଚାୟତର ଶତାଧିକ ପୁରୁଷ ମହିଳା ମଙ୍ଗଳବାର ୧୦ କିଲୋମିଟର ଚାଲିଚାଲି ବାଲେଶ୍ୱର ସୀମାନ୍ତ କଳମାସ୍ଥିତ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ। ତେବେ ବିଧାୟକଙ୍କୁ ନପାଇ ସମସ୍ତେ ବିକ୍ଷୋଭ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ



ଲାଗିଛି। ଏହାକୁ ନେଇ ଲୋକେ ଡବଲ ଇଞ୍ଜିନ ସରକାରଙ୍କୁ ଟ୍ରୋଲ କରୁଛି।

ସୂଚନାଯୋଗ୍ୟ ଯେ ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ ୨୦୧୬ ମସିହାରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା। ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଚାଲୁ ରହିଛି। ବେତନଟୀ ବ୍ଲକ ଅଧୀନରେ ଆଉ ଗୋଟିଏ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା। ଏହି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିବା ପରେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ

ଦେଖାଦେଲେନି ବଡ଼ସାହି ବିଧାୟକ

ହେଲା ସତ, ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ ବିଧାୟକଙ୍କ ପ୍ରଥମ ପାଳିରେ ନିର୍ମିତ ହୋଇ ପାରିଲାନାହିଁ। ପରବର୍ତ୍ତୀ ସମୟରେ ବଡ଼ସାହି କ୍ଷେତ୍ରରେ ବିଧାୟକ ଭାବେ ସନାତନ ବିଜୁଳି ୨୦୨୪ରେ ଦ୍ୱିତୀୟ ବାର ନିର୍ବାଚିତ ହେବା ପରେ ନ ।।ଭେମ୍ବରରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମସ୍ତେ ଆଶା କରିଥିଲେ ଖୁବଶୀଘ୍ର ଗୃହ ନିର୍ମାଣ ହୋଇ ପାରିବ। ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ଆଜି ସକାଳ ୯ଟା ବେ ।।ଳେ ଶତାଧିକ ମହିଳା, ପୁରୁଷ, ଶିଶୁ ଏକତ୍ରିତ ହୋଇ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଦଯାତ୍ରାରେ ୧୦ କିଲୋମିଟର ବାଟ ଚାଲିଚାଲି କଳମା ସ୍ଥିତ ବିଧାୟକଙ୍କ ବାସଭବନ ଆଗରେ ▶ପୃଷ୍ଠା-୧୦

## ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନକୁ ପୂରିଲା ୧୦ ଦିନ

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ମଙ୍ଗଳବାର ୧୮ ଦିନରେ ପ୍ରବେଶ କରିଛି। ଏହି ଆନ୍ଦୋଳନ ପରୀକ୍ଷା ପରିଚାଳନାରେ ହୋଇଥିବା ଅନିୟମିତତା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କରାଯାଉଛି। ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ପ୍ରତିବାଦ ସ୍ଥଳରେ ତାଙ୍କର ଆମରଣ ଅନଶନ ଆଜି



୧୦ମ ଦିନରେ ପହଞ୍ଚିଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ସୋସିଆଲ ମିଡିଆରେ ଏକ୍ସରେ ଏ ବିଷୟରେ ସୂଚନା ଦେଇଛନ୍ତି। ଅନଶନ ଆରମ୍ଭ କରିବା ପରଠାରୁ ୱାଙ୍ଗଚୁକଙ୍କ ଓଜନ ୬ କେଜିରୁ ଅଧିକ ହ୍ରାସ ପାଇଛି ଏବଂ ତାଙ୍କର ରକ୍ତଚାପ ବହୁତ କମ୍ ରହୁଛି ବୋଲି ସେ କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଯନ୍ତର ମନ୍ତର ପରିଦର୍ଶନ କରି ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। କୃଷକ ସଂଗଠନ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ସମେତ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ରଦ୍ଦ କରିବା, ପରୀକ୍ଷା ଦୁର୍ନୀତି ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦେବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଦୋହରାଯାଇଛି। ଅନ୍ୟପଟେ, ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏସନ (ଏଆଇଏସ୍ଏ) ର ସଦସ୍ୟମାନେ ମଧ୍ୟ ଏକ ପୃଥକ ମଞ୍ଚରେ ସେମାନଙ୍କର ଅନଶନ ଜାରି ରଖିଛନ୍ତି। ସେପଟେ ଆନ୍ଦୋଳନ ମଧ୍ୟରେ ସିଜେପି ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର ଆସିଛି। ଦିଲ୍ଲୀ ହାଇକୋର୍ଟ ସିଜେପିର ମୂଳ ଏକ୍ସ ହ୍ୟାଣ୍ଡେଲକୁ ପୁନଃସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ହ୍ୟାଣ୍ଡେଲକୁ ଗତ ମେ ମାସରେ ବନ୍ଦ କରାଯାଇଥିଲା। କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ, ଜୁନ୍ ୨୧ରେ ନିଟ୍ ପୁନଃ-ପରୀକ୍ଷା ଶେଷ ହୋଇଥିବାରୁ ଏହି ପ୍ରତିବନ୍ଧକ ହଟାଇ ଦିଆଯାଇଛି। ଅଭିଜିତ ଦିପକେ ଏହାକୁ ବିଜୟ ଭାବେ ଘୋଷଣା କରିଛନ୍ତି।

**ସିଜେପିର ଏକ୍ସ ଆକାଉଣ୍ଟ ସକ୍ରିୟ କର: ହାଇକୋର୍ଟଙ୍କ ନିର୍ଦ୍ଦେଶ**

## ଜେଲ୍ ଗଲେ ୩୦୦ କୋଟିର ମାଲିକ ଡିଏସ୍‌ପି

ହାଇଦ୍ରାବାଦ, ୭।୭(ଏଜେନ୍ସି): ତେଲେଙ୍ଗାନାରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ହାଇଦ୍ରାବାଦର ପୁଲିସ କମ୍ପ୍ୟୁଟର ସର୍ଭିସେସ (ପିସିଏସ୍) ରେ କାର୍ଯ୍ୟରତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ (ଡିଏସପି) ସଙ୍କିରେଡ୍ଡୀ ଭୀମ ରେଡ୍ଡୀଙ୍କୁ ୩୦୦ କୋଟି ଟଙ୍କାର ବେଆଇନ ସମ୍ପତ୍ତି ମାମଲାରେ ତେଲେଙ୍ଗାନା ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଗିରଫ କରିଛି। ଗତ ସୋମବାର ଏସିବି ଅଧିକାରୀମାନେ ଭୀମ ରେଡ୍ଡୀଙ୍କୁ ତାଙ୍କ ଇବ୍ରାହିମବାଗ ସ୍ଥିତ ବାସଭବନରୁ ଗିରଫ କରିଥିଲେ। ଏହା ପୂର୍ବରୁ ଜୁଲାଇ ୨ରେ ତେଲେଙ୍ଗାନା ଏବଂ କର୍ଣ୍ଣାଟକର ପ୍ରାୟ ୧୬ଟି ସ୍ଥାନରେ ଏକକାଳୀନ ଚଢଉ କରାଯାଇଥିଲା।



ଏହି ମାମଲାରେ ଏକ ହାତଲେଖା ବ୍ୟକ୍ତିଗତ ଡାଏରୀ ସବୁଠାରୁ ବଡ଼ ପ୍ରମାଣ ଭାବେ ସାମ୍ନାକୁ ଆସିଛି। ଚାରିଧାମ ଯାତ୍ରାରେ ଯିବା ପୂର୍ବରୁ ଭୀମ ରେଡ୍ଡୀ ଏହି ଡାଏରୀରେ ନିଜର ସମସ୍ତ ସମ୍ପତ୍ତି, ବିନିଯୋଗ ଏବଂ ବେନାମୀ ମାଲିକମାନଙ୍କର ବିବରଣୀ ଲିପିବଦ୍ଧ କରିଥିଲେ। ଡାଏରୀର ଏକ ସ୍କାନ କପି ନିଜ ପୁଅମାନଙ୍କ ସହ ହ୍ୱାଟସଆପ୍‌ରେ ମଧ୍ୟ ସେୟାର କରିଥିଲେ। ତାହାହିଁ ତଦନ୍ତକାରୀ ସଂସ୍ଥାକୁ ବିଭିନ୍ନ ସମ୍ପତ୍ତିର ଖୋଜ୍ ଖବର ପାଇବାରେ ସାହାଯ୍ୟ କରିଥିଲା। ତଦନ୍ତ ବେଳେ ଭୀମଙ୍କ ଘରୁ ୩.୬୦ ଲକ୍ଷ ଟଙ୍କା ଏବଂ ତାଙ୍କର ଏକ ବେନାମୀ ଘରୁ ୪୦ ଲକ୍ଷ ଟଙ୍କା ମିଳିଛି। ଏହା ବ୍ୟତୀତ ୨ କିଲୋ ସୁନା ଏବଂ ୨୦ କିଲୋ ରୁପା ସହିତ ବ୍ୟାଙ୍କରେ ପ୍ରାୟ ୨୦ ଲକ୍ଷ ଟଙ୍କାର ବାଲାନ୍ସ ରହିଥିବା ଜଣାପଡ଼ିଛି। ଏହାସହ ହାଇଦ୍ରାବାଦର ବିଭିନ୍ନ ଅଞ୍ଚଳରେ ବିଳାସପୂର୍ଣ୍ଣ ଭିଲ୍ଲା, କମର୍ସିଆଲ କମ୍ପ୍ଲେକ୍ସ ଏବଂ ଏକାଧିକ ଆପାର୍ଟମେଣ୍ଟ, କର୍ଣ୍ଣାଟକରେ ପ୍ରାୟ ୪୪ ଏକର ଏବଂ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ୧୦ ଏକରରୁ ଅଧିକ ଚାଷ ଜମି ଓ ପ୍ଲଟ୍, ଶ୍ରୀରାଘବେନ୍ଦ୍ର ରକ୍ ସ୍ୟାଣ୍ଡ ମିନେରାଲ୍ସ ନାମକ ଏକ ସଂସ୍ଥାରେ ୭୫ ଲକ୍ଷ ଟଙ୍କାର ନିବେଶ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କୁ ସ୍ୱତନ୍ତ୍ର ଏସିବି କୋର୍ଟରେ ହାଜର କରାଯିବା ନେଇ ପ୍ରକ୍ରିୟା ଜାରି ରହିଛି।

## ଚୀନରେ ପ୍ରଳୟଙ୍କରୀ ଝଡ଼ରେ ୮ ମୃତ

ବେଜିଂ, ୭।୭(ଏଜେନ୍ସି): ଚୀନରେ ପ୍ରବଳ ବର୍ଷା ଏବଂ ଝଡ଼ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏହି ସଙ୍କଟ ସମୟରେ ସାମୁଦ୍ରିକ ବାତ୍ୟା 'ବାଭି' ଚୀନର ଉପକୂଳ ଆଡ଼କୁ ମାଡ଼ି ଆସୁଥିବାରୁ ସ୍ଥିତି ଅଧିକ ଗମ୍ଭୀର ହେବାର ଆଶଙ୍କା କରାଯାଉଛି। ଚୀନର ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ଅଞ୍ଚଳ ଗୁଆଙ୍ଗସି ଏବଂ ପୂର୍ବ ପ୍ରଦେଶ ଜିଆଙ୍ଗସୁ ଓ ଶାନଡୋଙ୍ଗରେ ଅତି ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପ୍ରଦେଶଗୁଡ଼ିକୁ ସମ୍ଭାବ୍ୟ ବିପତ୍ତି ପାଇଁ ସତର୍କ ରହିବାକୁ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କେତନଙ୍କ ସହ ନିର୍ବନ୍ଧ ପରେ ଚେତନଙ୍କୁ ଗୁପ୍ତ ବିବାହ କରିଥିଲେ ସିୟା

ପୁନେ, ୭।୭(ଏଜେନ୍ସି): ପୁନେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ତାଙ୍କ ନିର୍ବନ୍ଧ ପରେ ଏବଂ ହତ୍ୟାକାଣ୍ଡର ପ୍ରାୟ ୪ ମାସ ପୂର୍ବରୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୁପ୍ତରେ ବିବାହ କରିଥିଲେ। ୨୦ ବର୍ଷୀୟା ସିୟା ଏବଂ ୨୫ ବର୍ଷୀୟ କେତନଙ୍କ ବିବାହ ଆସନ୍ତା ନଭେମ୍ବରରେ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ଗତ ଫେବୃଆରୀରେ କେତନଙ୍କ ସହ ନିର୍ବନ୍ଧ ସରିବା ପରେ ସିୟା ନିଜ ପ୍ରେମିକ ଚେତନଙ୍କୁ ଏକ ସ୍ଥାନୀୟ ରେଜିଷ୍ଟ୍ରାର ଅଫିସରେ ବିବାହ କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବର୍ତ୍ତମାନ ଏହି ବିବାହ ପ୍ରମାଣପତ୍ରର ସତ୍ୟାସତ୍ୟ ଯାଞ୍ଚ କରୁଛି। ଏପରି ହେଲେ କେତନଙ୍କ ସହ ହୋଇଥିବା ନିର୍ବନ୍ଧ ଆଇନଗତ ଭାବେ ଅବୈଧ ପ୍ରମାଣିତ ହେବ।



ଗତ ଜୁନ୍ ୧୮ ରେ ପୁନେର ଲୋହଗଡ଼ ଦୁର୍ଗ ବୁଲିବାକୁ ଯାଇଥିବା ସମୟରେ କେତନ ଏକ ପାହାଡ଼ ଉପରୁ ଖସିପଡ଼ି ପ୍ରାଣ ହରାଇଥିଲେ ବୋଲି ତାଙ୍କ ସହ ଥିବା ଭାବି ପତ୍ନୀ ସିୟା କହିଥିଲେ। ପରେ ସିୟା କେତନଙ୍କୁ ବିବାହ କରିବାକୁ ଚାହୁଁନଥିବାରୁ ଏହି ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ନକ୍ସା ପ୍ରସ୍ତୁତ କରିଥିଲେ ବୋଲି ଜଣାପଡ଼ିଥିଲା। ହତ୍ୟା ଦିନ ପ୍ରେମିକ ଚେତନ ମଧ୍ୟ ସେମାନଙ୍କ ପଛେ ପଛେ ଯାଇ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସହାୟତା କରିଥିଲେ। ତେବେ ସିୟା ଓ ଚେତନଙ୍କ ବିବାହ ସମୟରେ ସାକ୍ଷୀ ଭାବେ ଦସ୍ତଖତ କରିଥିବା ସିୟାଙ୍କ ଦୁଇ କଲେଜ ବନ୍ଧୁଙ୍କୁ ପୁଲିସ ବର୍ତ୍ତମାନ ଜେରା କରୁଛି। ଏକ ବ୍ୟକ୍ତିଗତ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଡିଲିଟ୍ ହୋଇଥିବା କିଛି ଫଟୋ ଉଦ୍ଧାର କରିବାକୁ ପୁଲିସର ଟେକ୍ନିକାଲ୍ ଟିମ୍ ପ୍ରୟାସ କରୁଛି। ଏହି ଫଟୋଗୁଡ଼ିକରେ ସିୟା ଏବଂ ଚେତନ ବରମାଳା ପିନ୍ଧିଥିବାର ଦେଖିବାକୁ ମିଳିଥିଲା ବୋଲି ସୂଚନା ମିଳିଛି। ଏହି ମାମଲାରେ ସିୟା ଏବଂ ଚେତନଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସେପଟେ କେତନଙ୍କ ପରିବାର ଏହି ଘଟଣାରେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି। ନିକଟରେ ଦୁଃଖରେ ମ୍ରିୟମାଣ କେତନଙ୍କ ଜେଜେବାପାଙ୍କର ମଧ୍ୟ ହୃଦଘାତରେ ମୃତ୍ୟୁ ଘଟିଛି।

## ରାମ ମନ୍ଦିର ଚାନ୍ଦା ଚୋରି
## ୧୨୪ କୋଟି ଖର୍ଚ୍ଚର ଯାଞ୍ଚ ହେବ

ଅଯୋଧ୍ୟା, ୭।୭ (ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଦ୍ୱାରା ଆୟୋଜିତ ବିଭିନ୍ନ ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ହୋଇଥିବା ୧୨୪ କୋଟିରୁ ଅଧିକ ଟଙ୍କାର ବ୍ୟୟକୁ ନେଇ ଏବେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ନିଜର ତଦନ୍ତ ପରିସରକୁ ବୃଦ୍ଧି କରିଛି। ଏହି ତଦନ୍ତରେ ମୁଖ୍ୟତଃ ଜାନୁଆରୀ ୨୦୨୪ର ପ୍ରାଣ ପ୍ରତିଷ୍ଠା ଉତ୍ସବ, ୨୦୨୫ ମହାକୁମ୍ଭର ବ୍ୟବସ୍ଥା ଏବଂ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ପତାକା ଉତ୍ତୋଳନ ଉତ୍ସବର ଖର୍ଚ୍ଚ ସାମିଲ ରହିଛି। ପ୍ରତିଷ୍ଠା ଉତ୍ସବରେ ପ୍ରାୟ ୮, ୦୦୦ ଅତିଥି ଯୋଗ ଦେଇଥିଲେ। ଏସ୍ଆଇଟିର ସୂଚନା ଅନୁଯାୟୀ, ୨୨ ଜାନୁଆରୀ ୨୦୨୪ରେ ଅନୁଷ୍ଠିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରାୟ ୧୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରେ ଶେଡ୍ ଏବଂ ଟେଣ୍ଟ ସିଟି ନିର୍ମାଣ ପାଇଁ ୩୫.୯୭ କୋଟି, ପ୍ରଚାର ଓ ବିଜ୍ଞାପନ ପାଇଁ ୨୧.୭୭ କୋଟି, ସାଜସଜ୍ଜା ଓ ଆଲୋକୀକରଣ ବାବଦକୁ ୧୪.୬୨ କୋଟି, ଖାଦ୍ୟ, ଅନ୍ନ ବଣ୍ଟନ ପାଇଁ ୫.୧୧ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। ଏସ୍ଆଇଟି ବର୍ତ୍ତମାନ ଗତ ଦୁଇ ବର୍ଷର ଆର୍ଥିକ ରେକର୍ଡଗୁଡ଼ିକର ଅଡିଟ୍ କରୁଛି। ନଭେମ୍ବର ୨୦୨୫ରେ ହୋଇଥିବା ପତାକା ଉତ୍ତୋଳନ ଉତ୍ସବ ପାଇଁ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଜଣେ ଅତିଥି ପିଛା ହାରାହାରି ୧୬, ୦୦୦ ଟଙ୍କା ବ୍ୟୟ ହୋଇଛି। ଏହା ବ୍ୟତୀତ ପ୍ରତିଷ୍ଠା ଦ୍ୱାଦଶୀ ପାଇଁ ୮୩ ଲକ୍ଷ ଏବଂ ମହାକୁମ୍ଭ ସମୟରେ ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥା ପାଇଁ ୪୩ ଲକ୍ଷ ଟଙ୍କାର ଖର୍ଚ୍ଚ ମଧ୍ୟ ତଦନ୍ତ ପରିସରଭୁକ୍ତ। ତଦନ୍ତକାରୀ ଦଳ କେବଳ ନଗଦ ଖର୍ଚ୍ଚ ସହିତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ମୂଲ୍ୟବାନ ଧାତୁର ମଧ୍ୟ ଯାଞ୍ଚ କରୁଛନ୍ତି। ଟ୍ରଷ୍ଟର ରେକର୍ଡ ଅନୁଯାୟୀ, ନଭେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ ମଧ୍ୟରେ ୨.୩ କିଲୋଗ୍ରାମ ସୁନା ଏବଂ ୮୩.୩ କିଲୋଗ୍ରାମ ରୁପା ଦାନ ଆକାରରେ ମିଳିଥିଲା। ମହାକୁମ୍ଭ ସମୟରେ ଅତିରିକ୍ତ ୧.୫ କିଲୋ ସୁନା ଓ ୨୮ କିଲୋ ରୁପା ମଧ୍ୟ ମିଳିଥିଲା। ଏହି ଦୁର୍ନୀତି ଅଭିଯୋଗ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଇତିମଧ୍ୟରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ କର୍ମକର୍ତ୍ତା ପଦରୁ ଚମତନତ ରାୟ ଓ ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରିବା ପରେ ସେମାନେ ଟ୍ରଷ୍ଟ ଆଉ ସଭ୍ୟ ମଧ୍ୟ ନାହାନ୍ତି। ଅନ୍ୟତମ ଟ୍ରଷ୍ଟି ଗୋପାଳ ରାଓଙ୍କୁ ମଧ୍ୟ ହଟାଇ ଦିଆଯାଇଛି।



■ ଟ୍ରଷ୍ଟର ସଭ୍ୟପଦରୁ ମଧ୍ୟ ହଟିଲେ ଚମ୍ପତ, ଅନିଲ, ଗୋପାଳ
■ ହେରଫେର ପାଇଁ ଅନିଲ ମିଶ୍ର ଓ ବ୍ୟାଙ୍କକୁ ଦୋଷ ଦେଲେ ଚମ୍ପତ

ଅନ୍ୟପକ୍ଷରେ ଆଜି ପ୍ରଥମ ଥର ଲାଗି ଚମ୍ପତ ରାୟ ଏହି ଘଟଣା ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ 'ଗଣତି ପ୍ରକ୍ରିୟା ପାଇଁ ମିଳିତ ନିର୍ଦ୍ଦେଶାବଳୀ' ନାମକ ଦଲିଲ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ। ସେହି ଦସ୍ତାବିଜରେ ତାଙ୍କର ସ୍ୱାକ୍ଷର ନାହିଁ। ସେଥିରେ ଟ୍ରଷ୍ଟ କୋଷାଧ୍ୟକ୍ଷ ଅନିଲ ମିଶ୍ର ଏବଂ ଏସ୍‌ବିଆଇ ବ୍ୟାଙ୍କ, ଅଯୋଧ୍ୟା ଶାଖାର ତତ୍କାଳୀନ ମୁଖ୍ୟ ପରିଚାଳକ ଗୋବିନ୍ଦ ମିଶ୍ରଙ୍କ ସ୍ୱାକ୍ଷର ରହିଛି। ତାଙ୍କ ଅଗୋଚରରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ କରାଯାଇଥିଲା ଏବଂ ସେ ଗତ ଜୁନ୍‌ରେ ଏହା ଜାଣିବାକୁ ପାଇଥିଲେ। ସମଗ୍ର ଅନିୟମିତତା ପାଇଁ ସେ ଅନିଲ ଓ ବ୍ୟାଙ୍କକୁ ଦୋଷ ଦେଇଛନ୍ତି।

## ଡିଏମ୍‌କେରେ ଯୋଗ ଦେଲେ ୩୦ କୋଟି ନଚେତ୍ ମୃତ୍ୟୁ

ଚେନ୍ନଇ, ୭।୭(ଏଜେନ୍ସି): ତାମିଲନାଡୁରେ ଟିଭିକେ ଦଳର ଜଣେ ବିଧାୟକ ବିରୋଧୀ ଡିଏମକେ ଉପରେ ଘୋଡ଼ା ବେପାର ରାଜନୀତି ଏବଂ ହତ୍ୟା ଧମକ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ଶ୍ରୀଭଇକୁଣ୍ଡମ୍‌ରୁ ଟିଭିକେ ବିଧାୟକ ଜି. ସର୍ଭନନ୍ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଟିଭିକେ ଛାଡ଼ି ଡିଏମକେରେ ସାମିଲ ହେବା ପାଇଁ ୩୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ଏପରିକି ୧୦୦ କୋଟି ଯାଏଁ ମଧ୍ୟ ଯଚା ଯାଇଥିଲା। ସେ ଏହାକୁ ମନା କରିଥିଲେ। ପରେ ପ୍ରସ୍ତାବ ଅଗ୍ରାହ୍ୟ କଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ମିଳିଥିବା ସେ ଦାବି କରିଛନ୍ତି। ତାଙ୍କ କଥାକୁ ପ୍ରମାଣ କରିବାକୁ ତାଙ୍କ ପାଖରେ ଯଥେଷ୍ଟ ଦୃଢ଼ ପ୍ରମାଣ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଡିଏମକେ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଜଣେ ବିଧାୟକଙ୍କ ଏଭଳି ଅଭିଯୋଗ ରାଜନୀତିରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



## ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ

ଜାକର୍ତ୍ତା, ୭।୭(ଏଜେନ୍ସି): ଜାକର୍ତ୍ତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ମୋଦୀଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଇଣ୍ଡୋନେସିଆ ଗଣରାଜ୍ୟର ଏକତା, ନିରନ୍ତରତା ଏବଂ ସମୃଦ୍ଧି କ୍ଷେତ୍ରରେ ଅସାଧାରଣ ସେବା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନଜନକ ପଦକରେ ସମ୍ମାନିତ କରାଯାଇଥାଏ। ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ଉଭୟ ଦେଶ ମଧ୍ୟରେ ଥିବା ଗଭୀର ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସୁଦୃଢ଼ତାକୁ ପ୍ରତିପାଦିତ କରୁଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀ ନିଜର ଇଣ୍ଡୋନେସିଆ ଗସ୍ତ ସମୟରେ ଏହି ଗୌରବଜନକ ଉପାଧିରେ ଭୂଷିତ ହୋଇଛନ୍ତି।

## ହର୍ମୁଜରେ ୩ ଜାହାଜ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଇରାନର ରିଭୋଲ୍ୟୁସ୍ୱାରୀ ଗାର୍ଡ ସେଠାରେ ଗତି କରୁଥିବା ୩ଟି ବାଣିଜ୍ୟିକ ଜାହାଜ ଉପରକୁ କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏକ ତୈଳବାହୀ ଜାହାଜରେ ନିଆଁ ଲାଗିଛି। ଆମେରିକା ଏବଂ ଇରାନ ମଧ୍ୟରେ ସାମୁଦ୍ରିକ ଆକ୍ରମଣ ବନ୍ଦ କରିବା ପାଇଁ ମାତ୍ର ତିନି ସପ୍ତାହ ପୂର୍ବରୁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ସୋମବାର ଓ ମଙ୍ଗଳବାର ଘଟିଥିବା ଏହି ଆକ୍ରମଣ ଶାନ୍ତି ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି।

**ଏହାର କଡ଼ା ଜବାବ ଦିଆଯିବ: ଟ୍ରମ୍ପ**



ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଇରାନର ସୁପ୍ରିମ ଲିଡର ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଇରାନକୁ ସପ୍ତାହେ ଛୁଟି ଦିଆଯାଇଥିବା ବୋଲି କହି କଟାକ୍ଷ କରିଥିଲେ। ତାହାର ଏହା ଜବାବ ବୋଲି ଆଲୋଚନା ହୋଇଛି। ମଙ୍ଗଳବାର ସକାଳେ ଓମାନ ଉପକୂଳ ନିକଟସ୍ଥ ଲିମା ଅଞ୍ଚଳରେ ଏକ ଟ୍ୟାଙ୍କର ଉପରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ଏହାର ବାମ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। ବ୍ରିଟିଶ ସାମରିକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଇରାନ ସରକାରୀ ଟେଲିଭିଜନ ଅନୁସାରେ, କାତାରର ଏକ ଏଲଏନଜି ଟ୍ୟାଙ୍କର ବାରମ୍ବାର ଚେତାବନୀକୁ ଅଣଦେଖା କରିବାରୁ ତାକୁ ଟାର୍ଗେଟ କରାଯାଇଛି।

ଆମେରିକା ପକ୍ଷରୁ ରାଷ୍ଟ୍ରପତି ଟ୍ରମ୍ପ ଏହି ଘଟଣାର କଡ଼ା ଜବାବ ଦେବାକୁ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେ ମାତ୍ର ଏକ ଘଣ୍ଟା ମଧ୍ୟରେ ସେମାନଙ୍କର ସେତୁଗୁଡ଼ିକୁ ଧ୍ୱଂସ କରିଦେଇପାରିବୁ।' ସୌଭାଗ୍ୟବଶତଃ ଏହି ଆକ୍ରମଣରେ ଏପର୍ଯ୍ୟନ୍ତ କୌଣସି ପ୍ରାଣହାନି ହୋଇଥିବା ଖବର ମିଳିନାହିଁ। ତଥାପି ଏହି ଅଞ୍ଚଳ ଦେଇ ଯାଉଥିବା ଜାହାଜଗୁଡ଼ିକୁ ଅତ୍ୟନ୍ତ ସତର୍କତାର ସହ ଗତି କରିବାକୁ ପରାମର୍ଶ ଦିଆଯାଇଛି।

## ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସିରିଆ ଗସ୍ତବେଳେ ବିସ୍ଫୋରଣ

ଦାମାସକସ, ୭।୭(ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ସିରିଆ ଗସ୍ତରେ କରିଛନ୍ତି। ମାକ୍ରୋନ ରାଷ୍ଟ୍ରପତି ଅହମ୍ମଦ ଅଲ-ଶାରାଙ୍କୁ ଭେଟୁଥିବା ସମୟରେ ମଧ୍ୟ ଦାମାସକସରେ ବିସ୍ଫୋରଣ ହୋଇଥିଲା। ସିରିଆର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଦାମାସକସର କେନ୍ଦ୍ରସ୍ଥଳରେ ଥିବା ଫୋର୍ ସିଜନ୍ସ ହୋଟେଲ ନିକଟରେ ଏହି ଆକ୍ରମଣ ହୋଇଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ମାକ୍ରୋନ ଏହି ହୋଟେଲରେ ରହୁଥିବା ବେଳେ ବିସ୍ଫୋରଣ ସମୟରେ ସେ ରାଷ୍ଟ୍ରପତି ଭବନରେ ଥିଲେ। ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁଇଟି ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଗୋଟିଏ ଡଷ୍ଟବିନ୍‌ରେ ଏବଂ ଅନ୍ୟଟି ଏକ ପାର୍କିଂ କରାଯାଇଥିବା କାର୍‌ରେ ରଖାଯାଇଥିଲା। ଏହି ଘଟଣାରେ ୪ଜଣ ଆହତ ହୋଇଛନ୍ତି, ଯେଉଁଥିରେ କିଛି ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାଁନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏମାନୁଏଲ ମାକ୍ରୋନ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଏବଂ ସେ ରାଷ୍ଟ୍ରପତି ଅଲ-ଶାରାଙ୍କ ସହ ନିଜର ଆଲୋଚନା ଜାରି ରଖିଛନ୍ତି। ୨୦୨୪ରେ ବଶର ଅଲ-ଅସଦ୍‌ଙ୍କ ଶାସନର ପତନ ପରେ ଅଲ-ଶାରା କ୍ଷମତାକୁ ଆସିବା ପରେ ମାକ୍ରୋନ ହେଉଛନ୍ତି ସିରିଆ ଗସ୍ତ କରିଥିବା ପ୍ରଥମ ପ୍ରମୁଖ ପାଶ୍ଚାତ୍ୟ ନେତା।



## ବର୍ଷା ଯୋଗୁଁ ମହାରାଷ୍ଟ୍ର, ଗୁଜରାଟରେ ୨୦ ମୃତ

ରତ୍ନଗିରି, ୭।୭(ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମହାରାଷ୍ଟ୍ର ଓ ଗୁଜରାଟରେ ୨୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ରତ୍ନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଖେଡ୍ ତହସିଲ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ୫ଟି ଘର ପୋତି ହୋଇଯାଇଛି। ଉଦ୍ଧାରକାରୀ ଦଳ ୭୫ ବର୍ଷୀୟା କଳ୍ପନା ସେଲାରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଜଣ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସେହିପରି ଗୁଜରାଟର ସୌରାଷ୍ଟ୍ର ଏବଂ ଦକ୍ଷିଣ ଭାଗରେ ବର୍ଷା ବିପ୍ରାତ ଜାରି ରହିଛି ।। ଅମ୍ରେଲିର ରାଜୁଲାଠାରେ ସର୍ବାଧିକ ୧୦ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି। ଅମ୍ରେଲିରେ ଏକ ଚାଳିଆ ଭୁଶୁଡି ପଡ଼ିବାରୁ ଜଣେ ୨୯ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ଏହାସହ ପ୍ରାୟ ୨, ୮୦୪ଟି ଗାଁରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ରାଜ୍ୟରେ ଆଜି ୬ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଟିମକୁ ନିୟୋଜିତ କରାଯାଇଥିବା ବେଳେ ୬ଟି ବନ୍ଧ ପାଇଁ 'ହାଇ ଆଲର୍ଟ' ଜାରି ହୋଇଛି। ଇତିମଧ୍ୟରେ ବର୍ଷା ଯୋଗୁଁ ଦିଲ୍ଲୀ ।।ରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଗୁରୁଗ୍ରାମରେ ଜାତୀୟ ରାଜପଥର ଏକ ଅଂଶ ଦବିଯିବାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ସୃଷ୍ଟି ହୋଇଛି।

## ପଶ୍ଚିମ ବଙ୍ଗରେ ତେଜୁଛି ରାଜନୀତି; ଶୁଭେନ୍ଦୁଙ୍କ ପାଇଁ ଅଗ୍ନି ପରୀକ୍ଷା

ବାରୁଇପୁର, ୭।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅତି ନିର୍ମମ ଭାବେ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣା ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ନାରକୀୟ କାଣ୍ଡ ଏବେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ୧୧ ବର୍ଷୀୟା ପୀଡ଼ିତା ନାବାଳିକା ଜଣକ ଗତ ଶନିବାର ନିଖୋଜ ହୋଇଥିଲେ। ସ୍ଥାନୀୟ ସିସିଟିଭି ଫୁଟେଜରେ ତାଙ୍କୁ ଶେଷ ଥର ପାଇଁ କିଛି ଯୁବକଙ୍କ ସହ ଦେଖିବାକୁ ମିଳିଥିଲା। ରବିବାର ସକାଳେ ତାଙ୍କ ମୃତଦେହ ଏକ ପୋଖରୀରୁ ଏକ ବସ୍ତା ଭିତରୁ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ନାବାଳିକାଙ୍କ ସହ ଦୁଷ୍କର୍ମ କରିବା ପରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଦିଆଯାଇଥିଲା। ତାଙ୍କ ଶରୀର ସାରା କାମୁଡ଼ା ଚିହ୍ନ ରହିଥିଲା। ଏପରିକି ତାଙ୍କୁ ଜୀବନ୍ତ ଅବସ୍ଥାରେ ପୋଖରୀକୁ ଫିଙ୍ଗି ଦିଆଯାଇଥିଲା। ଫଳରେ ତାଙ୍କ ଫୁସଫୁସ ଓ ପେଟରେ ପାଣି ପଶିଯାଇ ମୃତ୍ୟୁ ହୋଇଥିଲା। ଏହା ଜଣା ପଡ଼ିବା ପରେ ପୁଲିସ ତତ୍ପରତା ସହକାରରେ ତଦନ୍ତ କରୁନଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବ୍ୟାପକ ଭଙ୍ଗାରୁଜା ଓ ରାସ୍ତାରୋକ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଜଣେ ସନ୍ଦିଗ୍ଧକୁ ମଧ୍ୟ ପିଟି ପିଟି ମାରିଦେବା ପରେ ଘଟଣା ବଢ଼ିଥିଲା। ଅନ୍ୟପଟେ, ଜଣେ ସ୍ଥାନୀୟ ବିଜେପି ନେତା ଅଭିଯୁକ୍ତକୁ ଖସାଇ ଦେବାରେ ସାହାଯ୍ୟ କରୁଥିବା ନେଇ ଗୁଜବ ଉଠିବା ପରେ ପରିସ୍ଥିତି ଜଟିଳ ହୋଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାଳିଘାଟରେ ଏକ ମହମବତି ଶୋଭାଯାତ୍ରା କରିବା ସହ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ପୀଡିତାଙ୍କ ପରିବାରକୁ ଭେଟିବାକୁ ଦିଆଯାଉ ନାହିଁ ଏବଂ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି। କିନ୍ତୁ ବିଜେପି ଏହାକୁ ନିୟମିତ ସୁରକ୍ଷା ବ୍ୟବସ୍ଥା ବୋଲି କହିଛି ଏବଂ ଟିଏମସି ଅଯଥା ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି। ସୋମବାର ମମତାଙ୍କ ଗୋଷ୍ଠୀର ଏକ ଟିଏମସି ପ୍ରତିନିଧି ଦଳ ପୀଡିତାଙ୍କ ପିତାମାତାଙ୍କୁ ଭେଟିଥିଲେ। ବାରୁଇପୁର ଗସ୍ତ ପାଇଁ ସମୟ ବାହାର ନକରିଥିବାରୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କ ଉପରେ ଖୁବ ବର୍ଷିଥିଲେ। ଅନ୍ୟପଟେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡିତାଙ୍କ ପିତାଙ୍କ ସହ ଫୋନରେ କଥା ହୋଇ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସର୍ଦ୍ଦାର ସମେତ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୁଷ୍କର୍ମ, ହତ୍ୟା ଏବଂ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଜାତୀୟ ମହିଳା କମିଶନ ମଧ୍ୟ ଏହି ଘଟଣାରେ ସ୍ୱତଃ ପ୍ରବୃତ୍ତ ସଜ୍ଞାନ ନେଇ ୭ ଦିନ ମଧ୍ୟରେ ରିପୋର୍ଟ ମାଗିଛନ୍ତି।

**ବାରୁଇପୁର ଦୁଷ୍କର୍ମ ଓ ହତ୍ୟାକାଣ୍ଡ**



# ଭୁବନେଶ୍ୱର ବିମାନବନ୍ଦରରେ ୫କୋଟିର ମାରିଜୁଆନା ଜବତ



## ସି-ଫୁଡ୍‌ରେ ବ୍ୟାଙ୍କକରୁ ଆସିଥିଲା, ୨ ଯାତ୍ରୀ ଅଟକ

ଭୁବନେଶ୍ୱର, ୭ ।୭ (ସମିସ): ଡିଆର୍‌ଆଇ ଏବଂ କଷ୍ଟମ୍ ବିଭାଗକୁ ଚକମା ଦେବାକୁ ସି-ଫୁଡ୍(ସାମୁଦ୍ରୀକ ଖାଦ୍ୟ) ପ୍ୟାକେଟ୍‌ରେ ବାଙ୍କକ୍‌ରୁ ଓଡ଼ିଶାକୁ ମାରିଜୁଆନା ଚାଲାଣ ହେଉଥିଲା। କିନ୍ତୁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ବ୍ୟାଙ୍କକ୍‌ରୁ ଫେରୁଥିବା ଦୁଇ ଜଣ ୨ଯାତ୍ରୀ ମାରିଜୁଆନା ସହ ଧରାପଡ଼ିଗଲେ। ଡିଆର୍‌ଆଇ ଏବଂ କଷ୍ଟମ୍ ଚେକିଂ ବେଳେ ସେମାନଙ୍କ ଠାରୁ ୫କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଏହି ମାରିଜୁଆନାକୁ ଏହି ଇ ଯାତ୍ରୀ ସି-ଫୁଡ୍ ପ୍ୟାକେଟ୍‌ରେ ଲୁଚାଇ ଆଣୁଥିଲେ। ଏହାକୁ କୋଲକତା ଚାଲାଣ କରାଯାଇଥାନ୍ତା ବୋଲି ଜେରା ବେଳେ ଜଣାପଡ଼ିଛି।

ମଙ୍ଗଳବାର ସକାଳେ ବିମାନ ଯୋଗେ ବହୁସଂଖ୍ୟାରେ ଯାତ୍ରୀ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲେ। ଲକେଜ୍ ଚେକିଂ ବେଳେ ଜଣେ ଓଡ଼ିଆ ଏବଂ ଜଣେ କଲିକତା ଯାତ୍ରୀଙ୍କ ଉପରେ ବିମାନବନ୍ଦର କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେମାନଙ୍କ ବ୍ୟାଗ୍ ଚେକିଂ ହୋଇଥିଲା। ଏଥିରେ କିଛି ସି-ଫୁଡ୍‌ର ଖାଦ୍ୟ ପ୍ୟାକେଟ୍ ମିଳିଥିଲା। ଏହି ପ୍ୟାକେଟ୍‌କୁ ଖୋଲାଯିବା ପରେ ଏଥିରୁ କୋଟି କୋଟି ଟଙ୍କାର ମାରିଜୁଆନା ମିଳିଥିଲା। ଏହାପରେ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ସେମାନେ ଏହାକୁ କୋଲକାତା ନେଇଥାନ୍ତୋ ବୋଲି ସ୍ୱୀକାର କରିଥିବା ଜଣାପଡ଼ିଛି।

ଭୁବନେଶ୍ୱର ବିମାନବନ୍ଦର ମାରିଜୁଆନା ଚାଲାଣର ଏକ ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି। ନିୟମିତ ଭାବେ ଏଠାରେ ମାରିଜୁଆନା ଜବତ ହେଉଛି। ମାମଲା ସଂଖ୍ୟା ଦିନକୁ ଦିନ ବଢିବା ଚିନ୍ତାଚନକ ବିଷୟ ପାଲଟିଲାଣି। ବିଗତ ୬ମାସ ମଧ୍ୟରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିବା ସୂଚନା ମିଳିଛି।

# ବୈତରଣୀ କମୁଛି, ମହାନଦୀ ଫୁଲୁଛି

## ହୀରାକୁଦରେ ପଶୁଛି ୨ ଲକ୍ଷ କ୍ୟୁସେକ ଜଳ

ଭୁବନେଶ୍ୱର/ସମ୍ବଲପୁର,୭।୭ (ସମିସ): ଦୁର୍ବଳ ହେଉଛି ବଙ୍ଗୋପସାଗରରେ ସୃଷ୍ଟ ଅବପାତ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହି ଲଘୁଚାପ ଦୁର୍ବଳ ହେବା ପରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ମଧ୍ୟ ହ୍ରାସ ପାଇଛି। ବୁଧବାର କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରାଯାଇଛି। ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।



ଅନ୍ୟପଟେ ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଙ୍କେତ ତଳକୁ ଖସିଆସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଆଖୁଆପଦାରେ ମଙ୍ଗଳବାର ଜଳସ୍ତର ବିପଦସଙ୍କେତ ତଳେ ଅର୍ଥାତ୍ ୧୭.୬୧ ମିଟରକୁ ଖସିଛି। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି।

ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୦୮.୫୬ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୦୯ ଫୁଟ ତୁଳନାରେ କମ୍। ବର୍ତ୍ତମାନ ପ୍ରାୟ ୨,୬୩,୮୮୨ କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ବୁଧବାର ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିପାରେ। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଜୁଲାଇ ୯ ତାରିଖ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୯ ଫୁଟ ଛୁଇଁଲେ କେତୋଟି ଗେଟ୍ ଖୋଲାଯିବ ସେନେଇ ଆସନ୍ତାକାଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ସେହିପରି ମୁଣ୍ଡଲିରେ ଜଳପ୍ରବାହ ପର୍ଯ୍ୟାୟକ୍ରମେ ବଢ଼ି ପ୍ରାୟ ସାଢ଼େ ୪ ଲକ୍ଷ କ୍ୟୁସେକରେ ପହଞ୍ଚି ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ପ୍ରଥମେ ବର୍ଷାଜଳ ନରାଜ ଦେଇ ନିଷ୍କାସନ କରାଯିବ ତା'ପରେ ହୀରାକୁଦରୁ ଜଳ ଛଡ଼ାଯିବ। ତେଣୁ ତଳମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଆଶ୍ୱସ୍ତ କରିଛି। ମହାନଦୀରେ ଜଳସ୍ତର ବଢ଼ିବା ପରେ କଟକ ବଡମ୍ବା ଭଟ୍ଟାରିକା ମନ୍ଦିର ବେଢାରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି।

# ରାଜ୍ୟ ପୁଲିସକୁ ଶନି ଚଳନ

## ଖାକିରେ କଳାଦାଗ ଲଗାଇଛି ଥାନାରେ ଥାର୍ଡ ଡ଼ିଗ୍ରୀ

ଭୁବନେଶ୍ୱର, ୭ ।୭ (ସମିସ): ରାଜ୍ୟ ପୁଲିସ ସବୁକିଛି ଠିକ୍ ଚାଲିନାହିଁ। ଶନି ଦଶା ପଡ଼ିଲା ପରି ବିଭିନ୍ନ ପ୍ରସଙ୍ଗକୁ ନେଇ ପୁଲିସ ନିନ୍ଦିତ ହୋଇଛି ଓ ଲୋକଙ୍କ ଭରସା ପୁଲିସ ଉପରୁ ଉଠିବାକୁ ବସିଛି। ରାଜ୍ୟରେ ଆଇନଶୃଙ୍ଖଳା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ଥାନାରେ ଥାର୍ଡ ଡ଼ିଗ୍ରୀ, ଏପରିକି ପୁଲିସ ମାଡ଼ରେ ହାଜତରେ ଅଭିଯୁକ୍ତ ମୃତ୍ୟୁବରଣ କରୁଥିବା ଅଭିଯୋଗ ଆସିଛି। ଶାରୀରିକ ସମ୍ପର୍କ ରଖିବାକୁ ମହିଳା ଅଭିଯୋଗକାରୀଙ୍କୁ କିଛି ପୁଲିସ ବାଧ୍ୟ କରୁଛନ୍ତି। ଥାନା ପରିସରରେ ମହିଳା ଆଇଆଇସି ଫାଶୀ ଲଗାଇ ଆତ୍ମହତ୍ୟା କରୁଛନ୍ତି। ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଚାକିରି ବିକ୍ରିଠାରୁ ଘରେ ତଳିଆ କର୍ମଚାରୀଙ୍କୁ ବେଠି ଖଟାଇବା ପରି ସାଂଘାତିକ ଅଭିଯୋଗ ହୋଇଛି । ବ୍ୟବସ୍ଥାରେ ଖାପ ଖୁଆଇ ନ ପାରି ବରିଷ୍ଠ ଆଇପିଏସ୍ ପଦତ୍ୟାଗ କରୁଛନ୍ତି। ପୁଲିସ ବ୍ୟବସ୍ଥାରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥିତି ପୂର୍ବରୁ କେବେ ସୃଷ୍ଟି ହୋଇଥିବା ଦେଖାଯାଇ ନାହିଁ। ଏପରି ସ୍ଥିତି ଅତୀତରେ କେବେ ଦେଖାଯାଇ ନ ଥିଲା ।

କଟକ ଚାଉଳିଆଗଞ୍ଜ ଥାନା ପରିସରରେ ଇନ୍ସପେକ୍ଟର ବିଯୁଟି ମହାନ୍ତି ଫାଶି ଲଗାଇ ଆତ୍ମହତ୍ୟା କଲେ। ଥାନା ଭିତରେ ଜଣେ ପୁଲିସ ବିଭାଗର ଜଣେ ଗେଜେଟେଡ୍ ଅଫିସର କେବେ ବି ଆତ୍ମହତ୍ୟା କରିଥିବା ପ୍ରାୟ କେହି ଶୁଣି ନାହାନ୍ତି। ରାଜ୍ୟ ପୁଲିସର ଏଭଳି ଦୁଃଖଦ କାହାଣୀ ମନରୁ ଲିଭି ନଥିଲା ବେଳେ ଭୁବନେଶ୍ୱରରେ ଡିସିପିଙ୍କ ଇସ୍ତଫା କଥା ସାମ୍ନାକୁ ଆସିଲା। କମିଶନରେଟ୍

- ନିଶା କାରବାରରେ ପୁଲିସ ବାବୁଙ୍କ ସମ୍ପୃକ୍ତି
- 'ଫେବର' ମାଗୁଛନ୍ତି ପୁଲିସ ଅଧିକାରୀ
- ଥାନା ଭିତରେ ଆଇଆଇସିଙ୍କ ଆତ୍ମହତ୍ୟା
- ଚାକିରି ଛାଡୁଛନ୍ତି ଆଇପିଏସ୍ ଅଧିକାରୀ

ପୁଲିସ ଇତିହାସରେ ଏଭଳି ଅଚାନକ ଭାବେ କୌଣସି ଆଇପିଏସ୍ ଅଧିକାରୀ କେବେ ବି ଇସ୍ତଫା ଦେଇ ନ ଥିଲେ। ଡିସିପି ଜଗମୋହନ ମୀନା ଚାକିରିରେ ଏଭଳି ବୀତସ୍ପୃହ ହେଲେ ଯେ ସମ୍ମାନଜନକ ଆଇପିଏସ୍ ଚାକିରି ଛାଡି ବେସରକାରୀ ଚାକିରି କରିବାକୁ ମନ ବଳାଇଲେ।

ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ହାଜତମୃତ୍ୟୁ ଏବଂ ଥାର୍ଡ ଡିଗ୍ରୀ ମାମଲା ରେକଡର୍ ଭାଙ୍ଗିଛି। ଗଞ୍ଜାମ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଜଣେ ଯୁବ ଆଇପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। କେନ୍ଦ୍ରପଡ଼ା ତାଳଚୁଆ ମେରାଇନ୍ ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ଅଭିଯୁକ୍ତ ଆଇଆଇସି ସନ୍ଧ୍ୟାରାଣୀ ଜେନା ନିଲମ୍ବିତ ହୋଇ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ମହିଳା ଅଭିଯୋଗକାରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇ ଖଣ୍ଡପଡ଼ା ପୂର୍ବତନ ଏସ୍‌ଡିପିଓ ମଦନମୋହନ ପ୍ରଧାନ ଏବଂ ଶରଣକୂଳ ଥାନା ପୂର୍ବତନ ଆଇଆଇସି ସୁଜିତ କୁମାର ଦାସ ଫେରାର ହୋଇଛନ୍ତି ଓ ଏବେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି ।

ନିଶା କାରବାର ଏବଂ ଗୋମାଫିଆଙ୍କ ସହ ହାତ ମିଳାଇବା ଅଭିଯୋଗରେ ଏକାଧିକ ପୁଲିସ କର୍ମଚାରୀ ନିଜ ଚାକିରି ହରାଇବାରେ ଲାଗିଛନ୍ତି। ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଧି ଗଞ୍ଜେଇ ମାଫିଆଙ୍କ ସହ ହାତ ମିଳାଇବା ନେଇ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। ଥାନାରେ ଲାଞ୍ଚ କାରବାର ତ ସାଧାରଣ ଘଟଣାରେ ପରିଣତ ହୋଇଛି। ୨୦୨୬ ମସିହାରେ ପୁଲିସ ଯେତିକି ବଦନାମ ହୋଇଛି କେଉଁ ବର୍ଷ ଏଭଳି ହୋଇନାହିଁ ବୋଲି ନାମ ଗୋପନ ରଖିବା ସର୍ତ୍ତରେ କିଛି ପୁଲିସ କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି।

ପୁଲିସ ଉପସ୍ଥିତିରେ ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅତିରିକ୍ତ ଡିଜି ଦୟାଳ ଗଙ୍ଗୱାରଙ୍କ ପ୍ରଥମ ୱିକେଟ୍ ଗଳିଥିଲା। ପ୍ରଥମ ଥର ପାଇଁ ଜଣେ ଏଡିଜି ସ୍ତରୀୟ ଅଧିକାରୀଙ୍କୁ ନିଲମ୍ବନ କରାଗଲା। ସେପଟେ ଜେଲ ବିଭାଗ ଡିଜିଙ୍କ ବିରୋଧରେ ଖୋଦ ଶାସକ ଦଳର ଜଣେ ସାଂସଦ ଥାନାରେ ଏତଲା ଘଟଣା ଛୋଟ ବୋଲି କୁହାଯାଇ ପାରିବ ନାହିଁ। କଏଦୀ ଖସାଇବା ମାମଲାରେ ତାଙ୍କର ହାତ ଥିବା ଦର୍ଶାଇ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ତଦନ୍ତ ଆରମ୍ଭ ହୋଇନାହିଁ। ଯଦି ଏହାର ତଦନ୍ତ ଆରମ୍ଭ କରାଯାଏ ତେବେ ବହୁ ଲୋକେ ଅଡୁଆରେ ପଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଲୋକଙ୍କ ସ୍ୱର ଚାପିବାକୁ ବିଜେପିର ଉଦ୍ୟମ: ବିଜେଡି

## ଅନ୍ୟାୟ ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୭।୭ (ସମିସ): ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମାଲୋଚନାର ଶିକାର ହେଉଛି ବିଜେପି ସରକାର। ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତ ପ୍ରକାଶ କରୁଥିବା ଲୋକଙ୍କୁ ବିଜେପିର ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହା ଏକପ୍ରକାର ଏକଛତ୍ରବାଦ ଓ ଏହା ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ବିଜେଡି ।

ମଙ୍ଗଳବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ପ୍ରତାପ ଜେନା କହିଛନ୍ତି ଯେ ନିଜ କାର୍ଯ୍ୟ ପାଇଁ ସୋସିଆଲ ମିଡିଆରେ ଲୋକେ ବିଜେପିକୁ ସମାଲୋଚନା କରୁଛନ୍ତି। ଯେଉଁମାନେ ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତପ୍ରକାଶ କରୁଛନ୍ତି, ସେମାନଙ୍କୁ ଗିରଫ କରିବା ସହ ଥାନାକୁ ଡାକି ଭୟଭୀତ କରାଯାଉଛି। ସେମାନଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ନିଷ୍କ୍ରିୟ କରାଯାଉଛି, ଲୋକଙ୍କ ସ୍ୱର ଚାପି ଦେବାକୁ ଉଦ୍ୟମ ହେଉଛି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ବନ୍ଦ କରିଦିଆଯାଇଛି। ବିଜେପି ସରକାରଙ୍କୁ ବିରୋଧ କରିବାରୁ କଟକର ବିଶ୍ୱଜିତ ସାହୁଙ୍କୁ ଟାର୍ଗେଟ କରି ଗିରଫ କରାଯାଇଛି । ମାତ୍ର ଅନ୍ୟ ଦଳର ନେତାଙ୍କ ଚରିତ୍ର ସଂହାର କରୁଥିବା ବିଜେପି ଆଇଟି ସେଲ ଲୋକଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଲେ ଆକ୍ରୋଶର ଶିକାର ହେବାକୁ ପଡୁଛି । ଗିରଫ କରି ପୁଲିସ ବାହାବା ନେଉଛି।

ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଥିଲେ ଯେ ପୁଲିସର ଦି'ଟା ଆଇନ । ସରକାରଙ୍କୁ ସମାଲୋଚନା କଲେ କାର୍ଯ୍ୟାନୁଷ୍ଠାନ, ମାତ୍ର ବିରୋଧୀଙ୍କୁ ଗାଳିଗୁଲଜ କଲେ ସୁରକ୍ଷା ପ୍ରଦାନ। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ବିରୁଦ୍ଧରେ କୁତ୍ସିତ ଟିପ୍ପଣୀ ଦେଉଥିବା



ସରକାର ଓ ବିଜେପି ବିରୋଧରେ ତୁଣ୍ଡ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେଉଛି; ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଅପପ୍ରଚାର କରୁଥିବା ଲୋକଙ୍କ ବିରୋଧରେ ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ିବା ପ୍ରତି ଧ୍ୟାନ ନ ଦେଇ ସୋସିଆଲ ମିଡିଆରେ ମତପ୍ରକାଶ କରୁଥିବା ଲୋକଙ୍କୁ ଲୋକଙ୍କୁ ପୁଲିସ ସୁରକ୍ଷା ଦେଉଛି। ଆଇଟି ସେଲ୍‌କୁ ବ୍ୟବହାର କରି ବିଜେପି ରାଜ୍ୟରେ ରାଜନୈତିକ ବିରୋଧୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛି । ଯିଏ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ତାଙ୍କୁ ଗିରଫ କରାଯାଉଛି। ସରକାର ଯଦି ଏଥିରୁ କ୍ଷାନ୍ତ ନ ରୁହେ, ତେବେ ଆଗାମୀ ଦିନରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତି ଚିଠି ଜାଲ୍

ଭୁବନେଶ୍ୱର, ୭ ।୭ (ସମିସ): ଅର୍ଥ ବିଭାଗର ଅନୁମୋଦନ କ୍ରମେ ଶିଶୁ ବାଟିକା ଶ୍ରେଣୀରେ ୭୨୩୪ ଜଣ ଶିକ୍ଷକ ନିଯୁକ୍ତି ହେବା ନେଇ ଗତକାଲି ଏକ ଚିଠି ଭାଇରାଲ୍ ହୋଇଥିଲା। ମାତ୍ର ଚିଠି ସମ୍ପୂର୍ଣ୍ଣ ଜାଲ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଚିଠି ସଂଖ୍ୟା

## ସ୍ପଷ୍ଟୀକରଣ ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା ଗଣଶିକ୍ଷା ବିଭାଗ

୧୦୯୧୧/ଏଫ୍, ତା୨୪.୦୪.୨୦୨୬ ନାମରେ ଏକ ଅନଧିକୃତ ଚିଠି ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଓସେପା ଅଧୀନରେ ୭୨୩୪ ଶିଶୁ ବାଟିକା ଶିକ୍ଷକ ପଦ ସୃଷ୍ଟି ଓ ନିଯୁକ୍ତି ଏବଂ ମାସିକ ୨୬ହଜାର ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ମିଥ୍ୟା ଦାବି କରାଯାଇଛି। ଏହା ଜାଲ୍ ଓ ଅନଧିକୃତ । ଅର୍ଥ ବିଭାଗ ଏପରି କୌଣସି ପ୍ରସ୍ତାବକୁ ଅନୁମୋଦନ ଦେଇନାହିଁ। ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖାରେ ଏହାର କୌଣସି ଆଧାର ନାହିଁ। ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ ଏବଂ ଏହି ଘଟଣା ଉପରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମ୍ୟାଲେରିଆରେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

# ବାଇକ୍‌ରେ ମୃତଦେହ ବୋହିଲେ ପରିବାର



ରାୟଗଡ,୭।୭ (ସମିସ): ରାୟଗଡ ଜିଲ୍ଲାରେ ପୁଣି ମ୍ୟାଲେରିଆ ଜଣେ ଛାତ୍ରଙ୍କ ଜୀବନ ନେଇଛି। ଛାତ୍ରଙ୍କ ମୃତ୍ୟୁ ପରେ କୌଣସି ଗାଡି ନ ମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ ବାଇକ୍‌ରେ ମୃତଦେହ ଘରକୁ ନେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମୃତ ଛାତ୍ର ହେଲେ କୋଲନରା ବ୍ଲକ ସୂରୀ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଚନ୍ଦୁ ଉଲାକା (୧୦)। ସେ ମଙ୍ଗଳ ବିଭାଗ ଛାତ୍ରାବାସରେ ରହି ପାଠ ପଢୁଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧଦେବ ତାଡିଙ୍ଗି କହିଛନ୍ତି ଯେ, ଗତ ଶୁକ୍ରବାର ଦିନ ଚନ୍ଦୁ ବିଦ୍ୟାଳୟକୁ ଆସିଥିବା ବେଳେ ତାହାର ସ୍ୱାସ୍ଥ୍ୟବସ୍ଥା ଭଲ ଥିଲା। ଗତ ସୋମବାର ଦିନ ସ୍ଥାନୀୟ ଆଶା ଦିଦି, ଏଏନଏମ ଓ ସୁପରଭାଇଜର ଟିମ୍ ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ରକ୍ତ ପରୀକ୍ଷା କରିଥିଲେ। ଏଥିରେ ଦୁଇଜଣ ଛାତ୍ର ମେଲେରିଆ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଥିରେ ଚନ୍ଦୁର ପଜିଟିଭ ବାହାରିଥିଲା। ଦୁଇ ଛାତ୍ରଙ୍କୁ ମେଲେରିଆ ଔଷଧ ଦିଆଯାଇଥିଲା। ତେବେ ମଙ୍ଗଳବାର ଦିନ ଚନ୍ଦୁର ବାପା ରମେଶ ଉଲାକା ଓ ପରିବାର ଲୋକେ ବିଦ୍ୟାଳୟକୁ ଆସ ଚନ୍ଦୁକୁ ଘରକୁ ନେଇ ଚିକିତ୍ସା କରିବା ପାଇଁ କହିଥିଲେ। ସେ ମନା କରିବାରୁ ଲିଖିତ ଭାବେ ନିଜ ଦାୟିତ୍ୱରେ ନେବା ପାଇଁ କହି ପରିବାର ଲୋକେ ଚନ୍ଦୁକୁ ଲାଲବି ଗାଁକୁ ନେଇ ଯାଇଥିଲେ। ଆଜି ଅପରାହ୍ନରେ ଚନ୍ଦୁକୁ କୋଲନରା ସିଏଚସିକୁ ଅଣାଯାଇଥିବା ବେଳେ ସାଢେ ୩ ଟା ବେଳେ ତାର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୃତଦେହ ଘରକୁ ନେବା ପାଇଁ କୌଣସି ଗାଡ଼ିର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଶବକୁ ବାଇକ୍‌ରେ ନିଜ ଗାଁକୁ ନେଇଥିଲେ। ମଙ୍ଗଳ ବିଭାଗ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଠିକ୍ ଭାବେ ପାଳନ ହେଉ ନଥିବା ଅଭିଯୋଗ ହେଉଛି।

# ଏଣିକି ନିୟମ ଭାଙ୍ଗିଲେ ଜବତ ହେବ ଗାଡ଼ି

କଟକ,୭ ।୭ (ସମିସ): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ପାଇଁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଗରୁ ନିୟମ ଉଲ୍ଲଙ୍ଘନ ପାଇଁ ଅଧିକାଂଶ କ୍ଷେତ୍ରରେ ଚାଲାଣ ଜାରି କରି ଗାଡ଼ି ଛାଡ଼ି ଦିଆଯାଉଥିଲା ବେଳେ ଏଣିକି ଗାଡ଼ି ଜବତ କରାଯିବ। ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନ ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଗତ ଏପ୍ରିଲ ପହିଲାରୁ ଜୁନ ୩୦ ପର୍ଯ୍ୟନ୍ତ ୩ମାସ ଅବଧି ସମୟରେ ହୋଇଥିବା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ଟି ଗାଡ଼ି ଜବତ ହୋଇଛି। ଏଣିକି ଯଦି ବିନା ଫିଟନେସରେ ଚଳାଚଳ କରୁଥିବା ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜୀକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ




ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପରେ ପଞ୍ଜୀକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଇଆସୁଛି। କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି ବୋଲି ପ୍ରାଧୀକରଣ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ ବାହାନ ଏବଂ ଇ-ଚାଲାଣ ଡ୍ୟାସବୋର୍ଡରେ ଆଲର୍ଟ ବ୍ୟବସ୍ଥାର ସହାୟତା ମଧ୍ୟ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ସଡ଼କ ଦୁର୍ଘଟଣା ହ୍ରାସକୁ ମିସନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନ ହେବାକୁ ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି।

## ଦୁଇ ଦିନରେ ୪୭୮ ଚାଲାଣ

କଟକ,୭ ।୭ (ସମିସ): ବିନା ଫିଟନେସରେ ଚାଲୁଥିବା ଗାଡ଼ି ବିରୋଧରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଦୁଇଦିନ ମଧ୍ୟରେ (ଜୁଲାଇ ୫ ଓ ୬) ମୋଟ ୩,୦୫୭ଟି ଗାଡ଼ି ଯାଞ୍ଚ କରାଯାଇ ୪୭୮ଟି ଚାଲାଣ କଟାଯାଇଛି। ବିନା ପରମିଟ୍‌ରେ ଗାଡ଼ି ଚାଳନା ଯୋଗୁଁ ୬୫ଟି ଏବଂ ଉଭୟ ନିୟମ ଉଲ୍ଲଙ୍ଘନ କରିଥିବା ଯୋଗୁଁ ୧୭୨ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ୩୦୫ଟି ଗାଡ଼ି ଯାଞ୍ଚ କରିଥିବା ବେଳେ ଗଞ୍ଜାମ ଆରଟିଓ ୨୯୭ଟି, କଟକ ଆରଟିଓ ୨୦୧ଟି, ଚଣ୍ଡିଖୋଲ ଆରଟିଓ ୧୯୮ଟି ଏବଂ ମୟୂରଭଞ୍ଜ ଆରଟିଓ ୧୪୮ଟି ଗାଡ଼ି ଯାଞ୍ଚ କରିଛନ୍ତି। ବିନା ପଞ୍ଜୀକରଣ କିମ୍ବା ଫିଟନେସ ପରି ନିୟମ ଉଲ୍ଲଙ୍ଘନ ପାଇଁ ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ପକ୍ଷରୁ ୭୨ଟି ଚାଲାଣ ଜାରି କରାଯାଇଥିବା ବେଳେ କଟକ ଆରଟିଓ ୬୧ଟି, ଚଣ୍ଡିଖୋଲ ଆରଟିଓ ୩୫ଟି, ବାଲେଶ୍ୱର ଆରଟିଓ ୨୪ଟି ଏବଂ ଝାରସୁଗୁଡ଼ା ଆରଟିଓ ୧୫ଟି ଚାଲାଣ ଜାରି କରିଛନ୍ତି। ସେହିପରି ବିନା ପରମିଟ୍‌ରେ ଗାଡ଼ି ଚାଳନା ବିରୋଧରେ ଝାରସୁଗୁଡ଼ା ଆରଟିଓ ୭ଟି, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆରଟିଓ ୬ଟି ଲେଖାଏଁ ଏବଂ କଟକ ଓ ଗଞ୍ଜାମ ଆରଟିଓ ପକ୍ଷରୁ ୫ଟି ଲେଖାଏଁ ଚାଲାଣ ଜାରି କରାଯାଇଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ଉଷ୍ମତା

ଭୁବନେଶ୍ୱର, ୭ ।୭ (ସମିସ): ଚଳିତ ବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ପାଇଁ ଉଷ୍ମମ ହେଲାଣି ଶିକ୍ଷାୟତନ। ନିର୍ବାଚନ ନେଇ ବିଭିନ୍ନ ଛାତ୍ର ସଂଗଠନ ପ୍ରସ୍ତୁତି ଆରମ୍ଭ କଲେଣି। ରାଜ୍ୟରେ ସରକାର ଆସିଲେ ଛାତ୍ରସଂସଦ ନିର୍ବାଚନ କରାଯିବ ବୋଲି ବିଜେପି ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇପାରି ନାହିଁ। ଗତ ୨ ବର୍ଷ ହେଲା ନିର୍ବାଚନ ହୋଇ ନ ଥିବାବେଳେ ଚଳିତ ବର୍ଷ ନିର୍ବାଚନ ହେବ ବୋଲି କୁହାଯାଉଛି । ଫଳରେ ଶିକ୍ଷାବର୍ଷ ଆରମ୍ଭରୁ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ନିର୍ବାଚନ କସରତ ଆରମ୍ଭ ହେଲାଣି।

**ହେଲ୍ପ ଡେସ୍କ ଓ ବିଭିନ୍ନ କାର୍ଯ୍ୟକ୍ରମ କରି ନବାଗତଙ୍କ ସହ ଯୋଡ଼ି ହେବାକୁ ପ୍ରୟାସ**

୨୦୨୪-୨୫ ଶିକ୍ଷାବର୍ଷରେ ଛାତ୍ରସଂସଦ ନିର୍ବାଚନ କରିବାକୁ ବିଚାର କରୁଥିବା କହି ଶେଷ ମୁହୂର୍ତ୍ତରେ ନିର୍ବାଚନ କରାଇ ନ ଥିଲେ ବିଜେପି ସରକାର। ସମୟ ଅଭାବ ଓ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯାଉଥିବା କହି ନିର୍ବାଚନ ଏଡ଼ାଇ ଯାଇଥିଲେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷରୁ କ୍ୟାମ୍ପସ୍‌ରେ ନିର୍ବାଚନ ହେବ ବୋଲି ସରକାର ଓ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷ ମୂହୁର୍ତ୍ତରେ ଅସମ୍ଭବ ନିରବତା ଅବଲମ୍ବନ କରିଥିଲେ । ଚଳିତ ବର୍ଷ ସରକାର ନିର୍ବାଚନ ହେବା ନେଇ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଦୁଇବର୍ଷ ହେଲା ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଉଥିବାରୁ ଚଳିତ ବର୍ଷ ନିର୍ବାଚନ ହେବ ବୋଲି ଛାତ୍ର ସଂଗଠନମାନେ ଆଶା ରଖିଛନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କ ସହ ଯୋଡ଼ି ହେବା ଲାଗି ବିଭିନ୍ନ ଦଳର ଛାତ୍ର ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସ୍ନାତକ ନାମଲେଖା ଆରମ୍ଭ ହୋଇଥିବାବେଳେ ନବାଗତ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିବା ଓ ସହଯୋଗ ପାଇଁ ଛାତ୍ର ସଂଗଠନଗୁଡ଼ିକ ହେଲ୍ପ ଡେସ୍କ ଖୋଲିଛନ୍ତି। ସ୍ୱାଗତ କରିବା ବେଳେ ସଂଗଠନର ପୁସିଂ କାର୍ଡ ପ୍ରଦାନ କରୁଛନ୍ତି। ଆଗକୁ ଚାରାରୋପଣ, ବନ୍ଧୁମିଳନ ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଶିକ୍ଷାର୍ଥୀଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି। ଇତି ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ସଂଗଠନ ସୁଦୃଢ଼ ନ ଥିବା ଶିକ୍ଷାନୁଷ୍ଠାନରେ ବଳ ଗୋଟାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ପୂର୍ବରୁ ବିସିଜେଡି ସମେତ ଏନ୍‌ଏସ୍‌ୟୁଆଇ, ଏଆଇଏସ୍‌ଏଫ୍, ଏଆଇଡିଏସ୍‌ଓ ପରି ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ସେମାନଙ୍କ ସଂଗଠନକୁ ସକ୍ରିୟ କରୁଛନ୍ତି।

# କଲରାପତରିଆ ବାଘର ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମପୁର/କବିସୂର୍ଯ୍ୟନଗର,୭।୭ (ସମିସ)



ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଜରଡ ପାହାଡ ନିକଟସ୍ଥ ଜଙ୍ଗଲରେ ଏକ ନିମ ଗଛରେ କଲରାପତରିଆ ବାଘର ମୃତ ଦେଶ ଠାବ କରାଯାଇଛି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଖଲ୍ଲିକୋଟ ବନାଞ୍ଚଳ ଅନ୍ତର୍ଗତ ଜରଡ ପାହାଡ ନିକଟରେ ଏହି ଘଟଣା ଘଟିଥିବା ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚିଥିଲା। ମୃତ ବାଘର ବୟସ ଅଢ଼େଇ ବର୍ଷ ଏବଂ ଏହା ଏକ ପୁରୁଷ ବାଘ ହୋଇଥିବା ବନବିଭାଗ ସ୍ପଷ୍ଟ କରିଛି। ତେବେ ବାଘର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ଏହା ବାରହା ଶିକାର ପାଇଁ ବିଛା ଯାଇଥିବା ଫାଶରେ ବାଘ ପଡ଼ି ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ବନବିଭାଗ ଜାଣିପାରିଥିବା ଆଞ୍ଚଳିକ ବନ ସଂରକ୍ଷକ ବିଶ୍ୱନାଥ ନୀଲାନଭର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫାଶରେ ପଡିବା ପରେ କଲରାପତରିଆ ବାଘଟି ଅନ୍ୟ ଉପାୟ ନ ପାଇ ଗଛ ଉପରେ ଚଢି ଯାଇଥିଲା ଏବଂ ସେଠାରେ ଆଜି ପୂର୍ବାହ୍ନରେ ହିଁ ମୃତ୍ୟୁବରଣ କରିଥିଲା। ଘଟଣାରେ ବର୍ତ୍ତମାନ ସୁଦ୍ଧା ୩ଜଣଙ୍କୁ ଅଟକ ରଖାଯାଇ ଜେରା କରାଯାଉଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମୃତ ବାଘର ମରଶରୀରର ବ୍ୟବଚ୍ଛେଦ ପରେ ହିଁ ବାଘ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସେପଟେ ବ୍ରହ୍ମପୁର ବନଖଣ୍ଡରେ ୩ଟି କଲରାପତରିଆ ବାଘ ଥିବା ନିକଟରେ ହୋଇଥିବା ବାଘ ଗଣରା ସମୟରେ ସ୍ପଷ୍ଟ ହୋଇଥିଲା। ବର୍ତ୍ତମାନ ଗୋଟିଏ ବାଘର ମୃତ୍ୟୁ ହୋଇଥିବା ବେଳେ ଏହି ବନଖଣ୍ଡରେ ଆଉ ଦୁଇଟି କଲରାପତରିଆ ବାଘ ଥିବା କହିଛନ୍ତି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ବା ଡିଏଫଓ ସନ୍ନି ଖୋକର। ବାଘ ଗଣନା ସାଧାରଣତଃ କ୍ୟାମେରା ଜରିଆରେ ବାଘଙ୍କ ଗତିବିଧି, ପାଦଚିହ୍ନ ଓ ଝାଡାରୁ ସ୍ପଷ୍ଟ ହୋଇଥାଏ। ତେବେ ଏହା ଶତକଡା ଶତ ପ୍ରତିଶତ କହିବା ମଧ୍ୟ ସମ୍ଭବପର ହୋଇନଥାଏ। ତେବେ ନିକଟରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ଓ ଜରଡା ଇଲାକାରେ ୩ଟି ବାଘ ଛାଲ ଜବତ ସହିତ ଏଥିରେ ସମ୍ପୃକ୍ତ ଶିକାରୀଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ବ୍ୟକ୍ତିବିଶେଷ ଗଜପତି ଜିଲ୍ଲାର ହୋଇଥିବା ବେଳେ ଜବତ ବାଘଛାଲ ମଧ୍ୟ ବ୍ରହ୍ମପୁର ବନଖଣ୍ଡର ନୁହେଁ ବରଂ ଗଜପତିର ହୋଇଥାଇପାରେ ବୋଲି କହିଛନ୍ତି ବ୍ରହ୍ମପୁର ଡିଏଫଓ ସନ୍ନି ଖୋକର।

● ବେଳାଭୂମି ଅବକ୍ଷୟ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ଗଞ୍ଜାମ,୭।୭ (ସମିସ): ସମୁଦ୍ରର ଉଚ୍ଚ ଜୁଆର ଯୋଗୁଁ ଗୋଖର କୁଦା ଠାରୁ ପୋଡମ ପେଟା, ବଟେଶ୍ୱର ବେଳାଭୂମି ଦେଇ ପ୍ରାୟଗି ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ସରକାର କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଦାବିରେ ଆସନ୍ତା ୮ ରେ ଆନ୍ଦୋଳନକୁ ଓଲହାଇବ ବୋଲି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ ପକ୍ଷରୁ ଡାକରା ଦିଆଯାଇଥିଲା। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ତାହା ସ୍ଥଗିତ ରଖା ଯାଇଥିବା ଉପକୂଳ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ଏନେଇ କଣ୍ଟିଆଗଡ଼ ନିକଟରେ ଥିବା ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉପକୁଳ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ ତୃତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପବିତ୍ର ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଶିବରାମ ପଲାଇ, ବୃନ୍ଦାବନ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ବଳିଆ ତରାଇ, ନାରାୟଣ ପ୍ରଧାନ, ଅଜୟ ପ୍ରଧାନ, ରଞ୍ଜିତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ଗ୍ରାମବାସୀମାନେ ଜିଲ୍ଲାପାଳ ପାଖକୁ ଯାଇ ସମୁଦ୍ର ଉପକୂଳ ଅବକ୍ଷୟ ବିଷୟରେ ଅବଗତ କରାଇ ଆଗାମୀ ୮ ତାରିଖ ରେ ଆନ୍‌ଦୋଳନ କରି ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଥିଲେ ଏବଂ ଜିଲ୍ଲାପାଳ ମହୋଦୟ ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନଙ୍କୁ ସ୍ଥଗିତ କରାଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି।

## ଗାଣ୍ଡୁ ନାହାକ ହାଇସ୍କୁଲରେ ବନ ମହୋତ୍ସବ



ଗଞ୍ଜାମ,୭।୭ (ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ସ୍ଥିତ ଗାଣ୍ଡୁ ନାହାକ ହାଇ ସ୍କୁଲରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝାଡେଶ୍ୱର ପଲେଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେଶପୁର ସେକ୍ସନ ବନ୍ୟ ପ୍ରାଣୀ ବନପାଳ ବଳରାମ ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳ କୃଷ୍ଣ ମହାରଣା, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ପୂର୍ବତନ ସରପଞ୍ଚ ତୋଫାନ ନାହାକ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଁଛଣା ପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶେଷଦେବ ବେହେରା ସଂଯୋଜନା କରିଥିଲେ। ସଭାର ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିରଞ୍ଚି ନାହାକ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟ ଛାତ୍ରୀ ବିଷ୍ଣୁପ୍ରିୟା ନାହାକ ଓ ଶୁଭଲକ୍ଷ୍ମୀ ନାହାକଙ୍କ ଦ୍ୱାରା ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ପ୍ରଦର୍ଶନ ହୋଇଥିଲେ। ଶିକ୍ଷକ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସଞ୍ଜୀବ ନାୟକ, ବନରକ୍ଷୀ ତପନ ଜେନା, ଅରୁନ୍ଧତୀ ପୋଡା, ସ୍କାଡ ସଦସ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ପୁଲିସ ଉପସ୍ଥିତିରେ ନାବାଳିକାର ଶବଦାହ ହେଲା

ପାତ୍ରପୁର ୭/୭ (ସମିସ ): ପୁରୁଷ ବନ୍ଧୁ ଘରରୁ ନାବାଳିକାଙ୍କ ମୃତ ଦେହ ଉଦ୍ଧାର ଘଟଣାରେ ମଙ୍ଗଳବାରରେ ପୁରୁଷ ବନ୍ଧୁ ଅଜୟ ନାଇକକୁ ଜରଡ଼ା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୂର୍ବରୁ ପୋଲିସ ସନ୍ଦେହ କରି ପୁରୁଷ ବନ୍ଧୁଙ୍କୁ ଅଟକ ରଖି ପଚାର ଉଚରା କରୁଥିବା ବେଳେ ଅଭିଯୁକ୍ତ ଅଜୟ ନିଜେ ମାରିଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ପୋଲିସ ଉପସ୍ଥିତିରେ ଶୋକାକୁଳ ପରିବେଶ ମଧ୍ୟରେ ଶବଦାହ ହୋଇଥିବା ଜଣାପଡିଛି।

## ପଦ୍ମଶ୍ରୀ ସୀମାଞ୍ଚଳଙ୍କୁ ଓଡ଼ିଶା ପ୍ରହଲ୍ଲାଦ ନାଟକ ମହସଂଘ ପକ୍ଷରୁ ସମ୍ବର୍ଦ୍ଧନା

ସାନଖେମୁଣ୍ଡି,୭।୭ (ସମିସ) : ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମୋକେଇ ଗ୍ରାମର ବିଶିଷ୍ଟ ଲୋକନାଟ୍ୟ କଳାକାର ଓ ପ୍ରହଲ୍ଲାଦ ନାଟକର ନୃତ୍ୟଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନରେ ଭୂଷିତ କରିଛନ୍ତି। ଏହି



ଖବର ପ୍ରକାଶ ପାଇବା ପରେ ଓଡ଼ିଶା ପ୍ରହଲ୍ଲାଦ ନାଟକ ମହସଂଘ ପକ୍ଷରୁ ସାନଖେମୁଣ୍ଡି ବ୍ଲକ ବୁଧେଶ୍ୱର ମନ୍ଦିର ପରିସରରେ ଆୟୋଜିତ ବୈଠକରେ ପଦ୍ମଶ୍ରୀ ସମ୍ମାନ ସୀମାଞ୍ଚଳ ପାତ୍ର ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ଅନୁଷ୍ଠାନର ସମ୍ପାଦକ ତଥା ନୃତ୍ୟଗୁରୁ ଆଲୋକ ବିଷୋୟୀ, ସଭାପତି ପଙ୍କଜ ନୟନ ନାୟକଙ୍କ ସମେତ ବିଭିନ୍ନ ଗ୍ରାମର ପ୍ରହଲ୍ଲାଦ ନାଟକର କଳାକାର ଉପସ୍ଥିତ ଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ପଦ୍ମଶ୍ରୀ ସମ୍ମାନ ଶ୍ରୀ ପାତ୍ରଙ୍କୁ ବୁଧେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ମନ୍ଦିର ପରିଚାଳନ କମିଟିର ମୁଖ୍ୟ ଉପଦେଷ୍ଟା ଡ.କୈଳାଶ ଚନ୍ଦ୍ର ସ୍ୱାଇଁ, ଭାରତଲୀଳା ଗୁରୁ ସନ୍ତୋଷ କୁମାର ପାଢ଼ୀ, ଉପ ସଭାପତି ଏ. ମାଧବ ରେଡି, ସମ୍ପାଦକ ରଞ୍ଜନ ସାହୁ, ଶ୍ୟାମ ସୁନ୍ଦର ଦୋରା, ନାଗେଶ ରେଡି, ଜଗନ୍ନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରହଲ୍ଲାଦ ନାଟକ ଏବଂ ଲୋକକଳାର କିଭଳି ପ୍ରଚାର ଓ ପ୍ରସାର ହେବ ଏନେଇ ଅତିଥିମାନେ ନିଜର ବକ୍ତବ୍ୟ ରଖିଥିଲେ।

## ୧୮ ରେ ସ୍ୱତନ୍ତ୍ର ଲୋକ ଅଦାଲତ

ବ୍ରହ୍ମପୁର,୭।୭ (ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ) ଗଞ୍ଜାମ ପକ୍ଷରୁ ଆସନ୍ତା ୧୮ ତାରିଖରେ ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲାଗୁଡ଼ିକର ଆପୋଷ ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ ହେବ। ଏହି ସ୍ୱତନ୍ତ୍ର ଲୋକ ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୀର୍ଘଦିନ ଧରି ବିଚାରାଧୀନ ଥିବା ଏନ୍.ଆଇ. ଆକ୍ଟ ଅଧୀନ ମାମଲାଗୁଡ଼ିକର ପରସ୍ପର ଆଲୋଚନା, ଆପୋଷ ବୁଝାମଣା ଓ ସହମତି ମାଧ୍ୟମରେ ଶୀଘ୍ର, ସରଳ ଓ ସ୍ଥାୟୀ ସମାଧାନ କରିବା। ଲୋକ ଅଦାଲତରେ ହୋଇଥିବା ଆପୋଷ ସମାଧାନକୁ ଆଇନଗତ ସ୍ୱିକୃତୀ ମିଳିଥାଏ ଏବଂ ଏହାର ରାୟ ଏକ ସାଧାରଣ ସିଭିଲ କୋର୍ଟର ଡିକ୍ରି ସହ ସମାନ ଭାବରେ ବଳବତ୍ତର ହୋଇଥାଏ। ଏହି ନିଷ୍ପତ୍ତି ବିରୋଧରେ ସାଧାରଣତଃ କୌଣସି ଅପିଲର ସୁଯୋଗ ନଥିବାରୁ ଉଭୟ ପକ୍ଷ ଶୀଘ୍ର ଓ ଚୂଡ଼ାନ୍ତ ସମାଧାନ ପାଇପାରନ୍ତି। ଲୋକ ଅଦାଲତରେ ସମାଧାନ ହୋଇଥିବା ମାମଲାରେ ଆଇନ ଅନୁଯାୟୀ କୋର୍ଟ ଫି ଫେରସ୍ତ ପାଇବାର ମଧ୍ୟ ବ୍ୟବସ୍ଥା ରହିଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ଏନ୍.ଆଇ.ଆକ୍ଟ, ୧୮୮୧ ଅନ୍ତର୍ଗତ ମାମଲାରେ ସମ୍ପୃକ୍ତ ମାମଲାକାରୀ, ଅଭିଯୁକ୍ତ, ଅଧିବକ୍ତା, ବ୍ୟାଙ୍କ ଅଧିକାରୀ ଏବଂ ସମସ୍ତ ସଂପୃକ୍ତ ପକ୍ଷଙ୍କୁ ଏହି ସ୍ୱତନ୍ତ୍ର ଲୋକ ଅଦାଲତର ସୁଯୋଗର ସଦ୍‌ବ୍ୟବହାର କରି ପରସ୍ପର ଆପୋଷ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ କରିବାକୁ ଅନୁରୋଧ କରାଯାଇଛି।

## କେବିପୁର ଡିଗ୍ରୀ କଲେଜରେ ବନମହୋତ୍ସବ

ଭଞ୍ଜନଗର,୭।୭ (ସମିସ): କ୍ଷତ୍ରିୟ ବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡଃ. ଗିରିଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉତ୍ତର ଘୁମୁସର ବନଖଣ୍ଡର ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବନପାଳ ଦିଲ୍ଲୀପ ଦାଶ ଯୋଗଦେଇ ବୃକ୍ଷରୋପଣ ପରେ ତାହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ



ଜାତୀୟସେବା ଯୋଜନା ଅଧିକାରୀ ସିମାଞ୍ଚଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧାପକ/ଅଧାପିକା/କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବେଲଗୁଣ୍ଠାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନମହୋତ୍ସବ

ବେଲଗୁଣ୍ଠା,୭।୭ (ସମିସ): ବେଲଗୁଣ୍ଠା ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନମହୋତ୍ସବ ପାଳିତ ହୋଇଯାଇଛି। ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପିଙ୍କି ପାତ୍ର ଏବଂ ଯୁବ ରେଡକ୍ରସ୍ ଡ. ପ୍ରଫୁଲ୍ଲ କୁମାର ଜେନାଙ୍କ ମିଳିତ ଉଦ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ,ସନ୍ତୋଷ କୁମାର ପାଣିଗ୍ରାହୀ,ସପନ କୁମାର ପ୍ରଧାନ,ଅଜୟ କୁମାର ବିଶ୍ୱାଳ ଏବଂ କ୍ରୀଡ଼ା ଶିକ୍ଷକ ବିଶ୍ୱ ରଞ୍ଜନ ସ୍ୱାଇଁଙ୍କ ସମେତ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଗୋବରା ନିକଟସ୍ଥ ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତାରାପ୍ରଦ ଆଚାରୀ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଇକୋକ୍ଲବ୍ ଶିକ୍ଷୟିତ୍ରୀ ଇତିଶ୍ରୀ ରଣା, ଶିକ୍ଷକ ରବି ନାରାୟଣ ଗୌଡ଼, ଅରୁଣ କୁମାର ବେହେରା, ଲିଲି ନାୟକ, ଅଶୋକ ଶତପଥୀ, ସୁପ୍ତି ମିଶ୍ର, ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିତେନ କୁମାର ଦାସ, ଶିଶିର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଚାରା ରୋପଣ ଏବଂ ଛାତ୍ରୀଙ୍କୁ ଚାରାବଣ୍ଟନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କ୍ଷେତ୍ରୀୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ମଧ୍ୟ ଅନୁଷ୍ଠାନ ଅଧ୍ୟକ୍ଷ ଡ ଗିରିଧର ନାୟକଙ୍କ ପୌରୋହିତ୍ୟରେ ୭୭



ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଗାଙ୍ଗପୁର ବାନପାଳ ଦିଲ୍ଲୀପ କୁମାର ଦାସ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍‌ର ମିଳିତ ଉଦ୍ୟମରେ ପରିଚାଳିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ଶିମଞ୍ଚଳ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## କଟକଣା ସତ୍ତ୍ୱେ ମାନୁନାହାନ୍ତି ପର୍ଯ୍ୟଟକ

ଛତ୍ରପୁର,୭।୭ (ସମିସ): ଗଞ୍ଜାମ ଜିଲ୍ଲାର ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳ ଲଂଘୁଥିବା ବେଳେ ଏହି ବେଳାଭୂମିକୁ ପର୍ଯ୍ୟଟକଙ୍କ ପାଇଁ ବାରଣ କରାଯାଉଛି। ତଥାପି ଏହାକୁ ନ ମାନି ଲୋକେ ବିପଦପୂର୍ଣ୍ଣ ଭାବେ ସେଲ୍ଫି ଉଠାଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ନିଷିଦ୍ଧାଞ୍ଚଳ ବୋର୍ଡ ଲଗାଇବା ସହିତ ଏଠାକୁ ପ୍ରବେଶ ନିଷେଧ ବୋର୍ଡ ମଧ୍ୟ ଲଗାଯାଇଛି। ଖାଲି ସେତିକି ନୁହେଁ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପୋଲିସ ମଧ୍ୟ ଅମାନିଆଙ୍କୁ ବାରମ୍ବାର ସେଠାରୁ ଘଉଡ଼ାଇବା ସହିତ ସେଠାକୁ ଯିବା ପାଇଁ ବାରଣ କରୁଥିଲେ ମଧ୍ୟ ଲୋକେ ଏହାକୁ ମାନୁ ନାହାନ୍ତି। ଗତ କିଛିଦିନ ତଳେ ସମୁଦ୍ରକୁ ଗାଧେଇବାକୁ ଯାଇଥିବା ବେଳେ ସମୁଦ୍ରରେ ବୁଡି ୨ ଜଣ ମୃତ୍ୟୁବରଣ କରିଥିଲେ। ଏଣୁ ଅଘଟଣକୁ ରୋକ ଲଗାଇବା ପାଇଁ ପ୍ରଶାସନ କଟକଣା ଜାରି ରଖିଥିଲେ ମଧ୍ୟ ଏହାକୁ ଅବମାନନା



କରାଯାଉଥିବାରୁ ଆଗାମୀ ଦିନରେ ବଡ଼ ଧରଣର ବିପଦ କୁ ଏଡାଇ ଦିଆଯାଇନପାରେ। ଅନ୍ୟପଟେ ଏନେଇ ଗ୍ରାମବାସିନ୍ଦା ମାନେ ମଧ୍ୟ ଲୋକଙ୍କ ବିପଦପୂର୍ଣ୍ଣ ଭାବେ ସେଲ୍ଫି ଉଠାଇବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବିରୁଳିଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ରମ୍ଭା,୭।୭ (ସମିସ): ମଙ୍ଗଳବାର ଦିନ ବିରୁଳିଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷକ ମହାଦେବ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରଣ ପ୍ରକାରେ ଅନୁଷ୍ଠିତ ହେବା ସହ ବିଦ୍ୟାଳୟର ସଭାପତି ସୁରେନ୍ଦ୍ର ତରାଇ (ମୁଖ୍ୟ ଅତିଥି ), ବନ କର୍ମଚାରୀ ଦେବାଶ୍ରୀ ପଟ୍ଟନାୟକ (ସମ୍ମାନିତ ଅତିଥି), ସମାଜସେବୀ ନିରଞ୍ଜନ ବେହେରା, ସୁଦର୍ଶନ ତ୍ରିପାଠୀ, ଶିକ୍ଷୟିତ୍ରୀ ସୁନନ୍ଦା ରାଣୀ ଆଚାର୍ଯ୍ୟ, ବର୍ଷାରାଣୀ ବେହେରା, ଅମୂଲ୍ୟ ବାଡ଼ତ୍ୟା ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବନ ମହୋତ୍ସବର ଲକ୍ଷ୍ୟ, ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ଫଳାଫଳ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ଶିକ୍ଷାନୁଷ୍ଠାନ ପରିସରରେ ଅମୃତଭଣ୍ଡା, ଜାମ୍ବୁକୋଳି, ଅଁଳା, ଗୁଆ ଗଛ ଡାଳିମ୍ବ, ପିଜୁଳି ଗଛ ଚାରାରୋପଣ କରାଯିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନିଜ ବାଡ଼ିରେ ଚାରାରୋପଣ କରାଯିବା ପାଇଁ ଚାରା ପ୍ରଦାନ କରାଯାଇଥିଲା।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସର**ରେ ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | **ନମିତା ପଲାଇ,** ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | **ସରସ୍ୱତୀ ବେଶ୍ରା,** ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | **ଶ୍ରୀ ପରେଶ ଭତରା,** ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | **ରାଏସିଂହ ସାନ୍ତା,** ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | **ଚନ୍ଦ୍ରଧ୍ୱଜ ମାଳି,** ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଢ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଢ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | **ଭିକି ଶଗଡିଆ,** ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | **ଶ୍ରୀ ଜୀବନ ବିଶ୍ୱାସ,** ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | **ଲିଲି ସୁନେଲ,** ବଡ଼ମାଣପୁର, ପୋ: ମଧୁପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | **ମିସ୍ ଅନିତା ସିଂହ,** ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | **ପ୍ରକାଶ ଚନ୍ଦ୍ର ସେନାପତି,** ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

# ଦିଗପହଣ୍ଡି ନୂଆ ବସ୍‌ଷ୍ଟାଣ୍ଡକୁ ଗଲା ସରକାରୀ ଓ ବେସରକାରୀ ବସ୍

ଦିଗପହଣ୍ଡି,୭।୭ (ସମିସ)



ଦିଗପହଣ୍ଡି ସ୍ଥିତ ସନ୍ଥ ଅରକ୍ଷିତ ଦାସ ବସଷ୍ଟାଣ୍ଡ ମଧ୍ୟକୁ ପୂର୍ବରୁ ହାତ ଗଣତି କେତୋଟି ବେସରକାରୀ ବସ୍ ଚଳାଚଳ କରୁଥିବା ବେଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶାସନର ଉଦ୍ୟମ କ୍ରମେ ବସଷ୍ଟାଣ୍ଡ ଭିତରକୁ ସମସ୍ତ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଥିବା ଜଣାପଡିଛି। ଦିଗପହଣ୍ଡିସ୍ଥିତ ନୂଆ ବସଷ୍ଟାଣ୍ଡକୁ ଯାତ୍ରୀବାହୀ ବସ ଗୁଡ଼ିକ ପ୍ରବେଶ କରୁନଥିଲା।

ଏହି ସବୁ ସରକାରୀ ଓ ବେସରକାରୀ ବସ୍ ଗୁଡ଼ିକୁ ନୂଆ ବସଷ୍ଟାଣ୍ଡକୁ ଯିବା ପାଇଁ ବାରମ୍ବାର ତାଗିଦ ଓ ଜରିମନା ପାଇଁ ନୋଟିସ ଦେବା ସହିତ ଏନ୍‌ଏସି ର ତନିଖି ଫାଟକକୁ ନୂଆ ବସଷ୍ଟାଣ୍ଡ ସାମ୍ନାକୁ ସ୍ଥାନାନ୍ତର କରାଯିବା ପରେ ଏନ୍‌ଏସି କର୍ମଚାରୀ ବୃନ୍ଦ ସମସ୍ତ ଯାତ୍ରୀବାହୀ ବସ୍ ଗୁଡିକୁ ନୂତନ ବସଷ୍ଟାଣ୍ଡ ଭିତରକୁ ନେବାକୁ ବାଧ କରିବା ପରେ ଏବେ କିଛିଦିନ ହେଲା ସମସ୍ତ ସରକାରୀ ଓ ବେସରକାରୀ ବସ୍‌ଗୁଡ଼ିକ ନୂଆ ବସଷ୍ଟାଣ୍ଡ ଭିତରକୁ ଯାତାୟତ କରୁଥିବା ଜଣାପଡିଛି। ଏପରିକି ମୁଖ୍ୟମନ୍ତ୍ରୀ ସେବା ବସ୍ ଗୁଡ଼ିକ ମଧ୍ୟ ଦିଗପହଣ୍ଡି ନୂତନ ବସଷ୍ଟାଣ୍ଡ ଭିତରକୁ ଯାଉଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ତାଗିଦ ପରେ ମଧ୍ୟ ବସ ଚାଳକ ମାନେ ଏହାକୁ ଅବମାନନା କରି ଯାତ୍ରୀବାହୀ ବସକୁ ବସଷ୍ଟାଣ୍ଡ ଭିତରକୁ ନନେଇ ପୁରୁଣା ବସଷ୍ଟାଣ୍ଡ ମୁଖ୍ୟରାସ୍ତା କଡ ଏବଂ ପୁଞ୍ଜିକଂୟା ଛକ ରାସ୍ତା ଉପରେ ଦୀର୍ଘ ସମୟ ଧରି ରଖି ଆସୁଥିଲେ। ଯାହାଫଳରେ ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଯାତ୍ରୀମାନେ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାପାଇଁ ନୂଆ ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରି ହନ୍ତସନ୍ତ ହେଉଥିଲେ। ଏନେଇ ପୂର୍ବରୁ ସ୍ଥାନୀୟ ପ୍ରଶାସନ ନୂଆ ବସଷ୍ଟାଣ୍ଡ ରେ କେବଳ ବସ ରହଣି ପାଇଁ ବସ ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବସ ମାଲିକମାନେ ଏହାକୁ କର୍ଣ୍ଣପାତ କରୁନଥିଲେ। ଏପରିକି ଦୂର ଦୂରାନ୍ତକୁ ଯା ଆସ କରୁଥିବା ବସ୍‌ଗୁଡ଼ିକ ବସଷ୍ଟାଣ୍ଡ ମୁଖ୍ୟ ଫାଟକରେ ରହି ଯାତ୍ରୀଙ୍କୁ ସେଠାରେ ଓହ୍ଲାଇ ଦେଉଥିଲେ।

ଯାତ୍ରୀମାନେ ବାଧ ହୋଇ ସେଠାରୁ ବସରେ ବିପଦପୂର୍ଣ୍ଣ ଭାବେ ଚଢୁଥିଲେ। ନୂଆ ବସଷ୍ଟାଣ୍ଡକୁ ଯାତ୍ରୀବାହୀ ବସ ଯାଉନଥିବା କାରଣରୁ ଯାତ୍ରୀମାନେ ପୁରୁଣା ବସଷ୍ଟାଣ୍ଡ କିମ୍ବା ପୁଞ୍ଜିକଂୟା ଚାରି ଛକରେ ବସକୁ ଅପେକ୍ଷା କରୁଥିଲେ। ଗଞ୍ଜାମ ଜିଲା ର ଅନ୍ୟତମ ଲାଇଫ ଲାଇନ ଭାବେ ପରିଚିତ ଦିଗପହଣ୍ଡି ସହର ବାଣିଜ୍ୟ କେନ୍ଦ୍ରର ପେଣ୍ଠସ୍ଥଳୀ ହୋଇଥିବା ବେଳେ ଯାତ୍ରୀବାହୀ ବସ୍‌ଗୁଡ଼ିକ ରାସ୍ତା ଉପରେ ପାର୍କିଂ କରିବା ଦ୍ୱାରା ସଦା ସର୍ବଦା ଟ୍ରାଫିକ ସମସ୍ୟା ଉପୁଜୁଥିଲା।

# ଲଗାଣ ବର୍ଷା ସତ୍ତ୍ୱେ ଘଟକେଶ୍ୱରରେ ୧୯ % ପାଣି



■ ବହୁମୁଖୀ ପ୍ରକଳ୍ପର ଲକ୍ଷ୍ୟ ସାଧନକୁ ନେଇ ବଢ଼ିଲା ପ୍ରଶ୍ନ

■ ଚାଷ, ପାନୀୟଜଳ, ଶିଳ୍ପ କ୍ଷେତ୍ରର ଭବିଷ୍ୟତକୁ ନେଇ ଆଶଙ୍କା

ବ୍ରହ୍ମପୁର,୭।୭(ସମିସ)

ଲଗାଣ ବର୍ଷା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ପ୍ରାୟ ସମସ୍ତ ପ୍ରମୁଖ ଜଳଭଣ୍ଡାର ପରିପୂର୍ଣ୍ଣ ଅବସ୍ଥାକୁ ଆସିଛି। ଫଳରେ ଚଳିତ ଖରିଫ ଋତୁରେ ଚାଷୀଙ୍କୁ ଜଳଯୋଗାଣ ନେଇ ବଡ଼ ଆଶ୍ୱସ୍ତି ସୃଷ୍ଟି ହୋଇଛି। କିନ୍ତୁ ଜିଲ୍ଲାର ବହୁ ଚର୍ଚ୍ଚିତ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଲଗାତାର ବର୍ଷା ସତ୍ତ୍ୱେ ମଧ୍ୟ ଏହି ଜଳଭଣ୍ଡାରରେ ଆଶାନୁଯାୟୀ ପାଣି ସଂରକ୍ଷିତ ହୋଇପାରିନଥିବାରୁ ପ୍ରକଳ୍ପର କାର୍ଯ୍ୟକାରିତା ଓ ଉଦ୍ଦେଶ୍ୟ ସାଧନକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି। ବିଗତ କିଛି ବର୍ଷ ଧରି ଘଟକେଶ୍ୱର ଜଳଭଣ୍ଡାର ପରିପୂର୍ଣ୍ଣ ହେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବା ନଜରକୁ ଆସିଛି। ଚଳିତବର୍ଷ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ଏପରି ପରିସ୍ଥିତିରେ ଶହ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବହୁମୁଖୀ ପ୍ରକଳ୍ପ ତାହାର ମୂଳ ଲକ୍ଷ୍ୟ ପୂରଣ କରିପାରୁଛି କି ନାହିଁ, ସେନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଶେଷଜ୍ଞ ମହଲରେ ଆଲୋଚନା ଜୋର ଧରିଛି। ସୂଚନା ଅନୁଯାୟୀ, ୭ତାରିଖ ସୁଦ୍ଧା ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପରେ ମାତ୍ର ୧୯.୩ ପ୍ରତିଶତ ପାଣି ସଂରକ୍ଷିତ ରହିଛି। ଏହା ଜିଲ୍ଲାର ଅନ୍ୟ ପ୍ରମୁଖ ଜଳଭଣ୍ଡାରଗୁଡ଼ିକ ସହ ତୁଳନା କଲେ ଯଥେଷ୍ଟ କମ୍। ବାଘଲଟି ଜଳଭଣ୍ଡାରରେ ୭୮.୧ ପ୍ରତିଶତ, ଭଞ୍ଜନଗରରେ ୮୮.୬ ପ୍ରତିଶତ, ବାଘୁଆରେ ୬୭ ପ୍ରତିଶତ, ଡ଼ହରେ ୭୨.୨ ପ୍ରତିଶତ, ଧନେଇରେ ୮୫.୨ ପ୍ରତିଶତ, ଘୋଡ଼ାହାଡ଼ରେ ୯୦.୭ ପ୍ରତିଶତ ଏବଂ ସୋରଡ଼ା ଜଳଭଣ୍ଡାରରେ ୭୮ ପ୍ରତିଶତ ପାଣି ସଂରକ୍ଷିତ ଥିବା ଜଣାପଡ଼ିଛି। ଏଭଳି ତଥ୍ୟ ଘଟକେଶ୍ୱର ପ୍ରକଳ୍ପର ଜଳ ସଂଗ୍ରହ କ୍ଷମତା ଓ ପରିଚାଳନାକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ପ୍ରକାରେ, ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ପରିବର୍ଦ୍ଧିତ ଅଟକଳ ଅନୁସାରେ ୩୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା।

ପ୍ରକଳ୍ପର ଲକ୍ଷ୍ୟ କେବଳ ଜଳ ସଂରକ୍ଷଣରେ ସୀମିତ ନଥିଲା। କୁକୁଡ଼ାଖଣ୍ଡି, ବ୍ରହ୍ମପୁର, ରଙ୍ଗେଇଲୁଣ୍ଡା ଆଦି ଅଞ୍ଚଳରେ ଭୂତଳ ଜଳସ୍ତରରେ ଉନ୍ନତି ଆଣିବା, ୭୧୦ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବା, ଖରିଫ ସହ ରବି ଚାଷକୁ ପ୍ରୋତ୍ସାହନ ଦେବା, ମାଛଚାଷର ବିକାଶ କରିବା ଏବଂ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳକୁ ପ୍ରତିଦିନ ୧୦ ଏମ୍ଏଲ୍ଡି ପାଣି ଯୋଗାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ତେବେ ଏହି ସବୁ ଲକ୍ଷ୍ୟ କେତେଦୂର ସାଧିତ ହୋଇଛି, ସେନେଇ ସ୍ପଷ୍ଟ ସୂଚନା ସାଧାରଣ ଲୋକଙ୍କ ସାମ୍ନାକୁ ଆସିପାରୁନି। ବିଶେଷ କରି ଲଗାତାର ବର୍ଷା ପରେ ମଧ୍ୟ ଯେତେବେଳେ ଜଳଭଣ୍ଡାରରେ ମାତ୍ର ୧୯.୩ ପ୍ରତିଶତ ପାଣି ରହିଛି, ସେତେବେଳେ ଭବିଷ୍ୟତରେ ଚାଷ, ପାନୀୟଜଳ ଓ ଶିଳ୍ପ କ୍ଷେତ୍ର ପାଇଁ ଏହା କେତେ ଉପଯୋଗୀ ହେବ, ତାହାକୁ ନେଇ ସନ୍ଦେହ ବଢ଼ିଛି। ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପର କାର୍ଯ୍ୟ ୨୦୨୧ ମସିହା ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ବେଳେ ୨୦୨୨ ମସିହା ଏପ୍ରିଲ ମାସରେ ଏହାକୁ ତ୍ୱରାନ୍ୱିତ କରାଯାଇଥିଲା। ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର କଙ୍କିଆଠାରେ ନିର୍ମିତ ଏହି ପ୍ରକଳ୍ପର ଡ୍ୟାମ୍‌ର ଲମ୍ବ ୨୬୬ ମିଟର ଏବଂ ଉଚ୍ଚତା ୩୯ ମିଟର। ବିଭାଗୀୟ ସୂତ୍ର ଅନୁସାରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ୮୫୯ ହେକ୍ଟର ମିଟର। ବନ୍ୟାଜଳ ନିଷ୍କାସନ ପାଇଁ ଡ୍ୟାମ୍‌ରେ ୩ଟି ଗେଟ୍ ସ୍ଥାପନ କରାଯାଇଛି। ପ୍ରତ୍ୟେକ ଗେଟ୍ ୩ମିଟର ଲମ୍ବ ଓ ୬ ମିଟର ଉଚ୍ଚତା ବିଶିଷ୍ଟ। ଜମିକୁ ଜଳସେଚନ ପାଇଁ ଭୂମି ତଳେ ପାଇପ୍ ବିଛାଯାଇଥିବା ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବ୍ରହ୍ମପୁର ସହରଠାରୁ ପ୍ରାୟ ୨୦କିଲୋମିଟର ଦୂରରେ ଅବସ୍ଥିତ ଏହି ପ୍ରକଳ୍ପ ୨୩.୫୫ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ପ୍ରକଳ୍ପ ଦ୍ୱାରା କୁକୁଡ଼ାଖଣ୍ଡି ବ୍ଲକର ୪ଟି ଗ୍ରାମର ଚାଷଜମିକୁ ଜଳସେଚନ ସୁବିଧା ମିଳିବ ବୋଲି ଆକଳନ କରାଯାଇଥିଲା। ଏହା ବ୍ୟତୀତ ବ୍ରହ୍ମପୁର ସହର ଏବଂ ଆଖପାଖ ଅଞ୍ଚଳର ୧ ଲକ୍ଷରୁ ଅଧିକ ଲୋକଙ୍କୁ ପାନୀୟଜଳ ଯୋଗାଇବା ନେଇ ମଧ୍ୟ ପ୍ରଶାସନ ଲକ୍ଷ୍ୟ ରଖିଥିଲା। ତେବେ ପ୍ରକଳ୍ପକୁ ନେଇ ଯେଉଁ ସ୍ୱପ୍ନ ଦେଖାଯାଇଥିଲା ଏବଂ ବର୍ତ୍ତମାନର ବାସ୍ତବ ସ୍ଥିତି ମଧ୍ୟରେ ଫରକ୍ ସ୍ପଷ୍ଟ ଦେଖାଯାଉଛି। ଜଳଭଣ୍ଡାରରେ ଆଶାନୁଯାୟୀ ପାଣି ସଂରକ୍ଷିତ ନହେବା ପଛରେ ପ୍ରାକୃତିକ କାରଣ ନା ଅନ୍ୟକଣ ତ୍ରୁଟି ରହିଛି, ତାହାର ସମୀକ୍ଷା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଉଛି, ପ୍ରକଳ୍ପ ନିର୍ମାଣ ସମୟରେ ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସେଥିରୁ ଅନେକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ସାକାର ହୋଇନାହିଁ। ତେଣୁ ଏହି ପ୍ରକଳ୍ପର ପ୍ରକୃତ କାର୍ଯ୍ୟଦକ୍ଷତା, ଜଳ ସଂରକ୍ଷଣର ବାସ୍ତବ ସ୍ଥିତି ଏବଂ ଲକ୍ଷ୍ୟ ପୂରଣ ନେଇ ସରକାର ଓ ସମ୍ପୃକ୍ତ ବିଭାଗ ସ୍ପଷ୍ଟୀକରଣ ଦେବା ସହ ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି। ଏନେଇ ଆମେ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନି।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ତୃତୀୟ ଶ୍ରେଣୀ ଛାତ୍ର ଆହତ



ବ୍ରହ୍ମପୁର, ୭।୭ (ସମିସ): ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ପାଶ୍ୱରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କ ମାଡ଼ରେ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ର ଗୁରୁ ଦାସ(୭)ଙ୍କ ବାମ ହାତର କହୁଣୀ ନିକଟ ଗଭିର ଆଘାତ ଲାଗିଛି। ପରିବାର ପକ୍ଷରୁ ଗୁରୁଙ୍କ ଶୁକ୍ରବାର ଏମକେସିଜି ମେଡ଼ିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଗୁରୁବାର ପାଠପଢ଼ା ସମୟରେ ଛାତ୍ର ଜଣଙ୍କ କ୍ଲାସରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ନେଇ ଶିକ୍ଷୟତ୍ରୀ ଜଣଙ୍କ ଛାତ୍ରଙ୍କୁ ମାଡ଼ ମାରିଥିବା ବେଳେ ତାଙ୍କ ହାତରେ ଗଭିର ଆଘାତ ଲାଗିଥିଲା। ପରେ ଛାତ୍ର ଜଣଙ୍କ ଘରକୁ ଆସି ମାଆଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ରହିଥିବା ବେଳେ ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରିବା ଘଟଣାକୁ ଅଭିଭାବକ ବିରୋଧ କରିଛନ୍ତି। ବିନା କାରଣରେ ପିଲାଙ୍କୁ ମାଡ଼ ମାରିଥିବା କାରଣରୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାରବର୍ଗ ଦାବି କରାଯାଇଛି। ଅଭିଯୋଗକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବ ହୋଇପାରିନଥିଲା।

## ବାଇକ୍ ଚୋରି ଅଭିଯୋଗ; ଦୁଇ ଗିରଫ

ବ୍ରହ୍ମପୁର,୭।୭(ସମିସ): ବାଇକ ଚୋରି କରିବା ଅଭିଯୋଗରେ ଗୋଷାଣୀନୁଆଗାଁ ଥାନା ପୁଲିସ ଦୁଇ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ନୀଳକଣ୍ଠ ନଗର ପ୍ରଥମ ଲାଇନର ସୁନୀଲ ପଟ୍ଟନାୟକ(୨୨) ଓ ଅନ୍ଧପସରା ମେନ ରୋଡ଼ର ସରୋଜ ନାହାକ(୨୩) । ବ୍ରହ୍ମପୁର ଷ୍ଟେସନ ରୋଡ଼ ଠାରେ ରହୁଥିବା ଧୋବା ସାହି ନିବାସୀ ତନ୍ମୟ ପାତ୍ରଙ୍କ ଷ୍ଟେସନ ରୋଡ଼ ଠାରେ ଥିବା ଅରବିନ୍ଦ ଲୋର୍ଜ ନିକଟରୁ ବାଜାଜ୍ ଡିସକଭର୍ (ଓଡ଼ି୦୭ଏଏ୮୧୧୪)ନମ୍ବର ବିଶିଷ୍ଟ ଗାଡ଼ିକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ନେଇ ଜୁନ ୩୦ତାରିଖରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଘଟଣାର ଆଖ ପଖାରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୁଲିସ। ଆଜି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ଦୁଇ ଚୋରି ଗାଡ଼ି ଉଦ୍ଧାର କରିଥିବା ଜଣାପଡ଼ିଛି। ସରୋଜଙ୍କ ନାମରେ ପୂର୍ବରୁ ବଡ଼ ବଜାର ଓ ଗୋଷାଣୀନୂଆଗାଁ ଥାନାରେ ଚୋରି ଓ ହତ୍ୟା ଧମକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ବ୍ରହ୍ମପୁର,୭।୭(ସମିସ): ଲୋଚାପଡ଼ା ରେଡ଼ିଓଷ୍ଟେସନ ନିକଟସ୍ଥ ଲକ୍ଷ୍ମୀନଗରରେ ରହୁଥିବା ମହିଳା ଟି.ଲଳିତା ରାଓ(୩୦)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ ଯେ, ଲୋଚାପଡା ଲକ୍ଷ୍ମୀ ନଗରରେ ଲଳିତା ଓ ତାଙ୍କ ସ୍ୱାମୀ ଟି. ସୁଧାକର ରାଓ ରହୁଥିଲେ। ଉଭୟେ ପ୍ରେମ ବିବାହ କରିଥିବା ହେତୁ ବିଭିନ୍ନ କଥାକୁ ନେଇ ପ୍ରାୟ ଝଗଡ଼ା ହେଉଥିଲା। ତାଙ୍କର ଦୁଇଟି ସନ୍ତାନ ରହିଛି। ଗୋଟିଏ ପୁଅ ଓ ଝିଅ । ସୋମବାର ସକାଳେ ଲଳିତାଙ୍କ ପୁଅ ଓ ଝିଅ ସ୍କୁଲ ଯିବା ପରେ ସେ ଘରେ ଏକା ଥିଲେ। ସୁଧାକର କାମ ସାରି ମଧ୍ୟାହ୍ନରେ ଘରକୁ ଫେରି ଦେଖିବା ବେଳେ ତାଙ୍କ ସ୍ତ୍ରୀ’ ଲଳିତା ବେକରେ ଶାଢ଼ୀ ଲଗାଇ ଝୁଲୁଥିଲେ। ସେ ବଞ୍ଚିଥିବା ଭାବି ତାଙ୍କୁ ଉଦ୍ଧାର କରି ସିଟି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉକ୍ତ ମହିଳାଙ୍କ ମୃତ୍ୟୁ ଘୋଷଣା କରିଥିଲେ।

ଖବର ପାଇ ଟାଉନ ଥାନା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିଥିଲା। ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ବ୍ୟବଚ୍ଛେଦ ପାଇଁ ଏଫଏମଟି ବିଭାଗକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସାଇଣ୍ଟିଫିକ ଟିମ ସହାୟତାରେ ପୁଲିସ ଘଟଣାର ତଦନ୍ତ କରି ବହୁ ତଥ୍ୟ ସଂଗ୍ରହ କରିଛି। ସେପଟେ ଝିଅ ଲଳିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଜ୍ୱାଇଁ ପୁଅ ସୁଧାକର ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି ଲଳିତାଙ୍କ ବାପା ଲକ୍ଷ୍ମଣ ରାଓ। ଜ୍ୱାଇଁ ପୁଅ ହିଁ ଝିଅ ଲଳିତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛି ବୋଲି ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ଲଳିତାଙ୍କ ସ୍ୱାମୀ ସୁଧାକାରଙ୍କୁ ଥାନାରେ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ପୁଲିସ ତଦନ୍ତ ବେଳେ ଜଣାପଡିଛି ଯେ, ଉଭୟେ ଗୋଟେ ଘରେ ରହୁଥିବା ବେଳେ ଦୀର୍ଘ ଦେଢ଼ ମାସ ହେବ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ରହିଥିଲା। ତେବେ କେଉଁ କାରଣ ଯୋଗୁଁ ଏହି କାଣ୍ଡ ଘଟିଛି ନା ଘଟାଯାଇଛି ତାହାର ତଦନ୍ତ ଜାରି ରଖିଛି ପୁଲିସ।

■ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପୁନର୍ଗଠିତ

## ଟି. ସୁଶାନ୍ତ ଅଧ୍ୟକ୍ଷ, କମିଟିରେ ଦୁଇ ମହିଳା ଓ ଦୁଇ ପୁରୁଷ ସଦସ୍ୟ



ବ୍ରହ୍ମପୁର,୭।୭(ସମିସ): ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ପୂନର୍ଗଠନ କରାଯାଇଛି। ଏନେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗତ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ଜାରି ବିଜ୍ଞପ୍ତି ପ୍ରକାରେ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷଭାବେ ଶ୍ରୀ ଟି. ସୁଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଦସ୍ୟ ଭାବେ ସୌଦାମିନୀ ସାହୁ, ହରିହର ପାଢୀ, ସୁଭଦ୍ରା ରାଣୀ ନାୟକ ଓ ଜଗନ୍ନାଥ ଚୌଧୁରୀଙ୍କୁ କମିଟିରେ ସାମିଲ କରାଯାଇଛି। ଗତ ୫ତାରିଖ ଠାରୁ ଏହି ନୂତନ କମିଟିର କାର୍ଯ୍ୟକାଳ ଆରମ୍ଭ ହୋଇଥିବା ବେଳେ ଆଗାମୀ ୩ବର୍ଷ ପାଇଁ କମିଟିର କ୍ଷମତା ବଳବତ୍ତର ରହିବ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ଚିକିଟି ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଉପ-ନିର୍ବାଚନ ସ୍ଥଗିତ

ଛତ୍ରପୁର, ୭।୭(ସମିସ): ମାନ୍ୟବର ହାଇକୋର୍ଟଙ୍କ ସ୍ଥଗିତାଦେଶ ପରେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗଞ୍ଜାମର ଚିକିଟି ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଉପ-ନିର୍ବାଚନ ସ୍ଥଗିତ ରଖାଯାଇଛି। ତେଣୁ, ୮ ଜୁଲାଇ, ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଉପ-ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ କାର୍ଯ୍ୟ ମାନ୍ୟବର ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିବ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ନିର୍ଦ୍ଦେଶ ଅନୁଯାୟୀ ଏହି ମାମଲାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କମ୍ପାନୀ ତଥ୍ୟ ହଡ଼ପ କରି ୧୦ କୋଟି ଟଙ୍କା ଦାବି କରିବା ଘଟଣା

## ଅଭିଯୁକ୍ତଙ୍କୁ ବ୍ରହ୍ମପୁରରୁ ଉଠାଇନେଲା ଅହମ୍ମଦାବାଦ ପୁଲିସ

ବ୍ରହ୍ମପୁର,୭।୭(ସମିସ)

ଗୁଜୁରାଟ ଅହମ୍ମଦାବାଦ ସାଇବର ଥାନା ପୁଲିସ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଆମ୍ବମାର୍କେଟ ନିକଟ ମିନାକ୍ଷୀନଗର ୩ୟ ଲାଇନର କେ. ଲୋକନାଥ ସୁବୁଦ୍ଧି(୫୯)। ଲୋକନାଥ ଅହମ୍ମଦାବାଦରେ ଥିବା ନିଜ କମ୍ପାନୀର ତଥ୍ୟ ଚୋରି କରି ୧୦ କୋଟି ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଥିଲା। ସେହିକ୍ରମରେ ସେଠାକାର ପୁଲିସ ଗତକାଲି ରାତିରେ ବ୍ରହ୍ମପୁରରେ ପହଞ୍ଚି ଲୋକନାଥଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ସୂଚନାପ୍ରକାରେ, କଟକ ବିଡାନାସୀ ବନ୍ଧଛକ ନିକଟର ସାଇ ଆପାର୍ଟମେଣ୍ଟରେ ରହୁଥିବା ଲୋକନାଥ ଆଜକୁ ୩୪ ବର୍ଷ ହେବ ଅହମଦବାଦର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। କିଛି ମାସ ତଳେ ସେ ନିଜ କମ୍ପାନୀର ତଥ୍ୟ ଚୋରି କରି ତାହାକୁ ପ୍ରଘଟ କରିବାକୁ ଧମକ ଦେଇ ୧୦ କୋଟି ଟଙ୍କା ଦାବି କରିଥିଲେ। ଘଟଣାକୁ ନେଇ କମ୍ପାନୀ ପକ୍ଷରୁ ଅହମଦାବାଦ ସାଇବର ଥାନାରେ ଅଭିଯୋଗ କରାଯାଇଥିଲା।

ପୁଲିସ ଚଳିତମାସ ୩ ତାରିଖରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଲୋକନାଥ ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ଜଣାପଡିବା ପରେ ସେଠାକାର ଏକ ପୁଲିସ ଟିମ ବ୍ରହ୍ମପୁରରେ ପହଞ୍ଚିଥିଲା। ଗୋସାଇଁନୂଆଗାଁ ଥାନା ପୁଲିସ ସହାୟତାରେ ଲୋକନାଥକୁ ତାଙ୍କ ଘରୁ କାବୁ କରାଯିବା ପରେ ଟ୍ରାଞ୍ଜିଟ ରିମାଣ୍ଡ ପାଇଁ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ୪ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡ ଅନୁମତି ଦେବା ପରେ ଅହମଦାବାଦ ପୁଲିସ ଲୋକନାଥଙ୍କୁ ସାଙ୍ଗରେ ଧରି ଯାଇଥିଲା। ଅଭିଯୁକ୍ତ ଲୋକନାଥ ନାମରେ ଜାଲିଆତି, ତଥ୍ୟ ଚୋରି, ବିଶ୍ୱାସଭଙ୍ଗ ଭଳି ବିଏନଏସ ଦଫା ସମେତ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ଚକ୍‌ଖଡ଼ିରେ ଇଞ୍ଜିନିୟରଙ୍କ ଫିଫା ବିଶ୍ୱକପ୍ କଳାକୃତି

ବ୍ରହ୍ମପୁର,୭।୭(ସମିସ)

ଚକ୍‌ଖଡ଼ିରେ ଫିଫା ବିଶ୍ୱକପ୍ କଳାକୃତି କରି ଚର୍ଚ୍ଚାରେ ବ୍ରହ୍ମପୁର ଉପକଣ୍ଠ ଡୁରା ନିବାସୀ ତଥା ଯୁବ ଇଂଜିନିୟର କେ.ବିଜୟକୁମାର ରେଡି। ବିଜୟ ଚକ୍‌ରେ ମାତ୍ର ୧ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ଫିଫା ବିଶ୍ୱକପ୍ ଟ୍ରଫି ସହିତ ୦.୫ ମିଲିମିଟର ଆକାରରେ ଏକ ଫୁଟବଲ୍ ପ୍ରସ୍ତୁତ କରିବା ସହିତ ଏହାକୁ ପ୍ରତିନିଧିତ୍ୱ କରୁଥିବା ତିନୋଟି କ୍ଷୁଦ୍ର ମାସ୍କଟ୍‌କୁ ନିଜର କଳାକୃତିରେ ଅତ୍ୟନ୍ତ ନିଖୁଣ ଭାବେ ପ୍ରସ୍ତୁତ ଦେଖିବାକୁ ମିଳିଛି । ବର୍ତ୍ତମାନ ଚାଲିଛି ଫିଫା ବିଶ୍ୱକପର ଗୋଟିଏ ପରେ ଗୋଟିଏ ମ୍ୟାଚ୍ । ଆଜି ପ୍ରି-କ୍ୱାର୍ଟର ଫାଇନାଲରେ ଦୁଇ ଟାଇଟାଲ ଦାବିଦାର କୁହାଯାଉଥିବା ପର୍ତ୍ତୁଗାଲ ଓ ସ୍ପେନ ଭଳି ହେଭିୱେଟ ଟିମ୍ ପରସ୍ପରକୁ ଭେଟିବା ସହିତ ଦୁଇ ଟିମ୍ ମଧ୍ୟରେ ହେବ ମୁକାବିଲା । ଗତ କିଛି ଦିନ ଧରି ଫିଫା ବିଶ୍ୱକପର ବିଭିନ୍ନ ମ୍ୟାଚ୍ ଦର୍ଶକଙ୍କ ପାଇଁ ବେଶ ଆକର୍ଷଣୀୟ ରହିଥିବା ବେଳେ ଏଭଳି ଲୋକପ୍ରିୟତା ସମୟରେ ଅଭିନବ ଢଙ୍ଗରେ ଏହାକୁ ନିଜର କଳାକୃତିରେ ସ୍ଥାନୀତ କରିଛନ୍ତି ବ୍ରହ୍ମପୁରର ଯୁବ ଶିଳ୍ପୀ ତଥା ବୈଦ୍ୟୁତିକ ବିଭାଗର ଯନ୍ତ୍ରୀ କେ. ବିଜୟ କୁମାର ରେଡି । ବିଜୟ ବ୍ରହ୍ମପୁର ଉପକଣ୍ଠ ପାରାଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ



ଅଧ୍ୟୟନ କରୁଥିବା ସମୟରେ ହିଁ ଏପରି ନିଜର ଅନେକ କଳାକୃତି ପ୍ରସ୍ତୁତ କରି ଅନେକ ରେକର୍ଡର ଅଧିକାରୀ ହୋଇଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଆସିକା ଠାରେ ଜଣେ ବୈଦ୍ୟୁତିକ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ନିଜ ମଧ୍ୟରେ ରହିଥିବା କଳାକୁ ନେଇ ଭଳିକି ଭଳି କଳାକୃତି ପ୍ରସ୍ତୁତ କରି ଆସୁଥିବା ଦେଖାଯାଇଛି।

ବିଶ୍ୱକପ୍-୨୦୨୬କୁ ତିନୋଟି ଦେଶ ଆମେରିଆ , ମେକ୍ସିକୋ ଏବଂ କାନଡା ମିଳିତ ଭାବରେ ଆୟୋଜନ କରୁଥିବା ବେଳେ ସେ ଫୁଟବଲ କୁ ଚକ୍ ରେ ପ୍ରସ୍ତୁତ କରିଥିବା କହିଛନ୍ତି। ଯାହାର ଉଚ୍ଚତା ୫ ଏମ୍.ଏମ୍ ରହିଥିବା ବେଳେ ବିଶ୍ୱକପ୍ ଟ୍ରଫିକୁ ୧ସେଣ୍ଟିମିଟର ଉଚ୍ଚତା ରଖାଯାଇଛି । ଏପରିକି ଏହାକୁ ପ୍ରତିନିଧିତ୍ୱ କରୁଥିବା ତିନୋଟି ଦେଶର ମାସ୍କୋଟକୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ଉଚ୍ଚତା ୩ ସେଣ୍ଟିମିଟର ରହିଛି । ବିଜୟଙ୍କ କହିବା ଅନୁଯାୟୀ, ଏହି କଳାକୃତି ମାଧ୍ୟମରେ ସେ ଫୁଟବଲ୍ ପ୍ରତି ଥିବା ଭଲପାଇବା ସହ ଓଡ଼ିଶାର ସୂକ୍ଷ୍ମ କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚାହୁଁଛନ୍ତି। ତାଙ୍କର ଏହି ନୂତନ ସୃଷ୍ଟି ସୋସିଆଲ୍ ମିଡିଆରେ ମଧ୍ୟ ପ୍ରଶଂସିତ ହେଉଛି ଏବଂ କଳାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ବନ ମହୋତ୍ସବ ସପ୍ତାହରେ ଉତ୍କଳ ବିଦ୍ୟାପୀଠରେ ଚାରାରୋପଣ



ବ୍ରହ୍ମପୁର,୭।୭(ସମିସ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଲାଠି ସ୍ଥିତ ଉତ୍କଳ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ଶଙ୍କର ନାରାୟଣ ବେଜ, ବିଦ୍ୟାଳୟ ଉନ୍ନୟନ କମିଟିର ସଦସ୍ୟ ଗୋପାଳକୃଷ୍ଣ ପାଢ଼ୀ ଓ ପୂର୍ବତନ ଛାତ୍ର ଆଶିଷ କୁମାର ସାବତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏ ଅବସରରେ ପରିବେଶ ସୁରକ୍ଷା, ସବୁଜ ବନାୟନର ଆବଶ୍ୟକତା ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରି ବୃକ୍ଷ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଭାଗ୍ୟଲାତା ସାହୁ, ଦୀପ୍ତି କୁମାରୀ ପାଢ଼ୀ, ଜିତେନ୍ଦ୍ର ସେଠୀ, ଅବନୀ କୁମାର ଡାକୁଆ, ଯୋଗମାୟା ପଟ୍ଟନାୟକ, ପ୍ରଦୀପ କୁମାର ପଣ୍ଡା, ବିଭୂତି ଭୂଷଣ ଜାନି, ମୋହିନୀ ଶବର, ସ୍ୱାଗତିକା ବେହେରା, ଶ୍ୱେତାଲୀନା ପଣ୍ଡା ଓ କିରାଣୀ ଅଜିତ କୁମାର ସାବତଙ୍କ ସମେତ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ଏଚ୍‌ଜିର ଋଣ ଟଙ୍କା ହେରଫେର କରିବା ଘଟଣା

## ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

ଛତ୍ରପୁର,୭।୭(ସମିସ)



ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାଘଲା ପଂଚାୟତର ପାଲିଆମ୍ମା ଗ୍ରାମର ମା କାଳୀଜାଇ ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କା ସିଆରପି ଏବଂ ବ୍ୟାଙ୍କ ମ୍ୟାନେଜର ମିଳିତ ଭାବେ ହେରଫେର କରିଥିବା ନେଇ ଏସଏଚଜି ବହୁ ମହିଳା ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ସରକାରଙ୍କ ପକ୍ଷରୁ ଏସଏଚଜି ମାନଙ୍କୁ ଋଣ ଦେଇ ସ୍ୱାବଲମ୍ବି କରିବା ନିମନ୍ତେ ବିଭିନ୍ନ ସୁବିଧା କରିଥିବା ବେଳେ ତାହାକୁ ବାଟମାରଣା କରାଯାଉଛି। କିଛି ଅଶିକ୍ଷିତ ଏବଂ ବୟସ୍କ ମହିଳା ମାନେ ଏହାର ଶିକାର ହେଉଛନ୍ତି। ଏପରି ଘଟଣାର ଅଭିଯୋଗ ଆସିଛି ମା କାଳୀଜାଇ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସେମାନେ ୧୦ ଲକ୍ଷ ଟଙ୍କା ଋଣ ଆଣିବା ନିମନ୍ତେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଯାଇଥିଲେ। ମାତ୍ର ସେମାନଂକୁ ୧୦ ଲକ୍ଷ ଟଙ୍କା ବଦଳରେ ୯ ଲକ୍ଷ ୩୯ ହଜାର ୧୫୪ ଟଙ୍କା ଦିଆଯାଇଛି। ଏହାସହ ଜଣଙ୍କୁ ୮୨ ହଜାର ଟଙ୍କା ଦିଆଯାଇଛି। ଏ ସମ୍ପର୍କ ରେ ଗ୍ରୁପ ସଭାନେତ୍ରୀ, ସମ୍ପାଦିକା, ସିଆରପି ଏବଂ ବ୍ୟାଙ୍କ ମ୍ୟାନେଜର ପଚାରି ଥିଲେ ମଧ୍ୟ କିଏ ବି ସଠିକ ଉତ୍ତର ଦେଉ ନାହାନ୍ତି। ଏଣୁ ଏହାର ସଠିକ ଭାବେ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ନିମନ୍ତେ ସେମାନେ ଅନୁରୋଧ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।
-ସୁନ ଜୁ

## ମାନବକୃତ ଦୁର୍ବିପାକ!

୨୦୨୪ ଜୁଲାଇ ୩୦ ତାରିଖରେ କେରଳର ୱାୟନାଡ଼ରେ ଘଟିଥିବା ଲୋମହର୍ଷଣକାରୀ ଭୂସ୍ଖଳନ ବିଭୀଷିକାର ଚିହ୍ନ ଲିଭି ନଥିବା ବେଳେ ଏକ ଟନେଲ୍ ଭୁଶୁଡ଼ି ଯାଇଛି। ଦୁଇଟିଯାକ ଦୁର୍ବିପାକରେ ମୃତାହତ ସଂଖ୍ୟାରେ ବହୁ ଫରକ ଥିଲେ ମଧ୍ୟ ସାମଞ୍ଜସ୍ୟ ହେଉଛି ବିଶେଷଜ୍ଞଙ୍କ ସୁପାରିସ ଓ ଚେତାବନୀକୁ ବେଖାତିର। ସଡ଼କ ପଥରେ ଭାରତର ଦୀର୍ଘତମ(୮.୨)କିମି ଦୈର୍ଘ୍ୟ ବିଶିଷ୍ଟ କେରଳର କୋଝିକୋଡ୍ ଓ ୱାଇନାଡ୍‌କୁ ସଂଯୁକ୍ତ ଏହି ଟନେଲ୍ ବା ସୁଡ଼ଙ୍ଗପଥ ପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସମ୍ବେଦନଶୀଳ ଭୂଆଧାର ଉପରେ ନିର୍ମିତ ଏହି ସୁଡ଼ଙ୍ଗ ପଥକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ଗତ ଜୁନ୍ ମାସ ୨୦ ତାରିଖରେ ୱାଇନାଡ଼ ଜିଲ୍ଲାପାଳ ସରକାରଙ୍କୁ ଏକ ପତ୍ର ଲେଖି ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ପରାମର୍ଶ ଦେଇଥିଲେ।ଏହାକୁ ଅଣଦେଖା କରିବାର ପରିଣାମ ଏବେ ଭୋଗିବାକୁ ପଡ଼ିଛି। ସେହିପରି ଗାଡ଼ଗିଲ୍ କମିଟିର ସୁପାରିସକୁ ହେୟଜ୍ଞାନ କରିବାର ଫଳ ୨୦୨୪ ଜୁଲାଇ ୩୦ ତାରିଖରେ ପ୍ରତିଫଳିତ ହୋଇଥିଲା।

ୱାୟନାଡ଼, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ପଶ୍ଚିମ ଘାଟ ଓ ହିମାଳୟ ପାର୍ବତ୍ୟାଞ୍ଚଳର କ୍ଷଣଭଙ୍ଗୁର, ଅସ୍ଥିର ଓ ଅପେକ୍ଷାକୃତ ତରୁଣ ଚଟାଣରେ ଭୂସ୍ଖଳନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇପାରେ। କିନ୍ତୁ ଏହା ଯେପରି ଧନଜୀବନ ବିଧ୍ୱଂସକାରୀ ରୂପ ନେଉଛି ସେଥିପାଇଁ ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ସ୍ଥିତି ଅପେକ୍ଷା ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହିଁ ଦାୟୀ। ଅର୍ଥନୈତିକ ବିକାଶ ଆଜିର ଆବଶ୍ୟକତା ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏଭଳି ସ୍ପର୍ଶକାତର ଅଞ୍ଚଳରେ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମତୁଲତା ରକ୍ଷା ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ବିଶେଷଜ୍ଞମାନଙ୍କୁ ନେଇ କମିଟିମାନ ଗଠନ କରାଯାଇଛି। କିନ୍ତୁ ବିଡ଼ମ୍ବନା ହେଉଛି କମିଟି ଯେଉଁସବୁ ସୁପାରିସ କରୁଛନ୍ତି ତାହା ଅନୁପାଳନ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି। ପ୍ରକୃତିକୁ ଅବହେଳା କରି ଅର୍ଥନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ କମିଟିର ଉପାଦେୟ ବିଚାରବନ୍ତ ଦୂରଦୃଷ୍ଟି ସମ୍ପନ୍ନ ସୁପାରିସମାନ ନିଷ୍ପ୍ରଭ ଓ ମୂଲ୍ୟହୀନ ହୋଇପଡୁଛି। ସରକାରଙ୍କର ଏହି ଉଦାସୀନତା ଓ ସମ୍ବେଦନହୀନତା ଯୋଗୁଁ କମିଟି ଗଠନ ଓ ସୁପାରିସର ଆହ୍ୱାନ ଏକ ପ୍ରହସନରେ ପରିଣତ ହେବା ସହିତ ମାନବ ସଭ୍ୟତାର ଇତିହାସରେ ବିଭୀଷିକାମୟ କଳା ଅଧ୍ୟାୟ ଲେଖି ହୋଇଯାଉଛି। ବିଶେଷକରି ପର୍ଯ୍ୟଟନ ଅର୍ଥନୀତିର ବିକାଶ ଆଳରେ ଆମେ ଯେପରି ନିର୍ବୋଧତା ପ୍ରଦର୍ଶନ କରିଚାଲିଛୁ ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି।



ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତାମିଲନାଡୁର ପ୍ରାୟ ୨୪.୫ କୋଟି ଲୋକ ବସବାସ କରୁଥିବା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପରିଚାଳକ କୁହାଯାଉଥିବା ଏହି ପର୍ବତମାଳା ହିମାଳୟ ପର୍ବତମାଳାଠାରୁ ବୟସରେ ପୁରୁଣା ହେଲେ ହେଁ ଜୈବବିବିଧତା ଓ କ୍ଷଣଭଙ୍ଗୁରତା ଦୃଷ୍ଟିରୁ ହିମାଳୟ ପର୍ବତମାଳା ସହିତ ତୁଳନୀୟ। ତେଣୁ ଭାରତୀୟ ଜଙ୍ଗଲ ଆଇନ ୧୯୨୭, ଜଙ୍ଗଲ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏହି ଅଞ୍ଚଳରେ ଅନେକ କଟକଣା ଜାରି କରାଯାଇଛି। ଏଠାରେ ଭିତ୍ତିଭୂମି ଓ ଶିଳ୍ପ ବିକାଶ ଲାଗି ପରାମର୍ଶ ଦେବା ପାଇଁ ୨୦୧୦ରେ ମାଧବ ଗାଡ଼ଗିଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଏହି ଅଞ୍ଚଳକୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇ, ଖଣି ଖନନ, ରାସାୟନିକ ସାର ଓ ପ୍ଲାଷ୍ଟିକ୍ ବ୍ୟବହାର, ଶଙ୍କର ଜାତୀୟ ବିହନ ଚାଷ, ତାପଜ ବିଦ୍ୟୁତ କେନ୍ଦ୍ର, ବୃହତ୍ ଡ୍ୟାମ ନିର୍ମାଣ, ସଡ଼କ ଓ ରେଳ ପ୍ରକଳ୍ପ, ଶୈଳ ନିବାସ, ସ୍ୱତନ୍ତ୍ର ଅର୍ଥନୈତିକ କରିଡର, ଜମିର କିସମ ପରିବର୍ତ୍ତନ ଆଦିକୁ ଦୃଢ଼ ଭାବେ ବାରଣ କରାଯାଇଥିଲା। ଗାଡଗିଲ୍ କମିଟିର ସୁପାରିସର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୨୦୧୨ରେ ପୁଣି କସ୍ତୁରିରଙ୍ଗନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା, ଯାହାର ସୁପାରିସଗୁଡ଼ିକ ଅଳ୍ପ କିଛି କାଣ୍ଟଛାଣ୍ଟ ସହିତ ଗାଡ଼ଗିଲ୍ କମିଟି ସୁପାରିସ ଅନୁରୂପ ଥିଲା। କିନ୍ତୁ ଦୁଇଟି ଯାକ କମିଟି ସୁପାରିସକୁ ଅର୍ଥନୈତିକ ବିକାଶର ପରିପନ୍ଥୀ ବୋଲି ଛଅଟିଯାକ ରାଜ୍ୟ ପ୍ରତ୍ୟାଖ୍ୟାନ କରିଦେଲେ, ଯାହାର ପରିଣାମର କେତେକ ଝଲକ କେରଳରେ ଏବେ ଦେଖିବାକୁ ମିଳିଛି।

ଏ କ୍ଷେତ୍ରରେ ନ୍ୟାୟପାଳିକାର ଉଦାସୀନତା ମଧ୍ୟ ପ୍ରଶ୍ନାତୀତ ହୋଇପାରୁନାହିଁ। ଉଦାହରଣସ୍ୱରୂପ, କେରଳର ସଦ୍ୟତମ ଦୁର୍ଘଟଣାଗ୍ରସ୍ତ ଟନେଲ୍ ନିର୍ମାଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନୁମତି ଦେଇଥିଲେ। ବିଶେଷଜ୍ଞଙ୍କ ସୁପାରିସ, ଚେତାବନୀ, ପରାମର୍ଶ ଆଦି ଫାଇଲ୍ ତଳେ ଗତାନୁଗତିକ ପ୍ରକ୍ରିୟାରେ ଚାପି ହୋଇ ରହିଯାଇଥିବା ପର୍ଯ୍ୟନ୍ତ ୱାଇନାଡ, ଯୋଶୀମଠ ଭଳି ଦୁର୍ଘଟଣାର ପୁନରାବୃତ୍ତି ନ ହେବାର ନିଶ୍ଚିତତା ଦେଇହେବ ନାହିଁ। ଅନେକ ପ୍ରଶ୍ନ ତଦନ୍ତ ଓ ଆରୋପ-ପ୍ରତ୍ୟାରୋପର କୋଳାହଳ ଭିତରେ କେବଳ ଲୁଚିଯିବା ହିଁ ସାର ହେବ। ଏହି ଧାରା ଓ ମାନସିକତା ଅବ୍ୟାହତ ରହିଲେ ଆଗକୁ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେବ ତାହା ହୁଏତ ମାନବ ସଭ୍ୟତା ଇତିହାସରେ ସବୁଠାରୁ ବଡ଼ ଭୌଗୋଳିକ ବିପର୍ଯ୍ୟୟର କଳା ଅଧ୍ୟାୟ ଲେଖିଦେବ।

## ମାର୍ ମାର୍ ଭଣ୍ଡାରିଆକୁ ମାର୍...

**ଅନୁଭବ ଓ ଅନୁଭୂତି**

ମାନସ ମଙ୍ଗରାଜ

ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନମଙ୍ଗଳ ରାଷ୍ଟ୍ରରେ ଦୁର୍ନୀତି ସବୁଠାରୁ ବଡ଼ ଆହ୍ୱାନ। ଘୁଣମରା ବ୍ୟବସ୍ଥା ଦୁର୍ନୀତିର ମୁଖ୍ୟ ପୃଷ୍ଠପୋଷକ ହୋଇଥାଏ ଏବଂ ଏହା ଉଭୟ ଜନସାଧାରଣ ଓ ସରକାରଙ୍କ ପାଇଁ କ୍ଷତିକାରକ। ଦୁର୍ନୀତି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥାଏ ଓ ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସକୁ ଦୁର୍ବଳ କରିଦିଏ। ନିକଟରେ ରାଜ୍ୟରେ ଘଟିଥିବା ଦୁଇ/ତିନିଟି ଘଟଣାକୁ ଅନୁଧ୍ୟାନ କଲେ ଦୁର୍ନୀତି ବିରୋଧରେ ତଥାକଥିତ 'ଶୂନ୍ୟ ସହନଶୀଳତା' ନୀତି ଦିଗହରା ହୋଇପଡ଼ିଥିବା ମନେ ହେଉଛି। ଦୁର୍ନୀତି ଅଭିଯୁକ୍ତ ଉଚ୍ଚ ଅଧିକାରୀଙ୍କ ପାଇଁ ଗୋଟିଏ ନୀତି ଓ ତଳିଆ କର୍ମଚାରୀଙ୍କ ପାଇଁ ଭିନ୍ନ ନୀତି ସରକାରୀ ବ୍ୟବସ୍ଥାକୁ କେବଳ କାଠଗଡ଼ାରେ ଠିଆ କରିନାହିଁ, ପକ୍ଷାନ୍ତରେ ଶାସନ ବ୍ୟବସ୍ଥାର ଦୋହରା ନୀତି ଓ ଦଣ୍ଡର ମାନଦଣ୍ଡକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଅତୀତରେ ଭିଜିଲାନ୍ସ ରାଜ୍ୟର ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରିଛି। କେଉଁଠି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପାଇଁ ଚଢ଼ଉ ହୋଇଛି, କେଉଁଠି ପୁଣି ଲାଞ୍ଚ ନେବା ବେଳେ ଅନେକ ଧରା ପଡ଼ିଛନ୍ତି। ଅନେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମାତ୍ର ନିକଟ ଅତୀତରେ ଦୁଇ ତିନୋଟି ଘଟଣା ଦୁର୍ନୀତି ବିରୋଧରେ ସରକାରଙ୍କ ସହନଶୀଳତା ଯେ ଭାରସାମ୍ୟ ନାହିଁ, ଏହା ପ୍ରମାଣିତ ହୋଇଛି। ନ୍ୟାୟର ଦୋହରା ମାନଦଣ୍ଡ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଛି।

୨୦୨୫ ଜୁନ୍ ୮ ତାରିଖରେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଆଇଏଏସ୍ ଧୀମାନ ଚକମାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଥିଲା। ସେତେବେଳେ କୁହାଗଲା ଯେ ଜଣେ ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଇବା ନିମନ୍ତେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଏପରିକି ତାଙ୍କ ସରକାରୀ ବାସଭବନ ଯାଞ୍ଚ ସମୟରେ ଭିଜିଲାନ୍ସ ନଗଦ ୪୭ ଲକ୍ଷ ଟଙ୍କା ଜବତ କରିଥିବା ସୂଚନା ଦେଇଥିଲା। ସରକାର ତାଙ୍କୁ ତତକ୍ଷଣାତ୍ ନିଲମ୍ବନ କଲେ ଓ ତାଙ୍କୁ ଜେଲ ପଠାଇ ଦିଆଗଲା। ଘଟଣାଟି ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ମାତ୍ର ବର୍ଷଟିଏ ଯାଇନାହିଁ; ଧୀମନ ଚକ୍‌ମାଙ୍କ ଉପରୁ ନିଲମ୍ବନ ହଟିଗଲା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ଉପସଚିବ ଭାବରେ ତାଙ୍କୁ ନିଯୁକ୍ତି ମିଳିଲା। ଦ୍ୱିତୀୟ ଘଟଣାଟି ଜଣେ ପୁଲିସ ଅଧିକାରୀଙ୍କ ସମ୍ପର୍କରେ। ଜଣେ ମଦ ବ୍ୟବସାୟୀଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ (ସିଆର୍‌ଆର୍‌ଆଇ ଥାନା)ର ଜଣେ ତତ୍କାଳୀନ ଥାନା ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା, ସରକାର ମଧ୍ୟ ତାଙ୍କୁ ନିଲମ୍ବନ କଲେ। ଏହି ମାମଲା ବିଚାରାଧୀନ ଅଛି ଓ କାର୍ଯ୍ୟାନୁଷ୍ଠାନ କେବଳ ନିଲମ୍ବନ ମଧ୍ୟରେ ସୀମିତ ରହିଛି। ଅପରପକ୍ଷରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଥିବା ରାଜଧାନୀର ଜଣେ ପୁଲିସ ଏଏସ୍‌ଆଇଙ୍କୁ ସରକାର ତତକ୍ଷଣାତ୍ ଚାକିରିରୁ ବହିଷ୍କାର କରିଛନ୍ତି। ଆମେ ଦୁର୍ନୀତିକୁ ସମର୍ଥନ କରୁନାହୁଁ, ଲାଞ୍ଚ ନେବାକୁ ଅପରାଧ ବୋଲି ବି ମନେ କରୁଛୁ। ସମ୍ପୃକ୍ତ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେ ପ୍ରଶ୍ନ କରୁନାହୁଁ। ମାତ୍ର ଏଠାରେ ନ୍ୟାୟର ସମାନତାକୁ ନେଇ ଉଠିଥିବା ପ୍ରଶ୍ନ ଆମ ପରି ଅନେକଙ୍କୁ ଆନ୍ଦୋଳିତ କରିଛି। ଭିଜିଲାନ୍ସ ୩ ଜଣଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଛି; ଆଇଏଏସ୍‌ଙ୍କୁ ୧୦ ଲକ୍ଷ ନେବା ବେଳେ, ଇନ୍ସପେକ୍ଟରଙ୍କୁ ୪୦ ହଜାର ନେବା ସମୟରେ ଓ ଏଏସ୍‌ଆଇ ୨୦ ହଜାର ନେବା ବେଳେ ଧରା ପଡ଼ିଥିବା କୁହାଯାଉଛି। ଯଦି ଏଏସ୍‌ଆଇଙ୍କୁ ବହିଷ୍କାର କରାଗଲା, ତେବେ ସମାନ ଅପରାଧ ପାଇଁ ଆଇଏଏସ୍ ଓ ଇନ୍ସପେକ୍ଟରଙ୍କୁ କାହିଁକି ବହିଷ୍କାର କରାଯିବ ନାହିଁ?



ଏହି ତିନୋଟି ଘଟଣା ସାଧାରଣରେ ଯେଉଁ ବାର୍ତ୍ତାଟି ଦେଉଛି, ତାହା ଅତ୍ୟନ୍ତ ସ୍ପର୍ଶକାତର ବୋଲି ଅନୁଭବ କରୁଛୁ। ବେଶୀ ଟଙ୍କା ଲାଞ୍ଚ ନେଲେ ନିଲମ୍ବନ ଓ ମାମଲା ଥଣ୍ଡା ପଡ଼ିଗଲା ପରେ ପୁନର୍ବାହାଲ; ଅଳ୍ପ ଟଙ୍କା ଲାଞ୍ଚ ନେଲେ ଚାକିରିରୁ ବହିଷ୍କାର? ଏହା କ'ଣ ବ୍ୟବସ୍ଥାଗତ ତ୍ରୁଟି ନୁହେଁ? ପଦମର୍ଯ୍ୟାଦା ଯେତେ ବଡ଼ ସେମାନଙ୍କ ପାଇଁ ସରକାରଙ୍କ ସୁରକ୍ଷାର ଆବରଣ ସେତେ ମୋଟା ବୋଲି ଏକ ଧାରଣା ଲୋକଙ୍କ ମନରେ ସୃଷ୍ଟି କରୁନାହିଁ କି? ଆଇନ ଅନୁଯାୟୀ କେବଳ ଅଭିଯୋଗ ବା ଗିରଫ ଆଧାରରେ କାହାକୁ ଦୋଷୀ ଘୋଷଣା କରାଯାଇପାରେ ନାହିଁ। ଚୂଡ଼ାନ୍ତ ଅଦାଲତୀ ରାୟ ନ ଆସିବା ପର୍ଯ୍ୟନ୍ତ ସମସ୍ତେ କେବଳ 'ଅଭିଯୁକ୍ତ' ପର୍ଯ୍ୟାୟଭୁକ୍ତ ହୋଇ ରହିଥାଆନ୍ତି। ଏହି ନୀତି ଗଣତନ୍ତ୍ରର ଏକ ମୌଳିକ ଆଧାର। କିନ୍ତୁ ସବୁକ୍ଷେତ୍ରରେ ଏହା ସମାନ ହେଉନାହିଁ କାହିଁକି? ଉଚ୍ଚସ୍ତରର ଅଧିକାରୀମାନଙ୍କ ପାଇଁ ଭିନ୍ନ ନୀତି କାହିଁକି? ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ ଅନେକ ବରିଷ୍ଠ ଅଧିକାରୀ ପୁନର୍ବାର ଉଚ୍ଚପଦରେ ଥଇଥାନ ହେଉଥିବା ବେଳେ ତଳିଆ କର୍ମଚାରୀଙ୍କ ପାଇଁ ବାଛବିଚାର କାହିଁକି? ନୀତି ନିର୍ଦ୍ଧାରଣ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରାଦରୀ ପ୍ରୀତିକୁ କାହିଁକି ପ୍ରୋତ୍ସାହନ ଦିଆଯାଉଛି? ସାଧାରଣ ଲୋକଙ୍କ ଦୃଷ୍ଟିରୁ ଦେଖିଲେ ନ୍ୟାୟର ସମାନତା ଅଧିକ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଆଇନର ନିରପେକ୍ଷତା ଉପରେ ଲୋକଙ୍କ ବିଶ୍ୱାସ କମିଯିବ। ପଦମର୍ଯ୍ୟାଦା ନୁହେଁ; ଆଇନ ଆଧାରରେ ଦଣ୍ଡ ମିଳିବା ଉଚିତ୍। ଏହା ହେଲେ ଦୁର୍ନୀତି ବିରୋଧୀ ନୀତି ଗ୍ରହଣୀୟ ହେବ; ନ ହେଲେ 'ଶୂନ୍ୟ ସହନଶୀଳତା' କେବଳ ଫମ୍ପା ସ୍ଲୋଗାନ ପାଲଟିଯିବ।

ସାଂସଦ, ରାଜ୍ୟସଭା

## ପ୍ରକୃତି ସଂରକ୍ଷଣରେ ଦୂରଦର୍ଶୀ ଅଭିଯାନ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଜଙ୍ଗଲର ପ୍ରତ୍ୟକ୍ଷ ଉପକାରିତା ହେଲା ଖାଦ୍ୟ, ଔଷଧ, ଗୃହ ତଥା ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ଉପକରଣ ଏବଂ ଉପାଦାନର ଉପଲବ୍ଧି। ଏହାଠାରୁ ପରୋକ୍ଷ ଉପକାରିତା ଯଥେଷ୍ଟ ଅଧିକ - ଯଥା ଜଳବାୟୁ ନିୟନ୍ତ୍ରଣ, ବୃଷ୍ଟିପାତ, ଜଳଚକ୍ର ନିୟନ୍ତ୍ରଣ, ଭୂତଳ ଜଳ ଶୋଷଣ ତଥା ଏହି ଜଳ ସ୍ତରକୁ ଉପରମୁହା କରି ରଖିବା, ଉତ୍ତାପ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ଅନେକ ପକ୍ଷୀ ତଥା ପ୍ରାଣୀଙ୍କୁ ଆଶ୍ରୟ ପ୍ରଦାନ, ପରିସଂସ୍ଥୀୟ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଇତ୍ୟାଦି।

ଆମ ଦେଶରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ ଆରମ୍ଭ କରି ସେପ୍ଟେମ୍ବର ଶେଷ ସୁଦ୍ଧା ଚାରାରୋପଣ କାର୍ଯ୍ୟକ୍ରମ ଜାରି ରଖାଯାଇପାରିବ। ଏହାର କାରଣ ହେଉଛି ଭାରତରେ ମୌସୁମୀ କିମ୍ବା ବର୍ଷା ସାଧାରଣତଃ ଏହି ସମୟରେ ସକ୍ରିୟ ଥାଏ ଏବଂ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ପାଇଁ ସର୍ବୋତ୍ତମ ସମୟ। ଚାରାରୋପଣ କରିବା ପୂର୍ବରୁ କେଉଁ ଜାତୀୟ ଚାରା କେଉଁଠାରେ ଲଗା ଯିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ସାଧାରଣତଃ ଦେଶୀ ଚାରା ଚୟନ କରିବା ଉଚିତ ହେବ, ଯେହେତୁ ସେହିସବୁ ଉଦ୍ଭିଦ ସ୍ଥାନୀୟ ମୃତ୍ତିକା ତଥା ଜଳବାୟୁରେ ଭଲ ବଢ଼ିପାରେ ଏବଂ ଜନସାଧାରଣଙ୍କ ଉପକାରରେ ଲାଗେ।

ଆମ ଜଳବାୟୁ ଆମ୍ବ, ଆକାଶ ମଲ୍ଲୀ, ଅର୍ଜୁନ, ଅସନ, ଅଶ୍ୱସ୍ତ, ବାହାଡ଼ା, ବର, ଭ୍ରମରମାରୀ, ଚମ୍ପା, ଛତିଆନ, ଦେଶି ବାଦାମ, ଡିମିରୀ, ଗମ୍ଭାରୀ, ଗରୁଡ଼, ହରିଡ଼ା, ହଳଦ, ଜାମୁକୋଳି, ଜରୀ, କଦମ୍ବ, କାଳଚୁଆ, କରଞ୍ଜ, କେଳି କଦମ୍ବ, କେନ୍ଦୁ, କୃଷ୍ଣବର, କୁମ୍ଭୀ, କୋଚିଲା, ମହା ନାଗେଶ୍ୱର, ମହାନୀମ, ମହୁଲ, ମେହଗନୀ, ମୁଚୁକୁନ୍ଦ, ନାଗେଶ୍ୱର, ନୀମ, ପାଟୁଳୀ, ପୋଲାଙ୍ଗ, ପଣସ, ଫାସୀ, ପିଆଶାଳ, ରବର, ଶିମୁଳି, ସଲପ, ଜଡିମାରୀ, ଶିଶୁଆ, ତେନ୍ତୁଳି ଇତ୍ୟାଦି ପାଇଁ ବେଶ୍ ଅନୁକୂଳ। ଆମ୍ବ, ପଣସ ଭଳି ଚାରା ଫଳ ଉଦ୍ୟାନରେ ହିଁ ସ୍ଥାନ ପାଇବା ଉଚିତ। ମଧ୍ୟମ ଉଚ୍ଚତା ବିଶିଷ୍ଟ ଉଦ୍ଭିଦମାନଙ୍କ ମଧ୍ୟରୁ ଅଶୋକ, ଆଚୁ, ବାନ୍ଧଣ, ବଉଳ, ବେଲ, ଚନ୍ଦନ, ଚିନି ଚମ୍ପା, ଡଉ, ଗୁଆ, କାଠ କୁସୁମ, ହିଙ୍ଗୁଳ, କଇଠ, କାଳଚୁଆ, କୁଙ୍କୁମ, ପାଲଧୁଆ, ରିଠା ଫଳ, ରୁଦ୍ରାକ୍ଷ, ସୀମାକନୟା, ସୀତା ଫଳ, ରାମ୍ଫଳ ବା ବଢ଼ିଆଳ, ସୁନାରି, ଗୋପି ଗୋଲାପ ବା ତୁରୀ ଇତ୍ୟାଦି ଲଗାଯିବା ଉଚିତ। ସୀତା ଫଳ, ବଢ଼ିଆଳ ଭଳି ଗଛ ଫଳ ଉଦ୍ୟାନ ବା ନିଜ ବାଡ଼ି ବଗିଚାରେ ଲଗାଯିବା ଉଚିତ। ସେଭଳି ଛୋଟ ବୃକ୍ଷ ଭାବରେ ଅଁଳା, ଅର୍ଗୁଣା, କୁସୁମ, ବରୁଣ, ବେଗୁନିଆ, ଭୁରସିଙ୍ଗା, କଷି, ଚଢ଼େଇଗୋଡ଼ି, ପାଟୁଳୀ, ଛେନା ଫୁଲ, ଡାଳିମ୍ବ, ଗଙ୍ଗଶିଉଳି, ଗୋଲାପଜାମ, ଜାକାରନ୍ଦା, ଜାଭା କାସିଆ, କରମଙ୍ଗା, କଞ୍ଚଣ, କେରୁଆନ, ଖିରକୋଳି, କୋପା, ଲୋଧା, ନରକୋଳି, ଓଉ, ଫନଫଣା, ପିଜୁଳି, ରକ୍ତ ଚନ୍ଦନ, ସାପେଟା, ସିଧ, ଶାହାଡ଼ା ଇତ୍ୟାଦି ଲଗାଯାଇପାରିବ। ପିଜୁଳି, ସାପେଟା ଭଳି ଫଳ ଗଛ ନିଜ ବାଡ଼ି ବଗିଚା କିମ୍ବା ଫଳ ଉଦ୍ୟାନରେ ଲଗାଯିବା ଠିକ୍ ହେବ।

ଏହାଛଡ଼ା ବାସଙ୍ଗ, ବୋଟଲବ୍ରାସ, କନିଅର, କରବିର, ମନ୍ଦାର, ପାନ୍ଥପାଦପ, ରାଧାଚୁଡା, ରଙ୍ଗଣୀ, ସ୍ଥଳପଦ୍ମ, ଟଗର, ତରାଟ ଆଦି ଗୁଳ୍ମ ଜାତୀୟ ଉଦ୍ଭିଦ; ପାତାଳ ଗରୁଡ଼, ତୁଳସୀ ଆଦି ତୃଣ ଜାତୀୟ ଉଦ୍ଭିଦ ଏବଂ ଦୁର୍ବଳ କାଣ୍ଡ ବିଶିଷ୍ଟ ଲତା ଜାତୀୟ ଉଦ୍ଭିଦ ଯଥା ବୃଦ୍ଧଦାରକ, ଗନ୍ଧତମାଳ, ବିଗ୍ନନିଆ ବା ଅମନା, ହଁସଲତା, ମାଧବିଲତା, ରାଧାତମାଳ, କୃଷ୍ଣ ତମାଳ, ଅପରାଜିତା ଭଳି ଅନେକ ଚୟନ କରାଯାଇପାରେ। କୃଷ୍ଣଚୂଡ଼ା, ଆକାଶିଆ, ନୀଳଗିରି, ନିଦ୍ରାବତୀ, ସରୁପତ୍ରୀ, ବଡ଼ଶିରୀ ଭଳି ଉଦ୍ଭିଦ ଦେଶଜ ନ ହେଲେ ମଧ୍ୟ ଆମ ଜଳବାୟୁରେ ଭଲ ବଢ଼ନ୍ତି। ଏଗୁଡ଼ିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାସ୍ତାକଡ଼ରେ ଲଗାଯାଇପାରେ। ନୀଳଗିରି ଭଳି ବାର୍ଷିକ କର୍ଣ୍ଣପାତ ବୃକ୍ଷ ରାସ୍ତା କଡ଼ରେ ରୋପଣ ପାଇଁ ଉପଯୁକ୍ତ ନୁହେଁ, ତାହା ଉତ୍କୃଷ୍ଟ ଜାଳ କାଠ ପାଇଁ ବ୍ୟବସାୟଭିତ୍ତିକ ଚାଷ କରାଯାଇପାରିବ। ଦେବଦାରୁ ଭଳି ନରମଗଣ୍ଡି ବିଶିଷ୍ଟ ଉଦ୍ଭିଦ ସୌନ୍ଦର୍ଯ୍ୟ ପାଇଁ ଲଗା ଯାଇପାରିବ। ତେବେ ଖୁବ୍ ଜୋର୍ ପବନ ବା ବାତ୍ୟାରେ ଭାଙ୍ଗିବା ଆଶଙ୍କା ବହୁ ଅଧିକ।

ସମୁଦ୍ର ଉପକୂଳରେ ସୁନ୍ଦରୀ, ହେନ୍ତାଳ, ଝାଉଁ, କାଜୁ, କିଆ ବୁଦା ଭଳି ଲୁଣି ପାଣିର ଜଳବାୟୁରେ ବଢୁଥିବା ଚାରାରୋପଣ କରାଯାଇପାରେ। ଏହି ଜାତୀୟ ଉଦ୍ଭିଦ ବାତ୍ୟା, ପବନର ଚାପକୁ ପ୍ରତିରୋଧ କରିପାରିବ। ନଦୀ କୂଳ, କେନାଲ ହୁଡ଼ା, ଖେଳ ପଡ଼ିଆ ମଶାଣି ଭଳି ଖୋଲା ସ୍ଥାନରେ ଛାୟା ଏବଂ ଶୀତଳତା ପାଇଁ ଚିରସବୁଜ ବଡ଼ ବଡ଼ ବୃକ୍ଷ ଯଥା ବର, ଓସ୍ତ, କରଞ୍ଜ, ଡିମ୍ବିରି, ନୀମ, ତେନ୍ତୁଳି, ଇତ୍ୟାଦି ଚୟନ କରାଯାଇ ପାରେ। ଅଶୋକ, ବଉଳ, ନୀମ ଭଳି ସାତ୍ତ୍ୱିକ ଗଛ ମଧ୍ୟ ଲଗାଯାଏ। କୃଷ୍ଣଚୂଡ଼ା ଗଛରେ ଯେତେବେଳେ ଫୁଲ ଫଳ ଧରେ ସେତେବେଳେ ପତ୍ର ନଥାଏ। ଏଣୁ କେବଳ ଫୁଲର ସୈନ୍ଦର୍ଯ୍ୟ ପାଇଁ କିଛି ହାତଗଣତି ଗଛ ଲଗାଯାଇପାରେ। ଶାଗୁଆନ ଗଛରେ ଶୀତ ଋତୁ ବେଳକୁ ପତ୍ରଝଡ଼ା ଦିଏ। ଏଭଳି ବୃକ୍ଷ ଜଙ୍ଗଲ ସୃଷ୍ଟି ବ୍ୟବସାୟିକ ଦୃଷ୍ଟିରୁ ଠିକ୍।

ପୂର୍ବାଞ୍ଚଳ ରାଜ୍ୟ ଯଥା ଓଡ଼ିଶା, ବିହାର, ଝାଡ଼ଖଣ୍ଡରେ ଶାଳ ଅରଣ୍ୟ ବହୁତ ଦେଖାଯାଏ। ତେବେ ଏଥିରୁ ଚାରା ସୃଷ୍ଟି କରିବା ଏତେଟା ସହଜ ନୁହେଁ। ଗଛର ତଟକା ମଞ୍ଜିକୁ ସଂଗ୍ରହ କରି ତତକ୍ଷଣାତ୍ ନରସେରି କଲେ ଚାରା ସୃଷ୍ଟି ହୋଇପାରିବ। ଏଭଳି ଏକ ନରସେରି ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାରେ ମନ୍ଦିରା ଡ୍ୟାମ ନିକଟରେ ବନ ବିଭାଗ ସୃଷ୍ଟି କରିଛନ୍ତି। ଉଜୁଡ଼ା ଜଙ୍ଗଲ କିମ୍ବା ସେଭଳି କୌଣସି ଅଧୋପତିତ ଜମିରେ ଶାଳ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହେବ। ଅଶୋକ, ଫନଫଣା ପାତାଳ ଗରୁଡ଼ ଭଳି ଅନେକ ଦେଶଜ ଔଷଧି ଉଦ୍ଭିଦ ବର୍ତ୍ତମାନ ବିପଦସଙ୍କୁଳ/ବିରଳ/ସଙ୍କଟାପନ୍ନ ବର୍ଗରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ତାଲାକାଭୁକ୍ତ ହେଲାଣି ଏବଂ ଆଶଙ୍କା ହେଉଛି ଏହି ତାଲିକା ଆହୁରି ଲମ୍ବା ହେବାକୁ ଯାଉଛି। ତେଣୁ ଦେଶଜ ଉଦ୍ଭିଦର ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ।

ବ୍ୟାପକ ଚାରାରୋପଣ ହେଉଛି ପ୍ରକୃତି ସଂରକ୍ଷଣ ପାଇଁ ଏକ ଦୂରଦର୍ଶୀ ଅଭିଯାନ। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ପାଳନ କରାଯାଉଥିବା ବନ ମହୋତ୍ସବର ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଗଛ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ'। ବିଗତ ଦୁଇ ବର୍ଷର ନାରା ଥିଲା 'ମା'ଙ୍କ ପାଇଁ ଗଛଟିଏ ରୋପଣ କରନ୍ତୁ।' ଭାରତର ଲକ୍ଷ୍ୟ ରହିଛି ଯେ ଏହି ଉତ୍ସବ ପାଳନ ପ୍ୟାରିସ ଜଳବାୟୁ ଚୁକ୍ତିନାମାର ଜାତୀୟସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତିବଦ୍ଧତା ସହିତ ସମନ୍ୱିତ ହେଉ, ଯାହାଦ୍ୱାରା ୨୦୩୦ ସୁଦ୍ଧା ୨.୫ ରୁ ୩ ଶହ କୋଟି ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଅତିରିକ୍ତ କାର୍ବନ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ଅବଶୋଷଣ କରାଯିବ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଅନବସର ବେଳେ ଅଲାରନାଥ ଦର୍ଶନ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

କେରଳନିବାସୀ ଆଲବନ୍ଦରାଚାର୍ଯ୍ୟ ଜଣେ ପରମ ବୈଷ୍ଣବ ସନ୍ଥ ଥିଲେ। ଥରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେତେବେଳେ ଥିଲା ଆଷାଢ଼ ମାସର ଅନବସର ସମୟ। ସେବକମାନଙ୍କଠାରୁ ଶୁଣିବାକୁ ପାଇଲେ ଯେ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜ୍ୱରରେ ପୀଡ଼ିତ ହୋଇ ସଂଗରୋଧରେ ରହିଛନ୍ତି ଏବଂ ରୋଗର ଉପଶମ ପାଇଁ ବିଶ୍ରାମ ଓ ଚିକିତ୍ସା ଗ୍ରହଣ କରୁଛନ୍ତି। ଆଚାର୍ଯ୍ୟ ଭାବିଲେ ଯେ ଅଖିଳ ବ୍ରହ୍ମାଣ୍ଡର ପତି ପରଂବ୍ରହ୍ମ ଜଗନ୍ନାଥ ସାଧାରଣ ମଣିଷ ପରି ପୀଡ଼ିତ ହେବେ କିପରି? ଯେ ନିରାକାର, ଅଜର ଓ ଅମର; ଯାହାର ଶ୍ରୀଅଙ୍ଗ ଏକ ସାଙ୍କେତିକ ସ୍ୱରୂପ ମାତ୍ର, ତାଙ୍କର କେଉଁ ଅଙ୍ଗ ଜ୍ୱରାକ୍ରାନ୍ତ ଓ ପୀଡ଼ାଗ୍ରସ୍ତ ହୋଇପାରେ? ସେ ଭାବିଲେ ଯେ ତାଙ୍କର ପୂର୍ବ ଜନ୍ମ ବା ଏହି ଜନ୍ମର କୌଣସି ପାପ ଯୋଗୁଁ ମହାପ୍ରଭୁ ରୋଗର ବାହାନା କରି ତାଙ୍କୁ ଦର୍ଶନ ଦେଲେ ନାହିଁ। ଏତେଦିନର ନୈଷ୍ଠିକ ସାଧନା ଓ ପଥଶ୍ରମ ନିଷ୍ଫଳ ଯାଇଥିବାରୁ ସମୁଦ୍ରରେ ଝାସ ଦେଇ ପ୍ରାଣ ବିସର୍ଜନ କରିବା ପାଇଁ ସେ ସ୍ଥିର କଲେ। ସନ୍ଧ୍ୟା ଅତିକ୍ରାନ୍ତ ହେବା ପରେ ମହୋଦଧି ଆଡ଼କୁ ଚାଲିଲେ। ମହାପ୍ରଭୁ ତ ସର୍ବଜ୍ଞ, ପୁଣି ପରମ ଦୟାଳୁ ଓ ଭକ୍ତବତ୍ସଳ। ସେ ଆଚାର୍ଯ୍ୟଙ୍କୁ ବୁଝାଇବା ପାଇଁ ଶ୍ମଶାନ ମହାବୀର ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ମହାପ୍ରଭୁଙ୍କ ଆଦେଶ ପାଇ ହନୁମାନ ସାଧୁଙ୍କ ପଛେପଛେ ଚାଲିଲେ। କିଛିଦୂର ଗଲା ପରେ ଆଚାର୍ଯ୍ୟଙ୍କୁ ଲାଗିଲା ଯେ କେହି ଜଣେ ତାଙ୍କୁ ଅନୁଗମନ କରୁଛି। ସେ ପଛକୁ ବୁଲି ଦେଖିଲେ, ଜଣେ ବିରାଟକାୟ ମଣିଷ, ବାନରପରି ମୁଖମଣ୍ଡଳ ଆକାଶକୁ ଲାଗିଥିଲା। ସାଧୁ ଭୟ ନ କରି ପଚାରିଲେ, 'ଆପଣ କିଏ? ମୋ ପଛେପଛେ ଆସୁଛନ୍ତି କାହିଁକି?' ହନୁମାନ ନିଜ ପରିଚୟ ଦେଇ କହିଲେ, 'ମୁଁ ହନୁମାନ, ସ୍ୱର୍ଗଦ୍ୱାର ଶ୍ମଶାନର ରକ୍ଷକ। ମୋତେ ମହାପ୍ରଭୁ ଆପଣଙ୍କ ପାଖକୁ ପଠେଇଛନ୍ତି। କିଛିଦିନ ପରେ ସେ ରୋଗମୁକ୍ତ ହୋଇ ନବଯୌବନ ଦର୍ଶନ ଦେବେ। ତା' ପରେ ରଥାରୋହଣ କରି ଯାତ୍ରା କରିବେ। ସେତେବେଳେ ଆପଣ ତାଙ୍କର ଦର୍ଶନ ଲାଭ କରିବେ। ବର୍ତ୍ତମାନ ଆପଣ ପ୍ରାଣବିସର୍ଜନ ନିଷ୍ପତ୍ତି ପରିହାର କରନ୍ତୁ।' ଆଚାର୍ଯ୍ୟେ କହିଲେ, 'ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମୋର ଅଭିଳାଷ ପଛରେ ମୋର ଅନେକ ଦିନର ସାଧନା ଓ ପଥଶ୍ରମ ଅଛି। ତା' ପରେ ଯଦି ମୋତେ ଦର୍ଶନ ମିଳିଲା ନାହିଁ, ମୋର ଜୀବନର କୌଣସି ଅର୍ଥ ଅଛି ବୋଲି ମୁଁ ବିଶ୍ୱାସ କରେ ନାହିଁ। ଆପଣ ମୋର ଗତିରୋଧ କରନ୍ତୁ ନାହିଁ।'

ହନୁମାନ ଜାଣିଲେ ଯେ ଆଚାର୍ଯ୍ୟ ତାଙ୍କ ନିଷ୍ପତ୍ତିରୁ ଓହରିବେ ନାହିଁ। ସେ ନିଜେ ଜାଣିଥିଲେ ଯେ ମହାପ୍ରଭୁଙ୍କୁ ଭକ୍ତ ଯେତେ ଭକ୍ତି କରେ, ତା' ଠାରୁ ବେଶୀ ସେ ତାଙ୍କ ଉପରେ ଅଭିମାନ କରେ। ତେଣୁ ସେ ଆଚାର୍ଯ୍ୟଙ୍କୁ ପଥଭ୍ରଷ୍ଟ କରି ତାଙ୍କୁ ମରଣ ମୁହଁରୁ ରକ୍ଷା କରିବା ପାଇଁ ବ୍ରହ୍ମଗିରି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେହି ଆଡ଼େ ସମୁଦ୍ର ବୋଲି ସାଧୁଙ୍କୁ ଭ୍ରମିତ କରିଦେଲେ। ଆଚାର୍ଯ୍ୟେ ତାଙ୍କ ନିର୍ଦ୍ଦେଶିତ ରାସ୍ତାରେ ଚାଲିଲେ। ରାତିପାଇ ପାହାନ୍ତା ହେଲା। ତଥାପି ସମୁଦ୍ର ଆସିଲା ନାହିଁ। ଆଚାର୍ଯ୍ୟଙ୍କ ଆଗରେ ଏକ ସରୋବର ଥିଲା। ସେ ଟିକିଏ ଅଟକି ଗଲେ। ମୁଣ୍ଡ ଉଠେଇ ଦେଖିଲେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଚତୁର୍ଭୁଜ ନାରାୟଣ ତାଙ୍କ ସାମନାରେ ଦଣ୍ଡାୟମାନ ହୋଇଥିଲେ। ସେ ତାଙ୍କ ପଦ୍ମପାଦତଳେ ପଡ଼ି ନିବେଦନ କଲେ, 'ମୋର ଅପରାଧ ମାର୍ଜନା କରିବା ହୁଅନ୍ତୁ ମହାପ୍ରଭୁ। ଆପଣ ଅସୁସ୍ଥ ଥିବା ବେଳେ ମୁଁ ଆପଣଙ୍କୁ ଏତେ କଷ୍ଟ ଦେଇ ଥିବାରୁ କ୍ଷମା ପ୍ରାର୍ଥନା କରୁଛି।'

ମହାପ୍ରଭୁ କହିଲେ, ଉତ୍କଳରେ ମୋର ଭକ୍ତମାନେ ମୋତେ ତାଙ୍କ ଭିତରୁ ଜଣେ ବୋଲି ଭାବନ୍ତି। ତେଣୁ ସେମାନଙ୍କ ପାଇଁ ମୁଁ ମାନବଲୀଳା କରେ। ଏବେ ତୁମେ କୁହ, କ'ଣ ଚାହୁଁଛ? ଆଚାର୍ଯ୍ୟେ କହିଲେ, 'ଆପଣ ଯେଉଁ ସ୍ୱରୂପରେ ମୋ ଆଗରେ ବିଜେ କରିଛନ୍ତି, ସେହି ରୂପରେ ଏହିଠାରେ ବିରାଜମାନ କରନ୍ତୁ। ଅନବସର ସମୟରେ ଭକ୍ତମାନେ ଆପଣଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ପୁଣ୍ୟ ପ୍ରାପ୍ତ କରନ୍ତୁ। ଭବିଷ୍ୟତରେ ଜଗନ୍ନାଥ ଦର୍ଶନରୁ ବଂଚିତ ହୋଇ ମୋ ପରି କେହି ପ୍ରାଣ ବିସର୍ଜନ କରିବା ପାଇଁ ନିଷ୍ପତ୍ତି ନେବା ଦରକାର ନ ପଡୁ।' ମହାପ୍ରଭୁ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ।

ଯେଉଁ ସ୍ଥାନରେ ଆଚାର୍ଯ୍ୟ ନାରାୟଣଙ୍କ ଦର୍ଶନ ଲାଭ କରିଥିଲେ, ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରି ନାରାୟଣଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରାଗଲା। ଆଲବନ୍ଦରାଚାର୍ଯ୍ୟଙ୍କ ନାମାନୁସାରେ ଲୋକେ ଠାକୁରଙ୍କୁ ଅଲାରନାଥ ବୋଲି ସମ୍ବୋଧନ କଲେ। ଅନବସରବେଳେ ଲକ୍ଷଲକ୍ଷ ଭକ୍ତ ତାଙ୍କର ଦର୍ଶନ ଲାଭ କରି କୃତାର୍ଥ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## AFFIDAVIT

I, MOHAMMAD SHAZAD, S/O HAJI MAHAMMAD AMAN, resident of At - Milli Sahi, PO/PS - Kotpad, Dist - Koraput - 764058, Odisha declare by this Affidavit No.3007, Dated - 07/07/2026, that now onwards I shall be known as **MAHAMMAD SHAZAD NATHA** for all future purposes.

## AFFIDAVIT

By virtue of an Affidavit before the Executive Magistrate, Bhadrak, vide Affidavit No. 8050, dated 07.07.2026, I, Jhilimayee Ojha, aged 30 years, S/o Bichitra Ojha, At- Antei, P.O.- Balighai, P.S.- Marshaghai, Dist.- Kendrapara, Odisha, on behalf of my name Jhilimayee Ojha. In my Aadhaar Card, it has been wrongly mentioned as Jhilu Ojha in Aadhaar Card bearing No. 2065 0075 8452. Jhilu Ojha and Jhilimayee Ojha are one and the same person. This affidavit is for Aadhaar correction.

## AFFIDAVIT

By virtue of an affidavit sworn before Executive Magistrate, Kodala, Ganjam vide Sl. No.336 dated 18.5.2026, I Muna Gouda resident of At- Chhachina, Jaganathapur, Po.- Gouradeipur, Ps./Tahasil- Kodala, Dist.- Ganjam, Odisha, Pin- 761032 declare that, I have changed the name of my daughter from **Mama Gouda** to **Mamali Gouda**. Henceforth, she shall be known as **Mamali Gouda** for all purposes.

Applicant Name: Muna Gouda

## AFFIDAVIT

I, Tabassum Bano, aged about 44 years, W/o- Mohammed Hanif, resident of Balika School Pada, Ward No. 8, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107, do hereby declare by this affidavit No.1366., dtd- 07.07.2026, that now onwards I shall be known as **TABASSUM BANO** for all future purposes.

## AFFIDAVIT

I, GANTA VENKATESWARA RAO, S/O GANTA SURYANARAYANA resident of At - Lal Street, Bank Colony, PO/PS -Jeypore, Dist - Koraput - 764001, Odisha declare by this Affidavit No.3006, Dated - 07/07/2026, that now onwards I shall be known as **GANTA VENKATESWAR RAO** for all future purposes.

## AFFIDAVIT

By virtue of an affidavit no. 718 before the Executive Magistrate, Paralakhemundi, dtd.04.07.2026, I, Nityananda Barik, At: SND Pentho, PO: Sardapur, P.S. Gurandi, Dist. Gajapati, Odisha, do hereby declare that my wife's surname has been wrongly recorded as Kanchana Barik in my Army Discharge Book. Her correct name is Kanchana Pandi & Date of Birth is 20.05.1970. Henceforth she shall be known as **Kanchana Pandi & DOB-20.05.1970** for all purposes.

**Nityananda Barik**

## AFFIDAVIT

I, Anila Kumar Behera, S/o- Bhaskar chandra Behera, resident of At- Manikapur, Po- Pratap, Ps- Banapur, Dist- Khordha, Pin- 752031, Odisha declare by this affidavit No-1171, date- 06/07/2026, that now onwards I shall be known as **ANIL KUMAR BEHERA** for all future purposes.

## Lost of Original Land ROR / Patta

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୯୮, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସାଜି ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି । ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି । ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧


24001/273/2627

# ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

File No. 6352/2025 — ତାରିଖ: ୨୬.୧୨.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ କୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(e) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫ ଜିଲ୍ଲା- କୋରପୁଟ ରେ ନିମ୍ନ ସୂଚିତ କ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୬୮/୨୨ ତା: ୧୮.୦୬.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27757 ତା 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ ର ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

### ତଫସିଲ -କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାର୍ଲାହାଣ୍ଡି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | | | | ୫୬.୪୮୦ | ଏଥି ସହିତ ସଂଲଗ୍ନ କରାଗଲା |

### ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ
ମୌଜା - ବାର୍ଲାହାଣ୍ଡି, ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୬ | ରୟତି | ୩୧୮ | ୧.୪୭୦ | ୦.୬୮୨ | ଧାନ-୨ | କଣ୍ଡାରୁ ରାଉତ, ପି-ଖଗ ରାଉତ |
| ୬ | ରୟତି | ୩୨୫ | ୩.୧୨୦ | ୧.୫୮୪ | ଧାନ-୧ | କଣ୍ଡାରୁ ରାଉତ, ପି-ଖଗ ରାଉତ |
| ୧୬ | ରୟତି | ୩୧୯ | ୧.୧୪୦ | ୦.୨୭୪ | ଧାନ-୨ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡ, ପି- ଅନାମ ମୁର୍ଣ୍ଣା |
| ୧୬ | ରୟତି | ୩୨୬ | ୨.୨୪୦ | ୧.୫୯୫ | ଧାନ-୧ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡା, ପି- ଅନାମ ମୁର୍ଣ୍ଣା |
| ୧୧୪/୨୯୬ | ରୟତି | ୧୫୮ | ୧.୭୬୦ | ୦.୩୪୫ | ଧାନ-୧ | ବୃନ୍ଦାବନ ବେହେରା, ଜଗନ୍ନାଥ ବେହେରା ପି-ଗଙ୍ଗାଧର ବେହେରା ଠିକାହ୍ରି ବେହେରା ସ୍ୱା-ଗଙ୍ଗାଧର ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୨୩ | ରୟତି | ୨୮୩ | ୧.୦୦୦ | ୧.୦୦୯ | ଧାନ-୨ | ଗୋପିନାଥ ରାଉତ, ସନନାଥ ରାଉତ, କୃଷ୍ଣ ରାଉତ,ପି- ଖଗପତି ରାଉତ, ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୩୨ | ରୟତି | ୨୮୩/୪୨୧ | ୦.୯୦୦ | ୦.୬୬୯ | ଧାନ-୩ | ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୨୪ | ରୟତି | ୬୩ | ୦.୪୪୦ | ୦.୧୮୦ | ଧାନ-୨ | ଗୋପିନାଥ ରାଉତ, ପି- ଖଗ ରାଉତ |
| ୧୧୪/୧୬ | ରୟତି | ୬୩/୪୩୪ | ୨.୫୪୦ | ୨.୩୭୯ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୬୧ | ରୟତି | ୭୨/୫୫୧ | ୦.୮୩୦ | ୦.୧୭୭ | ଧାନ-୨ | ସୀତାରାଣୀ ପ୍ରଧାନ ସ୍ୱା-ବିଜୟାନନ୍ଦ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୧୧୫ | ରୟତି | ୭୨/୫୫୮/୫୭୪ | ୦.୫୦୦ | ୦.୩୫୦ | ଧାନ-୨ | କୁମି ହରିଜନ ପି-ସନୁ ହରିଜନ ତୁଳସି ହରିଜନ ସ୍ୱା-କୁମି ହରିଜନ ଜା-ଡମ୍ବ ବା-ବାର୍ଲାହାଣ୍ଡି |
| ୧୧୪/୧୧୬ | ରୟତି | ୭୨/୫୫୮ | ୦.୫୦୦ | ୦.୨୬୫ | ଧାନ-୨ | ଡମ୍ବରୁ ରାମ ପୁରିଆ ପି-ସନୁରାମ ପୁରିଆ ସୁରୁବାରି ରାମ ପୁରିଆ ସ୍ୱା-ଡମ୍ବରୁ ରାମ ପୁରିଆ ଜା-ଭୁମିଆ ବା-ବାର୍ଲାହାଣ୍ଡି |
| ୧୧୪/୨୮୮ | ରୟତି | ୨୮୯/୬୩୧ | ୦.୧୮୦ | ୦.୦୧୫ | ଧାନ-୩ | ଭଗବାନ ବେହେରା ପି-ରାମ ବେହେରା ଜା-କୁଦୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୨୮୮ | ରୟତି | ୨୯୦ | ୦.୦୬୫ | ୦.୦୬୫ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଦୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୧୫୬ | ରୟତି | ୩୨୮/୬୧୮ | ୦.୮୦୦ | ୦.୫୦୩ | ଧାନ-୧ | କୁନ୍ତି ମଣ୍ଡଳ ସ୍ୱା-କୁନ୍ଦନି ମଣ୍ଡଳ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୨୪ | ରୟତି | ୩୨୮/୨୨୩ | ୧.୭୦୦ | ୧.୦୦୦ | ଧାନ-୧ | ସତ୍ୟନାରାୟଣ ବେହେରା, ରଘୁନାଥ ବେହେରା ପି-ବନମାଳି ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୯୪ | ରୟତି | ୧୬୩ | ୧.୩୦୦ | ୦.୬୪୫ | ଧାନ-୧ | ବାଳକୃଷ୍ଣ ପାଢି ପି-ରାମ ଚନ୍ଦ୍ର ପାଢି ଜା-ବ୍ରାହ୍ମଣ ବା-ନୂଆସାହି ଜୟପୁର |
| ୧୧୪/୧୦୨ | ରୟତି | ୧୬୩/୫୬୧ | ୧.୦୫୦ | ୦.୩୪୫ | ଧାନ-୧ | ତଲା ପ୍ରଧାନ ସ୍ୱା-ଭଗତ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣି |
| ୫୯ | ରୟତି | ୨୯୯ | ୨.୧୫୦ | ୧.୦୧୧ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୫୯ | ରୟତି | ୩୦୦ | ୨.୩୧୦ | ୧.୬୪୭ | ଧାନ-୧ | ନାରଣ ବେହେରା, ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୫୯ | ରୟତି | ୩୦୧ | ୨.୧୯୦ | ୧.୬୬୦ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୨୦ | ରୟତି | ୧୨୫ | ୦.୩୬୦ | ୦.୦୧୦ | ଧାନ-୧ | ବିନାୟକ ଚଉଧୁରୀ, ପି-ବିନବନ୍ଧୁ ଚଉଧୁରୀ ଜା-କୁଦୁମ ବା-ଫାମ୍ପୁଣି |
| ୨୦ | ରୟତି | ୧୬୧ | ୧.୮୬୦ | ୦.୮୫୭ | ଧାନ-୧ | ବିନାୟକ ଚଉଧୁରୀ, ପି-ବିନବନ୍ଧୁ ଚଉଧୁରୀ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୫୯ | ରୟତି | ୬୮/୪୬୪ | ୧.୦୧୦ | ୦.୬୯୧ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୭୭ | ରୟତି | ୧୨୪ | ୨.୨୨୦ | ୦.୭୦୨ | ଧାନ-୧ | ଗଙ୍ଗାଧର ପ୍ରଧାନ ପି-ଡମ୍ବ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୮୯ | ରୟତି | ୧୭୬/୬୩୨ | ୧.୧୮୦ | ୦.୮୩୪ | ଧାନ-୧ | ସନ୍ତୋଷ ରାଉନ ଜା-କୁଦୁମ ବା-ଫାମ୍ପୁଣି ଥା-ଜୟପୁର |
| ୬୮ | ରୟତି | ୧୫୯ | ୦.୬୨୦ | ୦.୧୨୨ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ବିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୫୯/୫୯୪ | ୦.୫୦୦ | ୦.୨୫୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁଦ ରାଉତ ଜା-କୁଦୁମ ବା-ଫାମ୍ପୁଣି |
| ୬୮ | ରୟତି | ୧୬୦ | ୦.୫୩୦ | ୦.୩୬୫ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ବିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୬୦/୫୯୫ | ୦.୫୦୦ | ୦.୧୩୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁଦ ରାଉତ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୧୪୮ | ରୟତି | ୧୬୦/୬୦୬ | ୦.୮୯୦ | ୦.୦୨୦ | ଧାନ-୧ | ସିମାଂଚଳ ମଲ୍ଲିକ ପି-ନିଳାମ୍ବର ମଲ୍ଲିକ ଜା-କୁଦୁମ ବା-ଫାମ୍ପୁଣି |
| ୬୮ | ରୟତି | ୧୬୨ | ୦.୪୨୦ | ୦.୪୧୬ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ବିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| | | ୧୬୨/୫୬୨ | ୦.୩୦୦ | ୦.୩୦୦ | ଧାନ-୧ | |
| ୯୫ | ରୟତି | ୩୨୧ | ୧.୩୦୦ | ୦.୦୩୮ | ଧାନ-୨ | ରାମ ରାଉତ, ପି-ଖଗ ରାଉତ |
| ୯୫ | ରୟତି | ୩୨୬ | ୨.୫୧୦ | ୨.୧୫୩ | ଧାନ-୧ | ରାମ ରାଉତ, ପି-ଖଗ ରାଉତ |
| ୧୦୬ | ରୟତି | ୨୯୨ | ୧.୨୨୦ | ୦.୨୯୦ | ଧାନ-୧ | ହରି ଚଉଧୁରୀ,ପି-ବିନବନ୍ଧୁ ଚଉଧୁରୀ |
| ୧୦୬ | ରୟତି | ୨୯୩ | ୦.୯୦୦ | ୦.୬୩୪ | ଧାନ-୨ | ହରି ଚଉଧୁରୀ,ପି-ବିନବନ୍ଧୁ ଚଉଧୁରୀ |
| ୧୦୮ | ରୟତି | ୧୨୨ | ୩.୮୦୦ | ୦.୫୨୦ | ଧାନ-୧ | ହିରାମଣୀ ପାଢିଆଣ,ସ୍ୱା-ରାମଚନ୍ଦ୍ର ପାଢୀ |
| ୧୧୪/୧୪୨ | ରୟତି | ୩୨୪/୧/୫୬୬ | ୪.୨୦୦ | ୦.୧୮୪ | ଧାନ-୧ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗା ସାହି ଜୟପୁର |
| ୧୧୪/୧ | ରୟତି | ୩୨୪/୨ | ୦.୫୮୦ | ୦.୫୮୦ | ଧାନ-୨ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୧୪/୧୪୨ | ରୟତି | ୩୨୪/୨/୫୬୬ | ୨.୦୦୦ | ୧.୧୫୧ | ଧାନ-୨ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗା ସାହି ଜୟପୁର |
| ୧୧୪/୪ | ରୟତି | ୨୮୭ | ୧.୭୬୦ | ୧.୪୬୩ | ଧାନ-୨ | ବିନବନ୍ଧୁ ମଲ୍ଲିକ,ପି-ଘାସି ମଲ୍ଲିକ |
| ୧୧୪/୬ | ରୟତି | ୬୭ | ୧.୬୧୦ | ୦.୯୨୫ | ଧାନ-୨ | ଭିକାରି ଚୌଧୁରି, ପି-ମାଗତା ଚୌଧୁରି |
| ୧୧୪/୧୪ | ରୟତି | ୬୪ | ୧.୦୨୦ | ୦.୯୧୬ | ଧାନ-୨ | ନିହାରବାଳା ସାହୁ,ସ୍ୱା-କ୍ଷିରୋଦ ଶର୍ମା |
| ୧୧୪/୨୬ | ରୟତି | ୨୮୧/୪୨୩ | ୦.୧୪୦ | ୦.୦୨୫ | ଧାନ-୨ | ଇରା ପ୍ରଧାନୁଣୀ,ସ୍ୱା-ବାସୁଦେବ ପ୍ରଧାନ, ଜା-କୁଦୁମ, ବା-ନିଜଗାଁ |
| ୧୧୪/୨୮୮ | ରୟତି | ୨୮୧/୪୨୩/୬୩୦ | ୦.୨୦୦ | ୦.୨୦୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଦୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୨୯୬ | ରୟତି | ୨୮୧/୪୨୩/୬୩୬ | ୦.୮୩୦ | ୦.୮୩୦ | ଧାନ-୨ | ସୁକାନ୍ତ ବେହେରା ପି-ଭଗବାନ ବେହେରା ଜା-କୁଦୁମ ବା-ଫାମ୍ପୁଣୀ ଜୟପୁର |
| ୧୧୪/୧୬ | ରୟତି | ୨୮୧/୪୨୩/୪୫୩ | ୦.୪୮୦ | ୦.୪୩୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଦୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୧୫୫ | ରୟତି | ୬୫/୬୦୪ | ୧.୧୧୦ | ୦.୯୬୯ | ଧାନ-୨ | ନିରୁପମା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ନିଜଗାଁ |
| ୧୧୪/୩୭ | ରୟତି | ୧୨୪ | ୦.୬୦୦ | ୦.୨୫୩ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୪/୩୭ | ରୟତି | ୧୬୮ | ୨.୦୬୦ | ୦.୯୩୬ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୬/୩୯ | ରୟତି | ୧୬୬ | ୦.୯୦୦ | ୦.୮୩୦ | ଧାନ-୧ | ଡମ୍ବରୁ ବିଶୋଇ, ପି-ଗୋବର୍ଦ୍ଧନ ବିଶୋଇ |
| | | ୧୬୬/୪୪୩/୫୮୨ | ୦.୧୦୦ | ୦.୦୮୦ | ଧାନ-୧ | |
| ୧୧୪/୨୮୨ | ରୟତି | ୧୬୨/୪୪୩ | ୧.୦୦୦ | ୦.୦୦୯ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୪୮ | ରୟତି | ୨୯୪/୧ | ୦.୧୨୦ | ୦.୧୨୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣୀ |
| ୧୧୪/୧୧୪ | ରୟତି | ୨୯୪/୨/୫୭୨ | ୦.୩୩୦ | ୦.୩୩୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣୀ |
| ୧୩/ଛ | ରୟତି | ୨୯୪/୨ | ୦.୩୩୦ | ୦.୧୨୮ | ଧାନ-୨ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁଦୁମ, ବା-ଫାମ୍ପୁଣୀ |
| ୧୧୪/୪୮ | ରୟତି | ୨୯୫/୪ | ୦.୧୨୦ | ୦.୧୨୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣୀ |
| ୧୩/ଛ | ରୟତି | ୨୯୫/୩ | ୦.୪୧୦ | ୦.୨୫୫ | ଧାନ-୧ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁଦୁମ, ବା-ଫାମ୍ପୁଣୀ |
| ୫୮/ଖ | ରୟତି | ୧୬୧/୧ | ୦.୧୬୦ | ୦.୧୬୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୯୫ | ରୟତି | ୧୬୧/୨ | ୦.୧୬୦ | ୦.୧୬୦ | ଧାନ-୧ | ଚକ୍ରଧର ବେହେରା ପି-ସିମାହ୍ରି ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୫୮/ଖ | ରୟତି | ୧୬୧/୩ | ୦.୧୪୦ | ୦.୧୪୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୯୫ | ରୟତି | ୧୬୧/୪ | ୦.୧୮୦ | ୦.୧୪୦ | ଧାନ-୧ | ଚକ୍ରଧର ବେହେରା ପି-ସିମାହ୍ରି ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୫୯ | ରୟତି | ୨୯୧ | ୧.୨୯୦ | ୦.୨୩୫ | ଧାନ-୧ | ସନ୍ତୋଷ କୁମାର ବେହେରା,ପି-ଭଗବାନ ବେହେରା |
| ୧୧୪/୨୮ | ରୟତି | ୧୨୨ | ୨.୨୫୦ | ୦.୩୦୫ | ଧାନ-୧ | ଗୋପ ସୁନ୍ଦର ପାତ୍ର, ପି-ସତ୍ୟ ନାରାୟଣ ପାତ୍ର |
| ୨୨ | ରୟତି | ୧୬୩ | ୧.୨୫୦ | ୦.୬୬୩ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁଦୁମ, ବା-ଫାମ୍ପୁଣୀ |
| ୧୧୪/୮୩ | ରୟତି | ୧୭୦ | ୨.୫୪୦ | ୦.୮୪୧ | ଧାନ-୧ | ବିପ୍ର ଚରଣ ପ୍ରଧାନ, ପି-କୃଷ୍ଣ ପ୍ରଧାନ |
| ୧୧୪/୮୨ | ରୟତି | ୨୩/୧ | ୦.୮୨୦ | ୦.୦୦୩ | ଧାନ-୨ | ବିଶ୍ୱନାଥ ମିଶ୍ର, ପି-ଦୟାନାଧି ମିଶ୍ର, ଜା-ବ୍ରାହ୍ମଣ, ବା-ବାରଲାହାଣ୍ଡି |
| ୧୧୪/୯୪ | ରୟତି | ୨୯୭ | ୦.୬୩୦ | ୦.୪୫୧ | ଧାନ-୨ | ସହଦେବ ପ୍ରଧାନ, ପି-ହାଡି ପ୍ରଧାନ |
| ୧୧୪/୯୫ | ରୟତି | ୨୯୬ | ୧.୦୦୦ | ୦.୪୯୬ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ |
| ୧୧୪/୯୯ | ରୟତି | ୧୨୩ | ୦.୬୨୦ | ୦.୫୪୦ | ଧାନ-୧ | କୁନ୍ତି ମାଝିକାଣି, ସ୍ୱା-ନିଳାମ୍ବର ମଲ୍ଲିକ |
| ୧୧୪/୧୦୬ | ରୟତି | ୧୬୪ | ୨.୪୪୦ | ୧.୦୧୯ | ଧାନ-୧ | ବାଳକୃଷ୍ଣ ପାଢି, ପି-ରାମଚନ୍ଦ୍ର ପାଢି |
| ୧୧୪/୨୯୨ | ରୟତି | ୧୬୫ | ୧.୪୭୦ | ୦.୫୯୦ | ଧାନ-୧ | ବୃନ୍ଦାବନ ବିଶୋଇ ପି-ନବିନ ବିଶୋଇ ଜା-ଶୁଣ୍ଢି ବା-ବାର୍ଲାହାଣ୍ଡି ଜୟପୁର |
| ୧୧୪/୧୪୦ | ରୟତି | ୧୬୫/୫୯୭ | ୦.୫୦୦ | ୦.୩୨୯ | ଧାନ-୧ | କୁନ୍ତି ବେହେରା ସ୍ୱା-ଜଗନ୍ନାଥ ବେହେରା ଜା-କରଣ ବା-ନିଜଗାଁ |
| ୧୧୪/୧୪୩ | ରୟତି | ୧୬୮ | ୦.୨୨୦ | ୦.୨୨୪ | ଧାନ-୧ | ଗିତା ନାୟକ, ସ୍ୱା-ନିଳାମ୍ବର ମଲ୍ଲିକ |
| ୧୧୪/୧୪୩ | ରୟତି | ୧୬୯ | ୧.୦୮୦ | ୦.୪୧୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲ୍ଲିକ |
| ୧୧୪/୧୪୩ | ରୟତି | ୧୮୧ | ୦.୫୧୦ | ୦.୧୦୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲ୍ଲିକ |
| ୧୧୪/୧୪୭ | ରୟତି | ୧୬୨/୬୦୬ | ୧.୧୩୦ | ୧.୦୦୦ | ଧାନ-୧ | କୁନ୍ତି ମଲ୍ଲିକାଣି ସ୍ୱା-ନିଳାମ୍ବର ମଲ୍ଲିକ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୫୨ | ରୟତି | ୧୬୨/୪୫୮ | ୧.୧୦୦ | ୦.୭୦୮ | ଧାନ-୧ | |
| ୧୧୪/୧୫୪ | ରୟତି | ୩୧୬ | ୨.୨୭୦ | ୨.୧୮୩ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ |
| ୧୧୪/୧୫୪ | ରୟତି | ୩୧୭ | ୩.୧୯୦ | ୩.୧୬୦ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୧୧୪/୨୫୮ | ରୟତି | ୧୬୫ | ୨.୨୪୦ | ୦.୫୦୪ | ଧାନ-୧ | ତରିଣି ଚରଣ ମଣ୍ଡଳ,ପି-ବୃନ୍ଦାବନ ମଣ୍ଡଳ |
| ୧୧୪/୨୬୦ | ରୟତି | ୧୨୧ | ୬.୪୦୦ | ୦.୨୦୧ | ଧାନ-୧ | ପି-ଭାସ୍କର ରାଓ, ପି-ଭେଙ୍କେଟଶ୍ୱର ରାଓ |
| ୫୮/ଖ | ରୟତି | ୧୧୯ | ୦.୪୩୦ | ୦.୪୧୧ | ଧାନ-୨ | ରାମ ବେହେରା, ପି-କେଶବ ବେହେରା, ଜା-କୁଦୁମ, ବା-ଫାମ୍ପୁଣି |
| ୫୮/ ଛ | ରୟତି | ୬୬ | ୧.୬୦୦ | ୧.୧୧୮ | ଧାନ-୨ | ନାରାଣ ବେହେରା, ପି-କେଶବ ବେହେରା |
| ୫୮/ ଛ | ରୟତି | ୧୧୮ | ୧.୬୦୦ | ୦.୨୩୨ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୦ | ରୟତି | ୧୬୯/୪୫୬ | ୧.୦୦୦ | ୦.୯୧୧ | ଧାନ-୧ | କଇତାକି ବେହେରା ସ୍ୱା-ବୈଦ୍ୟନାଥ ବେହେରା ଜା-କୁଦୁମ୍ ବା-ଘୋଟାଗୁଡା ଥାନା-କୋରାପୁଟ |
| ୧୧୪/୪୦ | ରୟତି | ୧୬୬/୫୫୦ | ୦.୫୨୦ | ୦.୦୧୫ | ଧାନ-୧ | ତାରିଣି ମଣ୍ଡଳ ପି-ଧ୍ରୁବ ରାଉତ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୨୮୨ | ରୟତି | ୧୬୬/୪୪୦ | ୧.୧୩୦ | ୦.୯୨୭ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁଦୁମ ବା-ଫାମ୍ପୁଣି |
| ୫୮/ଖ | ରୟତି | ୨୯୮ | ୨.୬୮୦ | ୨.୪୪୪ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୫୯ | ରୟତି | ୨୯୮/୪୨୪ | ୦.୨୮୦ | ୦.୧୦୯ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା |
| | | ମୋଟ | | ୫୬.୪୮୦ | | |

ବିଶେଷ ଦ୍ରଷ୍ଟବ୍ୟ: ୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୬ | ରୟତି | ୭୨ | ୦.୦୬୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନି, ଘନ ପ୍ରଧାନି, ପି- ଚନ୍ଦ୍ର ପ୍ରଧାନି |
| ୨୮ | ରୟତି | ୨୮୯ | ୦.୨୬୦ | ୦.୦୦୦ | ଧାନ-୩ | ଗୋବିନ୍ଦ ଚଉଧୁରୀ, ପି-ବିନବନ୍ଧୁ ଚଉଧୁରୀ |
| ୩୨ | ରୟତି | ୩୨୮ | ୦.୩୦୦ | ୦.୦୦୦ | ଧାନ-୧ | ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୧୧୪/୨୮୬ | ରୟତି | ୬୮ | ୧.୦୩୦ | ୦.୦୦୦ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୬୧ | ରୟତି | ୧୬୬ | ୨.୨୫୦ | ୦.୦୦୦ | ଧାନ-୧ | ବିଶ୍ୱନାଥ ପ୍ରଧାନୀ, ରଘୁନାଥ ପ୍ରଧାନୀ,ପି- ମାଧବ ପ୍ରଧାନୀ,ସୁମିତା ପ୍ରଧାନୁଣି ସ୍ୱା-ନାରାୟଣ ପ୍ରଧାନୀ, ବଣ୍ଟାସି ପ୍ରଧାନୀ,ପି-ଶ୍ରୀକର ପ୍ରଧାନୀ, ତୁଳସା ପ୍ରଧାନୁଣି, ସ୍ୱା-ଭାସ୍କର ପ୍ରଧାନୀ |
| ୧୧୪/୨୨୬ | ରୟତି | ୧୬୬/୬୧୫/୬୨୪ | ୧.୧୨୦ | ୦.୦୦୦ | ଧାନ-୧ | ବନବାସି ରାଉନ ପି-ହରି ରାଉନ ଜା-କୁଦୁମ ବା-ଆମ୍ବିଲି, ଆମ୍ବାଗୁଡା, ଲକ୍ଷ୍ମୀପୁର |
| ୧୧୪/୨୮୫ | ରୟତି | ୧୬୬/୬୧୫ | ୧.୧୮୦ | ୦.୦୦୦ | ଧାନ-୧ | ସନ୍ତୋଷ ରାଉନ ପି-ହରି ରାଉନ ଜା-କୁଦୁମ ବା-ଫାମ୍ପୁଣୀ ଥା-ଜୟପୁର |
| ୧୧୪/୧୪୮ | ରୟତି | ୧୫୯/୬୦୮ | ୦.୭୧୦ | ୦.୦୦୦ | ଧାନ-୧ | ସିମାଂଚଳ ମଲ୍ଲିକ ପି-ନିଳାମ୍ବର ମଲ୍ଲିକ ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୬୯ | ରୟତି | ୧୬୨/୫୪୫ | ୦.୨୪୦ | ୦.୦୦୦ | ଧାନ-୧ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୧୦୩ | ରୟତି | ୧୬୨/୫୪୬ | ୦.୫୦୦ | ୦.୦୦୦ | ଧାନ-୧ | ସୁଲୋଚନା ଚଉଧୁରି ସ୍ୱା-ଡମ୍ବରୁଧର ଚଉଧୁରି ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୧ | ରୟତି | ୩୨୪/୧ | ୦.୪୦୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୧୪/୧ | ରୟତି | ୩୨୪/୧/୫୪୩ | ୦.୦୨୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୨୦/୨ | | ୩୨୪/୧/୫୧୩ | ୦.୦୨୦ | ୦.୦୦୦ | ଶିଳ୍ପସ୍ଥି | ଓଡିଶା ଶିଳ୍ପ ଉନ୍ନୟନ ବିଭାଗ, ଭୁବନେଶ୍ୱର |
| ୧୧୪/୨୬୯ | ରୟତି | ୩୨୪/୧/୫୬୬/୨୧୮ | ୧.୦୦୦ | ୦.୦୦୦ | ଧାନ-୧ | ନଳିନୀ ପାତ୍ର ସ୍ୱା-ସନ୍ତୋଷ ପାତ୍ର ଜା-ବ୍ରାହ୍ମଣ ବା-ଜୟନଗର |
| ୧୧୪/୧୧୦ | ରୟତି | ୩୨୪/୧/୫୬୯ | ୩.୬୨୦ | ୦.୦୦୦ | ଧାନ-୧ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୧୧୦ | ରୟତି | ୩୨୪/୧/୫୪୩/୫୨୦ | ୦.୦୩୦ | ୦.୦୦୦ | ଧାନ-୧ | |
| ୧୧୪/୧୧୦ | ରୟତି | ୩୨୪/୨/୫୬୮ | ୦.୯୦୦ | ୦.୦୦୦ | ଧାନ-୨ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୩୦ | ରୟତି | ୬୫ | ୦.୧୧୦ | ୦.୦୦୦ | ଧାନ-୨ | ରାଧାକୃଷ୍ଣ ନାୟକ, ପି-ଭିମ ନାୟକ |
| ୧୧୪/୧୫୫ | ରୟତି | ୬୫/୬୦୫ | ୦.୦୪୦ | ୦.୦୦୦ | ଧାନ-୨ | ନିରୁପମା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ନିଜଗାଁ |
| ୧୧୪/୧୧୪ | ରୟତି | ୨୯୫/୧ | ୦.୪୦୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣୀ |
| ୧୩/ଛ | ରୟତି | ୨୯୪/୨ | ୦.୩୪୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ, ଜା-କୁଦୁମ, ବା-ଫାମ୍ପୁଣୀ |
| ୫୮/ଖ | ରୟତି | ୧୬୧/୫ | ୦.୨୪୦ | ୦.୦୦୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୫୮/ଛ | ରୟତି | ୧୬୧/୬ | ୦.୦୫୦ | ୦.୦୦୦ | ଧାନ-୧ | ନାରଣ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୫୫ | ରୟତି | ୧୬୧/୬/୪୬୩ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଦୁମ,ବା-ଫାମ୍ପୁଣୀ |
| ୧୧୪/୨୯୫ | ରୟତି | ୧୬୧/୬/୬୩୫ | ୦.୦୯୦ | ୦.୦୦୦ | ଧାନ-୧ | ଚକ୍ରଧର ବେହେରା ପି-ସିମାହ୍ରି ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୫୫ | ରୟତି | ୧୬୧/୭ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଦୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୮ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଦୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୯ | ୦.୨୩୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଦୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୧୦ | ୦.୨୪୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଦୁମ,ବା-ଫାମ୍ପୁଣୀ |
| ୧୧୪/୬୯ | ରୟତି | ୧୬୩ | ୧.୦୦୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁଦୁମ, ବା-ଫାମ୍ପୁଣୀ |
| ୧୧୪/୬୯. | ରୟତି | ୧୬୩/୫୪୪. | ୧.୦୦୦ | ୦.୦୦୦ | ଧାନ-୨ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୯୮ | ରୟତି | ୨୩/୨ | ୦.୬୫୦ | ୦.୦୦୦ | ଧାନ-୨ | ବିପ୍ର ଚରଣ ପ୍ରଧାନ ପି-କୃଷ୍ଣ ଚନ୍ଦ୍ର ପ୍ରଧାନ ଜା-କୁଦୁମ ବା-ଫାମ୍ପୁଣି |
| ୫୯/ ? | ରୟତି | ୨୩ | ୦.୬୫୦ | ୦.୦୦୦ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁଦୁମ ବା-ଫାମ୍ପୁଣି |
| ୧୧୪/୯୪ | ରୟତି | ୨୯୬/୫୫୫ | ୦.୩୦୦ | ୦.୦୦୦ | ଧାନ-୧ | ସହଦେବ ପ୍ରଧାନ ପି-ହାଡି ପ୍ରଧାନ ଜା-କୁଦୁମ ବା-ଘୋଟାଗୁଡା |
| ୧୧୪/୧୪୮ | ରୟତି | ୧୬୨ | ୧.୦୨୦ | ୦.୦୦୦ | ଧାନ-୧ | ସିମାଂଚଳ ମଲ୍ଲିକ, ପି-ନିଳାମ୍ବର ମଲ୍ଲିକ |
| ୧୧୪/୩୭ | ରୟତି | ୧୬୨/୪୫୯ | ୧.୦୦୦ | ୦.୦୦୦ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ ନରସିଂହ ପ୍ରଧାନ କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ ଜା-କୁଦୁମ ବା-ବାର୍ଲାହାଣ୍ଡି ଫାମ୍ପୁଣି |
| ୫୮/ ଛ | ରୟତି | ୧୬୯ | ୦.୧୫୦ | ୦.୦୦୦ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୬ | ରୟତି | ୧୬୯/୪୬୨ | ୧.୨୦୦ | ୦.୦୦୦ | ଧାନ-୧ | ବୃନ୍ଦାବନ ପ୍ରଧାନ ପି-ଡମ୍ବରୁ ପ୍ରଧାନ ଜା-କୁଦୁମ୍ ବା-ଫାମ୍ପୁଣି |
| ୪୮ | ରୟତି | ୧୬୬ | ୦.୫୨୦ | ୦.୦୦୦ | ଧାନ-୧ | |
| | | ମୋଟ | | ୦.୦୦୦ | | |

TAHASILDAR JEYPORE CUM SPL LAO JEYPORE
MALKANGIRI NEW BG RAIL LINK PROJECT

OIPR-24001/24057/3/26-27/0007

● ପାରିବାରିକ ଯୁଦ୍ଧରେ ହାରିଗଲେ ଯବାନ

# ଆତ୍ମହତ୍ୟା କଲେ ସିଆରପିଏଫ୍ ଯବାନ



ବାଲିଗୁଡ଼ା, ୭।୭ (ସମିସ): ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡ଼ରେ ଅଘଟଣ। ସିଆରପିଏଫ୍ ଯବାନ ଅଶୋକ କୁମାର ବେହେରା ବୟସ ୪୬ ଙ୍କ ଅମ୍ହତ୍ୟା। ଦୀର୍ଘଦିନ ହେବ ପାରିବାରିକ ସମସ୍ୟା ପାଇଁ ଘରେ ଏକୁଟିଆ ରହୁଥିଲେ। ପାରିବାରିକ ସମସ୍ୟାକୁ ନେଇ ଯବାନଙ୍କ ସ୍ତ୍ରୀ ଓ ଦୁଇ ଝିଅ ଅନ୍ୟତ୍ର ଭଡ଼ା ଘର ନେଇ ରହୁଥିଲେ। ଦୀର୍ଘଦିନ ଧରି ମାନସିକ ଦୁଶ୍ଚିନ୍ତାରେ ଥିଲେ ସିଆରପିଏଫ୍ ଯବାନ। ଘରେ ଏକୁଟିଆ ଥିବା ସମୟରେ କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ସୂଚନା ଅନୁଯାୟୀ ବାଲିଗୁଡ଼ା ଥାନା ଅଧିକାରୀ ସମୀର କୁମାର ବେହେରାଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ମୁମୂର୍ଷୁ ଅବସ୍ଥାରେ ସିଆରପିଏଫ୍ ଯବାନଙ୍କୁ ତାଙ୍କ ନିଜ ବାସଭବନରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ୍ ସେ ଏକ ମାସ ହେବ ଛୁଟି ନେଇ ବାଲିଗୁଡ଼ା ଆସିଥିଲେ ଓ ଶେଷ ସମୟରେ ଶ୍ରୀନଗରରେ ଡ୍ୟୁଟି କରୁଥଲେ। ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା। ସମ୍ମାନର ସହ ବାଲିଗୁଡ଼ାରେ ସିଆରପିଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ନିର୍ମାଣର ତିନି ମାସ ନପୂରୁଣୁ ଦବିଲା ରାସ୍ତା

ବାଲିଗୁଡ଼ା,୭।୭(ସମିସ)



ରାସ୍ତା ନିର୍ମାଣର ତିନି ମାସ ନ ପୂରୁଣୁ ଦବିଗଲା ରାସ୍ତା ଓ ପୋଲ। ଏହିଭଳି ଏକ ଦୁଃଖର ଖବର ସାମ୍ନାକୁ ଆସିଛି ବାଲିଗୁଡା ବ୍ଲକ ସଲାଗୁଡା ପଞ୍ଚାୟତରେ। ବାରଖମାରୁ ଜାର୍ଗୀଭଙ୍ଗା ରାସ୍ତା ନିର୍ମାଣ ନିମନ୍ତେ ଆରଡ଼ି ବିଭାଗ ଦ୍ୱାରା ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ହୋଇଥିଲା। ଆରଡି ବିଭାଗ ଦ୍ୱାରା ଉକ୍ତ ରାସ୍ତା ନିର୍ମାଣ କରାଯାଇଛି। ଏହାକୁ ଠିକାଦାର କାମ ଆରମ୍ଭ କରିଥିଲେ ଓ କାମ ସରିବାର ତିନିମାସ ନ ପୂରୁଣୁ ରାସ୍ତାଓ ତିନୋଟି ପୋଲ ଦବିଯାଇଛି। ଫଳରେ ଅଂଚଳବାସୀ ମାନେ ଯାତାୟତ ବାଧା ପ୍ରାପ୍ତ ହେଉଛି। ଏହି ରାସ୍ତା ଗତ ଲଗାଣବର୍ଷାରେ ଦବି ଯାଇଛି ଓ ରାସ୍ତା ନଷ୍ଟ ହୋଇଯାଇଛି। ବାଲିଗୁଡାରୁ ଡ଼ାକା ମୁଖ୍ୟମନ୍ତ୍ରୀ ବସ ଯାତାୟତ କରୁଥିଲା ହେଲେ ରାସ୍ତା ଖରାପ ଥିବାରୁ ବସ ସେବା ମଧ ପ୍ରଭାବିତ ହୋଇଛି। ଏହି ରାସ୍ତା ଉପରେ ପ୍ରାୟ ୧୭ଟି ୱାର୍ଡ ଲୋକେ ଭରସା ଓ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ କଲେକ, ସ୍କୁଲ ଯିବା ସହ ସରକାରୀ ବେସରକାରୀ କାର୍ଯ୍ୟ ନିମନ୍ତେ ଦୈନନ୍ଦିନ ଏହି ରାସ୍ତାରେ ଯିବା ଆସିବା କରନ୍ତି। ଆମ୍ବୁଲାନ୍ସ ସେବା ମଧ ପ୍ରଭାବିତ ହୋଇଛି। ଅଂଚଳବାସୀ କହିଛନ୍ତି ଆମ ଗ୍ରାମକୁ ରାସ୍ତା ନଥିଲା ଆମେ ବ୍ଲକ, ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ଦାବି କରିବା ପରେ ଏହି ରାସ୍ତାର ନିର୍ମାଣ ନିମନ୍ତେ ଅର୍ଥ ମଂଜୁର ହେଲା କିନ୍ତୁ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟପାଇଁ ଆମ ଅଂଚଳର ରାସ୍ତା ଖରାପ ହୋଇଗଲା। ବର୍ତ୍ତମାନ ଏହି ରାସ୍ତ ନିର୍ମାଣ ନିମନ୍ତେ ସଲାଗୁଡା ସରପଞ୍ଚ ସରୀତା ମଳିକ, ସମିତିସଭ୍ୟ, ୱାର୍ଡମେମ୍ବର ସଂକିର୍ତନ ଦିଗାଳ, ଭାବଗ୍ରାହି ପାତ୍ର ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ମେଡିକାଲ କଲେଜ ପ୍ରସଙ୍ଗ ଉଠାଇଲେ ବିଧାୟକ



ପାରଳାଖେମୁଣ୍ଡି, ୭।୭ (ସମିସ): ଭୁବନେଶ୍ୱରସ୍ଥିତ ବିଧାନସଭା ସ୍ୱତନ୍ତ୍ରଗୃହ ଠାରେ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଏହି ବୈଠକରେ ଉପସ୍ଥିତ ରହି ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ସମସ୍ୟା ସହ ଗଜପତି ଜିଲ୍ଲାରେ ଆୟୁର୍ବେଦିକ ମେଡ଼ିକାଲ କଲେଜ ସ୍ଥାପନ କେବେ ହେବ ବୋଲି ପ୍ରସଙ୍ଗ ଉଠାଇଥିଲେ। ଏହା ସହ ବିଗତ ମାସରେ ଗଜପତି ଓ ରାୟଗଡ଼ା ଜିଲ୍ଲା ଗ୍ରସ୍ତ କରିଥିଲେ ସ୍ୱାସ୍ଥ୍ୟ ସଚିବ ଓ ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ ଓ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ତୁରନ୍ତ କାର୍ଯ କରିବେବୋଲି ପ୍ରତିଶ୍ରୁତି ମଧ୍ୟଦେଇଥିଲେ। ଯାହାକି ସ୍ୱାସ୍ଥ୍ୟସେବା କିମ୍ବା ସ୍ୱସ୍ଥ୍ୟ କ୍ଷେତ୍ରରେ ଥିବା ଭିତ୍ତିଭୂମିର ବିକାଶ ଆଜିଯାଏଁ ହୋଇପାରୁନି ବୋଲି ଉପସ୍ଥାପନ କରିଥିଲେ। ଏହା ସହ ଗଜପତି ଜିଲ୍ଲାରେ ଆୟୁର୍ବେଦିକ ମେଡ଼ିକାଲ ନିର୍ମାଣ କରିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ ମଧ ଏଥି ଲାଗି ଜିଲ୍ଲାରେ କୌଣସି ଉଦ୍ୟମ ଆରମ୍ଭ ହୋଇନାହିଁ। ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖରା ଦିନେ ଗରମରେ ରୋଗୀ ହନ୍ତସନ୍ତ ହେଉଥିବା, ହସ୍ପିଟାଲର ବିଭିନ୍ନ ୱାର୍ଡରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଦୀର୍ଘଦିନ ଧରି ଅଚଳା ଅବସ୍ଥାରେ ପଡି ରହିଥିବା, ଏଥି ଯୋଗୁଁ ରୋଗୀ ଓ ରୋଗୀ ସମ୍ପର୍କୀୟ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ ଅବଗତ କରିଥିଲେ। ସେଇଭଳି ଗଜପତି ଜିଲ୍ଲାର ଗୁମ୍ମା, ଗାଇବା, କାଶୀନଗର, ମୋହନା, ଆର୍.ଉଦୟଗିରି ସମେତ ଜିଲ୍ଲାରେ ଥିବା ସମସ୍ତ ଚିକିତ୍ସାଳୟରେ ଡାକ୍ତର ଓ ନର୍ସ ନିଯୁକ୍ତି ର ଆବଶ୍ୟକ ରହିଥିବାକୁ ନେଇ ଦାବି ଜଣାଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଉମା ଚରଣ ମଲ୍ଲିକ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସୁଭାଷିନୀ ଜେନା, ବିଧାୟକ ସତ୍ୟଜିତ ଗୋମାଙ୍ଗ ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟ ସଚିବ ପ୍ରମୁଖ ଉପସ୍ଥିତ ଥିବାର ଜଣାପଡିଛି।

# ବାହ୍ୟ ମଳମୁକ୍ତ ଗ୍ରାମ ଗଠନ ଓ ବର୍ଜ୍ୟବସ୍ତୁ ପୃଥକୀକରଣ ସଚେତନତା



ରାୟଗଡ(ଗଜପତି),୭।୭(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ ଜିରାଙ୍ଗ ପାଞ୍ଚୟତରେ ସ୍ୱେଚ୍ଛାସେବୀ ସଂଗଠନ ସିସିଡି ଓ ଲିନସି ଫାଉଣ୍ଡେସନ ପକ୍ଷରୁ ୭ଟି ଗ୍ରାମରେ ବାହ୍ୟ ମଳମୁକ୍ତ ଗ୍ରାମ ଓ ବର୍ଜ୍ୟବସ୍ତୁ ପୃଥକୀକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଗ୍ରାମରେ ବାହ୍ୟ ମଳମୁକ୍ତ ଗ୍ରାମର ଗୁରୁତ୍ୱ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଘରୋଇ ସ୍ତରରେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକୀକରଣ କରିବା ଏବଂ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ସମସ୍ତଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିସିଡ଼ିର ନିର୍ଦ୍ଦେଶକ ଏ. ଜଗନ୍ନାଥ ରାଜୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଜି. ସୁନୀଲ ବାବୁ, ସରପଞ୍ଚ ରିସ୍ମା ଭୂୟା, ପିଇଓ ରାସ ବିହାରୀ ପାତ୍ର, ନାଏବ ସରପଞ୍ଚ ମଙ୍ଗଳା ଭୂୟାଁ ପ୍ରମୁଖ ଯୋଗ ଦେଇ ବାହ୍ୟ ମଳମୁକ୍ତ ଗ୍ରାମର ସ୍ଥାୟୀକରଣ, ବ୍ୟକ୍ତିଗତ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପୃଥକୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ଅଧିକାରୀ ମମତା ପାତ୍ର ପରିଚାଳନା କରିଥିବା ବେଳେ ବି. ମାନସା, ଜୟଲକ୍ଷ୍ମୀ ବେହେରା ଏବଂ ନିରଞ୍ଜନ ପାଣିଗ୍ରାହୀ ସହଯୋଗ କରିଥିଲେ।

# 'ହାପି ହୋମ୍'ରେ ପ୍ରଶାସନର ତାଲା, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପରିଚାଳିକା

ପାରଳାଖେମୁଣ୍ଡି/ମୋହନା, ୭।୭ (ସମିସ) : ଗଜପତି ଜିଲ୍ଲାର ମୋହନା ବ୍ଲକ ସଦରରେ ଚାଲୁଥିବା 'ହାପି ହୋମ୍' ଚିଲ୍ଡ୍ରେନ୍ ହୋମ୍‌କୁ ବେଆଇନ ଭାବେ ପରିଚାଳିତ ହେଉଥିବା ଦର୍ଶାଇ ସୋମବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ପୂର୍ବରୁ ଜାରି ହୋଇଥିବା ନୋଟିସ ଅନୁଯାୟୀ ଗଜପତି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ ପ୍ରମୁଖଙ୍କୁ ନେଇ ଏକ ପ୍ରଶାସନିକ ଟିମ୍ ମୋହନାରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ମୋହନା ତହସିଲଦାର ଚକ୍ରଧର ପାଢୀ ଏବଂ ମୋହନା ପୁଲିସ ଫୋର୍ସର ଉପସ୍ଥିତିରେ ଚିଲ୍ଡ୍ରେନ୍ ହୋମ୍‌ରେ ତାଲା ପକାଇଥିଲେ। ସୂଚନାନୁସାରେ, ଉକ୍ତ ହୋମ୍‌ରେ ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ପ୍ରାୟ ୨୦୦ ଜଣ ଶିଶୁ ପ୍ରଥମ ଶ୍ରେଣୀରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ରହି ପାଠପଢ଼ା କରୁଥିଲେ । ତେବେ ହୋମ୍‌ରେ ଶତାଧିକ ଅନ୍ତେବାସୀ ରହୁଥିବା ସତ୍ତ୍ୱେ ମାତ୍ର ତିନୋଟି କୋଠରୀ ଥିବା, ବାଳକ ଓ ବାଳିକାଙ୍କୁ ଏକାଠି ରଖାଯାଉଥିବା, ଅବ୍ୟବସ୍ଥିତ ଭାବେ ରୋଷେଇ କରିବା ଓ ଖାଦ୍ୟପରଷିବା ଆଦି କାରଣ ସମେତ ବିଭିନ୍ନ ଅନିୟମିତତା ଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ହୋମ୍ ବନ୍ଦ ହେବା ଖବର ପାଇ ପରିଚାଳିକା ପ୍ରତିମା ବୀର, କେତେକ କର୍ମଚାରୀ ଓ ଅନ୍ତେବାସୀ ପାରଳାଖେମୁଣ୍ଡିରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଜିଲ୍ଲାପାଳ ଅନ୍ୟ କାର୍ଯ୍ୟରେ ବାହାରେ ଥିବାରୁ ସେମାନଙ୍କ ସହ ଭେଟ ହୋଇପାରିନଥିଲା। ପରେ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀମାନେ ସେମାନଙ୍କ ଅଭିଯୋଗ ଶୁଣିଥିଲେ, କିନ୍ତୁ ହୋମ୍‌ରେ ଗୁରୁତର ତ୍ରୁଟି ଥିବାରୁ ବନ୍ଦ କରାଯାଇଥିବା କଥା ସ୍ପଷ୍ଟ କରିଥିଲେ। ଏହି ପଦକ୍ଷେପକୁ ବିରୋଧ କରି ପରିଚାଳିକା ପ୍ରତିମା ବୀର କହିଛନ୍ତି ଯେ, ହୋମ୍ ପରିଚାଳନା ପାଇଁ ତାଙ୍କ ପାଖରେ ସମସ୍ତ ବୈଧ ଦସ୍ତାବିଜ ରହିଛି। ତଥାପି କିଛି କୁଚକ୍ରୀଙ୍କ ଷଡ଼ଯନ୍ତ୍ର ଏବଂ ପ୍ରଶାସନର ଚାପରେ ଜୋରପୂର୍ବକ ହୋମ୍‌କୁ ବନ୍ଦ କରାଯାଇଛି। ଯଦି ହୋମ୍‌କୁ ସ୍ଥାୟୀ ଭାବେ ବନ୍ଦ ରଖାଯାଏ, ତେବେ ସେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଚିଲ୍ଡ୍ରେନ୍ ହୋମ୍ କୁ ପ୍ରଶାସନ ସିଲ୍ କରିବା ପରେ ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ନିଜ ନିଜ ପିତାମାତାଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାର ଜଣାପଡିଛି ।





# ଅଡିଟୋରିୟମ ଓ ସ୍ମାର୍ଟ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ

ଜି.ଉଦୟଗିରି, ୭।୭ (ସମିସ): ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନୂତନ ଭାବେ ୨. ୯୫ କୋଟି ମୂଲ୍ୟର ଅଡିଟୋରିୟମ ତଥା ସ୍ମାର୍ଟ ଲାଇବ୍ରେରୀର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀଙ୍କ ଦ୍ୱାରା ପୁରୁଣା ଟାଉନହଲ ଠାରେ ହେବାକୁ ଥିବା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଫଳକ ସ୍ଥାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଯାକେଶ ପ୍ରଧାନ, ଦୀପକ ନାୟକ, ନନ୍ଦିତା ପ୍ରଧାନ, ସିଦ୍ଧେଶ୍ୱରୀ ନାୟକ, କୁନ୍ତିମା ମଲ୍ଲିକ, ମୋନାଲିସା ଦଳବେହେରା, ଲକ୍ଷ୍ମୀପ୍ରିୟା ପରିଛା, ସଂଗୀତା ନାୟକ, ନିଶାରାଣୀ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପରିଷଦ ବୃନ୍ଦ, ସହକାରୀ ଯନ୍ତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବନମହୋତ୍ସବ ସପ୍ତାହ ଅବସରରେ ବୃକ୍ଷରୋପଣ




ବାଲିଗୁଡ଼ା,୭।୭(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବନାଞ୍ଚଳର ରାଜଘରା ଠାରେ କ.ନୂଆଗାଁ ବନାଞ୍ଚଳ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ.ନୂଆଗାଁ ବନାଞ୍ଚଳ ଅଧିକାରୀ ରମାକାନ୍ତ କହଁରଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଉଦଘାଟନ କରାଯିବା ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ରାଜଘରା ଠାରେ ଅନୁଷ୍ଠିତ ହୋଇଥିଲା। ପରିବେଶର ସନ୍ତୁଳନ ରକ୍ଷା ଓ ସବୁଜିମା ବୃଦ୍ଧିର ଲକ୍ଷ୍ୟ ନେଇ ଚୋରା ରୋପଣ କରାଯାଇଥିଲା। ୫ ହେକ୍ଟର ଜମିରେ ୧୦ ହଜାର ଚାରା ରୋପଣ କରାଯାଇଥିବା ସୂଚନା ଦେଇଛନ୍ତି କ.ନୂଆଗାଁ ବନାଞ୍ଚଳ ଅଧିକାରୀ। ଏହି କାର୍ଯ୍ୟକ୍ରମରେ କ.ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲିକ, ଉପାଧ୍ୟକ୍ଷ ଧବେଳେଶ୍ୱର ପାତ୍ର, ସ୍ଥାନୀୟ ସରପଞ୍ଚ ଯୋଗଦେଇ ଥିଲେ। ବୃକ୍ଷରୋପଣ ଅବସରରେ ଅତିଥିମାନେ କହିଥିଲେ ଯେ, ବୃକ୍ଷ ହେଉଛି ଜୀବନର ଆଧାର, ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳିତ ରହିବା ସହ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ପାଇଥାଏ। ମୃତ୍ତିକା କ୍ଷୟ ରୋକିବା, ଜୈବ ବିବିଧତାର ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ସୃଷ୍ଟି କରିବାରେ ବୃକ୍ଷର ଭୂମିକା ଅତୁଳନୀୟ। ତେଣୁ ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବନପାଳ ସୁଶାନ୍ତ କୁମାର ବୈଶାଖୀ, ସାରଙ୍ଗଡ଼ ବନପାଳ ଅରୁଣ କୁମାର ଦାସ, ବନରକ୍ଷୀଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ।

# ନବଜୀବନ ସେବାଶ୍ରମ ଟ୍ରଷ୍ଟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି, ୭।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଥିବା ନବଜୀବନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ସେବାଶ୍ରମ ସ୍ଥାପନର ୧୯ ବର୍ଷ ପୂର୍ତ୍ତି ଏବଂ ଏହି ଟ୍ରଷ୍ଟର ଅଧ୍ୟକ୍ଷ ଡ. ଶ୍ରୀଧର ଆଚାରୀଙ୍କ ୭୭ତମ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗଦେଇ ସେବାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ଉପସ୍ଥିତିରେ କ୍ୟାକ କାଟିଥିଲେ। ଏହାପରେ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସେହିପରି ଏଠାରେ ରହୁଥିବା ବୃଦ୍ଧ ବୃଦ୍ଧାଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ବିନୋଦ ଚନ୍ଦ୍ର ଜେନା, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଜନାର୍ଦ୍ଦନ ରାଓ, ଗଣେଶ ପଟ୍ଟନାୟକ, ପ୍ରବୀଣ କୁମାର, ରାମାରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନବଜୀବନ ଟ୍ରଷ୍ଟର ପରିଚାଳକ ଏସଭି ରାବଣା ପରିଚାଳନା କରିଥିବା ବେଳେ ପ୍ରଭାସିନୀ କୁମାରୀ ଲିମ୍ମା, ଜୟଲକ୍ଷ୍ମୀ ପ୍ରମୁଖ ସହଯୋଗ କରିଥିଲେ।

# ସିସିଟିଭି ଓ ପୁଲିସ୍‌କୁ ଖାତିରି ନକରି ବାଇକ୍ ଚୋରି

ପାରଳାଖେମୁଣ୍ଡି, ୭।୭ (ସମିସ)



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ସିସିଟିଭି କ୍ୟାମେରାର ଜାଲ ବିଛାଯାଇଥିବା ସହ ପୁଲିସ ପକ୍ଷରୁ ନିୟମିତ ପାଟ୍ରୋଲିଂ ଓ କଡ଼ା ନଜରଦାରି ଚାଲିଥିଲେ ମଧ ବାଇକ ଚୋର ଗ୍ୟାଙ୍ଗର ଦୌରାତ୍ମ୍ୟ କମୁନାହିଁ। ସେହପରି ପାଇପ ମିଟର ଚୋରି ମଧ ଥମୁନାହିଁ। ସୋମବାର ପ୍ୟାଲେସ ରୋଡରୁ ଏକ ବାଇକ ଚୋରି ଘଟଣା ସାମ୍ନାକୁ ଆସିଥିବା ବେଳେ ଏହା ସହରର ଆଇନ-ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି। ସୂଚନା ଅନୁସାରେ, ଦିନଦ୍ୱିପ୍ରହରରେ ପ୍ୟାଲେସ ରୋଡରେ ପାର୍କିଂ କରାଯାଇଥିବା ଏକ ବାଇକକୁ ଦୁର୍ବୃତ୍ତମାନେ ଅତି ଚତୁରତାର ସହ ଚୋରି କରି ଫେରାର ହୋଇଯାଇଛନ୍ତି। ଘଟଣା ପରେ ଅଭିଯୋଗକାରୀ ପୋଲିସର ଦ୍ୱାରସ୍ଥ ହୋଇଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ସେହପରି ପାଇପ ମିଟର ଚୋରି ସହରରେ ନିୟମିତ ବ୍ୟବଧାନରେ ଚୋରୀ ହେଉଛି। ଏନେଇ ଡିସେମ୍ବର ୨୦୨୫ରେ ଥାନାରେ ଗୋଟିଏ ମାମଲା ରୁଜୁ ମଧ ହୋଇଛି। ସେବେ ଠାରୁ ସହରର ବିଭିନ୍ନ ପ୍ରାନ୍ତରେ କିଛି ଦିନ ଅନ୍ତରାଳେ ସାହି ବସ୍ତିରୁ ପାଇପ ମିଟର ଚୋରି ହେଉଛି । ଡିସେମ୍ବର ୨୦୨୫ରେ ସହରର କରଣ ସାହିରେ ପାଇପ ମିଟର ଚୋରି ହୋଇଥିଲା। ତାପରେ କିଛି ମାସ ପରେ ଦୋଲଟେଙ୍କ ରୋଡ୍, ରବି କ୍ଲିନିକ ସମାମନା ଏବଂ ଗତ କିଛିଦିନ ପୂର୍ବେ ରାଜଦାଣ୍ଡ ସାହିରେ ଚୋରି ହୋଇଛି। ଗତ ଦୁଇ ଦିନ ମଧ୍ୟରେ କୃଷ୍ଣନଗର ଓ ଏହାର ଆଖପାଖ ଅଞ୍ଚଳରେ ପାଇପମିଟର ଚୋରି ହୋଇଥିବାର ଅଞ୍ଚଳବାସୀଦାଙ୍କ ସୂତ୍ରରୁ ପ୍ରକାଶ। ତେବେ ଏହି ପାଇପ ମିଟରଗୁଡିକ କିଏ କେଉଁ ଉଦ୍ଦେଶ୍ୟରେ କାଟି ଦେଇ ଚୋରି କରୁଛି ତାହା ସ୍ପଷ୍ଟ ଭାବେ ଜଣାପଡୁନଥିଲେ ମଧ ବର୍ତ୍ତମାନ ସୁଦ୍ଧା ଶତାଧିକ ପାଇପ ମିଟର ଚୋରି ହୋଇଯାଇଥିବାର ଜଣାପଡିଛି। ଅନ୍ୟପକ୍ଷେ ଗଜପତି ପୁଲିସ ନିକଟ ଦିନଗୁଡ଼ିକରେ ଅପରାଧ ନିୟନ୍ତ୍ରଣ ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଆସୁଛି। ସହରର ବିଭିନ୍ନ ସ୍ଥାନରେ ମଦୁଆ ଓ ଅସାମାଜିକ ଯୁବକଙ୍କ ଆଡା ଉପରେ ବାରମ୍ବାର ଚଢ଼ାଉ କରାଯାଉଛି ଏବଂ ଅନେକଙ୍କୁ ଗିରଫ ମଧ କରାଯାଇଛି। ସେହିପରି ରାତ୍ରକାଳୀନ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଦେଇଛି। ଏହା ସତ୍ତ୍ୱେ ବାଇକ ଓ ପାଇପ ମିଟର ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଇବା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି।

GOVERNMENT OF ODISHA

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

**NOTICE INVITING TENDER**

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

# ୨ ପିସ୍ତଲ୍, ୨ ରାଉଣ୍ଡ ଗୁଳି ସହ ମାଗାଜିନ୍ ଜବତ; ୪ ଗିରଫ

ଭଞ୍ଜନଗର,୭।୭ (ସମିସ)



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୁଲିସ କୁ ମିଳିଛି ଆଉ ଏକ ସଫଳତା। ୨ଟି ଦେଶୀ ପିସ୍ତଲ୍ ଓ ୨ ରାଉଣ୍ଡ ଜୀବନ୍ତ ଗୁଳି ଜବତ ଜବତ କରିଛି। ଏଥିସହ ଏଥିରେ ସଂପୃକ୍ତ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସମସ୍ତ ୪ ଅଭିଯୁକ୍ତ ହେଲେ ପିଣ୍ଟୁ ସେଠୀ, ଅନୀଲ କୁମାର ସ୍ୱାଇଁ, ବାଳକୃଷ୍ଣ ବିଷୋୟୀ ଓ ସୁବାସ ଚନ୍ଦ୍ର ପାଢୀ। ସମସ୍ତଙ୍କର ଘର ଏହି ଥାନା ଅନ୍ତର୍ଗତ ବଡକୋଦଣ୍ଡା ଗ୍ରାମରେ ବୋଲି ପୁଲିସ ସୂଚନା ଦେଇଛି।

ମଙ୍ଗଳବାର ଅପରାହ୍ନରେ ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଗୋଟିଏ ଦେଶୀ ୯ ଏମ୍ ଏମ୍ ପିସ୍ତଲ୍ ଓ ଗୋଟିଏ ସିଙ୍ଗିଲ୍ ସଟ୍ ଦେଶୀ ପିସ୍ତଲ ଧରି ମଳାସପଦର ହନୁମାନ ମନ୍ଦିର ନିକଟରେ ସୋମବାର ରାତିରେ ଅତ୍ୟନ୍ତ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ଏନେଇ କୌଣସି ସୂତ୍ରରୁ ଖବର ପାଇ ଥାନା ଏସଆଇ ସମୀର କୁମାର ସେଠୀ ଅନ୍ୟ ଷ୍ଟାଫ୍‌ଙ୍କ ସହ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ଆଉ ପୁଲିସ କୁ ଦେଖି



ସଭିଏଁ ଡେ ପଳାଇବାକୁ ଚେଷ୍ଟା କରିଥିବା ବେଳେ ଦୁଇ ଜଣଙ୍କୁ ପୁଲିସ କାବୁ କରିଥିଲା। ପରେ ଅନ୍ୟ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଠିକ ସମୟରେ ପୁଲିସ ପହଞ୍ଚିବା କାରଣରୁ ଏକ ନିଶ୍ଚିତ ଅଘଟଣକୁ ଏଡାଇ ଦିଆଯାଇ ପାରିଥିବା ଏସଡିପିଓ ଡକ୍ଟର ମିଶ୍ର ଉଲ୍ଲେଖ କରିଛନ୍ତି। ଏବେ ସୁଦ୍ଧା ଭଞ୍ଜନଗର ଥାନା ଇଲାକାରୁ ପୁଲିସ ୪୦ରୁ ଉର୍ଦ୍ଧ ପିସ୍ତଲ୍ ଜବତ କଲାଣି ପୁଲିସ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି ଆଦି ଉପସ୍ଥିତ ରହିଥିଲେ।

# ଶିଶୁମନ୍ଦିରରେ ଶିଶୁ କନ୍ୟାକୁ ଝୁଣିଲା କୁକୁର

ସାନଖେମୁଣ୍ଡି,୭।୭ (ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ମହାନଳା ଗ୍ରାମରେ କୁକୁର କାମୁଡାରେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ଗୁରୁତର ଶିଶୁ ଜଣଙ୍କ ହେଉଛନ୍ତି ପ୍ରଥମ ଶ୍ରେଣୀ ଛାତ୍ରୀ ଝାନସୀ ରାଣୀ ସାହୁ। ଗୁରୁତର ଛାତ୍ରୀଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ମହାନଳା ଅଞ୍ଚଳରେ ବାରମ୍ବାର ଘଟଣା ଘଟିଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନା ମୁତାବକ ଛାତ୍ରୀଜଣଙ୍କ ମଧ୍ୟାହ୍ନରେ ପରିଶ୍ରା କରିବା ପାଇଁ ବିଦ୍ୟାଳୟର ବାରିପଟକୁ ଯାଇଥିବା ବେଳେ ହଠାତ୍ କିଛି ବୁଲା କୁକୁର ଛାତ୍ରୀ ଜଣଙ୍କୁ ଆକ୍ରମଣ କରିଥିଲେ ଫଳରେ ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ କିଛି ସ୍ଥାନୀୟ ଲୋକ ଛାତ୍ରୀଙ୍କୁ ଉଦ୍ଧାର କରି ବିଦ୍ୟାଳୟର ଗାଡ଼ିରେ ଛାତ୍ରୀଜଣଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ରାଜ୍ୟରେ ବିଭିନ୍ନ ଛକସ୍ଥାନରେ ତଥା ଗଳିକନ୍ଦିରେ ବୁଲା କୁକୁରଙ୍କ ସଂଖ୍ୟା ଆଶାତୀତ ଭାବେ ବଢିଯାଇଛି। କୁକୁର ପ୍ରାଦୁର୍ଭାବରେ ପଥଚାରୀ, ଦୁଇ ଚକିଆ ଯାନ ଚାଳକ ଓ ବିଶେଷକରି ସ୍କୁଲ ଯାଉଥିବା ଛୋଟ ଛୋଟ ପିଲାମାନେ ଭୟଭୀତ ହୋଇପଡୁଛନ୍ତି।




ପ୍ରତ୍ୟେକ ଗଳିରେ ୧୦ରୁ ୧୨ଟି କୁକୁର ରହି ବିଭିନ୍ନ ସାହିବସ୍ତିରେ ଅବାଧ ବିଚରଣ କରୁଛନ୍ତି। ଏମାନଙ୍କ ମଧ୍ୟରେ ରୋଗାକ୍ରାନ୍ତ ଓ ପାଗଳ କୁକୁରେ ମଧ୍ୟ ରହିଥିବାର ପରିଲକ୍ଷିତ ହେଉଛି। ଅଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଆଜକୁ ୨ ମାସ ପୂର୍ବେ ଜଣେ ଛାତ୍ରଙ୍କୁ କିଛି ବୁଲା କୁକୁର ଆକ୍ରମଣ କରିଥିବା ହେତୁ ପରିବାର ଲୋକ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ପରେ ସୁସ୍ଥ ହେବା ପରେ ପରିବାର ଲୋକେ ଘରକୁ ଆଣିଥିଲେ। ଏହା ପୂର୍ବରୁ ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ଜଣେ ବୃଦ୍ଧାଙ୍କୁ ମଧ୍ୟ କୁକୁର କାମୁଡ଼ି ଦେଇଥିଲା।

# ବ୍ଲକ୍ ଅଫିସ ଆଗରେ ପଞ୍ଚାୟତ ଜନପ୍ରତିନିଧିଙ୍କ ଗଣଧାରଣା




ଆସିକା,୭।୭ (ସମିସ): ଆସିକା ବ୍ଲକରେ ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣ ଧାରଣା ଦେଇଛନ୍ତି ପଞ୍ଚାୟତ ନିର୍ବାଚିତ ପ୍ରତିନିଧି। ସୂଚନା ଥାଉକି ରାଜନୈତିକ ମନୋଭାବ ରଖି ନିର୍ବାଚିତ ପ୍ରତିନିଧିମାନଙ୍କୁ ହଇରାଣ ହରକତ କରୁଥିବା ନେଇ ଗଣଧାରଣାରେ ବସିଥିବା ନିର୍ବାଚିତ ପ୍ରତିନିଧିମାନେ ମତବ୍ୟକ୍ତ ରଖିଛନ୍ତି। ସରକାର ବଦଳିବାର ଦୁଇ ବର୍ଷ ବିତିଗଲାଣି ତଥାପି ଆସିକା ବ୍ଲକରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନଥିବା ନେଇ ଅଭିଯୋଗ କରିଛନ୍ତି ଗଣ ଧାରଣାରେ ବସିଥିବା ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣାରେ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ପ୍ରତିନିଧି। ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ବିଦ୍ୟନ୍ତ ଚର୍ଚ୍ଚି, ଦକ୍ଷିଣାଞ୍ଚଳ ସରପଞ୍ଚ ମହାସଂଘ ସଭାପତି ଭବାନୀ ଶଙ୍କର ମଲିକ, ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ନଚିକେତା ସ୍ୱାଇଁ, ପରିଷଦ ସଭ୍ୟ ମନୋଜ ଦୋରା, ଯୁବ ସରପଞ୍ଚ ଜୟ ସେନ ସ୍ୱାଇଁ, ମନୋଜ ପରିଡା, ଜୟନ୍ତୀ ବେହେରା, ସମିତି ସଭ୍ୟା ରୁନୁ ସାହୁ , ଅମିତ ନାହାକ, ତ୍ରିନାଥ ବେହେରା, ରିତା ସାହୁ, ସନ୍ତୋଷ, ପ୍ରତାପ ପ୍ରଧାନ, ଜିତେନ୍ଦ୍ର ମହାରଣା, ସନ୍ତୋଷ କୁମାର ନାୟକ, ଆଶିଷ ମିଶ୍ର, ରବୀନ୍ଦ୍ର ସାହୁ, ଆକାଶ ସ୍ୱାଇଁ, ଧନିଯା ସମିତି ସଭ୍ୟ ଭରତ ନାହାକ, ନୀଳ ମାଧବ ବେହେରା, ଅରୁଣ ଦଳେଇ, ସରପଞ୍ଚ ରବୀନ୍ଦ୍ର ପୋଲାଇ, ଅମୀୟ ମାଉନ୍ତ, ଖଣ୍ଡ ଦେଉଳି ସରପଞ୍ଚ ଆରତି ଦେବି ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ନିର୍ବାଚିତ ପ୍ରତିନିଧିମାନେ ଏହି ଗଣଧାରଣାରେ ସାମିଲ ହୋଇ ଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୭।୭ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ଗ୍ରାମର ଖରୁଡ଼ା ବନ୍ଧରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଚିକିଲି ଗ୍ରାମର ବଂଶୀ ପାହାନଙ୍କ ପୁଅ



ଟୁକୁନା ପାହାନ (୩୦) ଗ୍ରାମରେ ଥିବା ଖରୁଡ଼ା ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଗାଧୋଇବା ସମୟରେ ହଠାତ ଗୋଡ଼ ଖସିଯିବାରୁ ସେ ଗଭୀର ଜଳ ଭିତରକୁ ଚାଲିଯାଇଥିଲେ। ଟୁକୁନା ପାଣିରେ ବୁଡ଼ି ଯାଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଟୁକୁନା ଥିଲେ ଘରର ଏକମାତ୍ର ରୋଜଗାରିଆ ପୁଅ। ତାଙ୍କ ଅକାଳ ବିୟୋଗରେ ବାପା-ମାଆ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ଗରିବ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ



କୁକୁଡାଖଣ୍ଡି, ୭।୭ (ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ମହୋଦାସ୍ଥିତ ଭୈରବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଧନୁ ସେଠୀଙ୍କ ପୌରୋହିତରେ ପ୍ରତିଷ୍ଠା ଦିବସ ଏବଂ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଡକ୍ଟର ଶଙ୍କର ନାରାୟଣ ବେଜ, ପୁରୁଣା ପାଟଣା ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋକୁଳ କୃଷ୍ଣ ପଣ୍ଡା, ଜୁନିୟର ରେଡ୍ କ୍ରସ୍ ପରାମର୍ଶଦାତା ଆଶିଷ କୁମାର ପାଢ଼ୀ ଓ ପ୍ରଧାନ ଶିକ୍ଷକ ଧନୁ ସେଠୀ, ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ଉଦ୍ଧବ ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାକୁ କ୍ରୀଡା ଶିକ୍ଷକ ନିଶିଥ ପ୍ରଧାନ, ଶିକ୍ଷୟିତ୍ରୀ ମନସ୍ୱିନୀ ଦାସ, ବିଷ୍ଣୁ ପ୍ରିୟା ସାହୁ, ସୁନନ୍ଦା ମଧୁସ୍ମିତା କହର, ମିନତୀ ନାୟକ ବିଜୟଲକ୍ଷ୍ମୀ ପ୍ରଧାନ ଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ବିଦ୍ୟାଳୟର ଅବସରପ୍ରାପ୍ତ କିରାଣୀ ଲାଲ ମୋହନ ନାହାକଙ୍କୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା; ମୃତଦେହ ଜବତ

ଦିଗପହଣ୍ଡି,୭।୭ (ସମିସ): ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ଝରିପଦର ଗ୍ରାମ ଗୌଡ଼ସାହିର ଜିତେନ୍ଦ୍ର ସେଠୀ (୪୦) ନାମକ ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ସକାଳେ କୌଣସି କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ତାଙ୍କର ଗୋଟିଏ ପୁତ୍ର ଏବଂ କନ୍ୟା ସନ୍ତାନ ଅଛନ୍ତି। ଖବର ପାଇ ଦିଗପହଣ୍ଡି ପୋଲିସ ବଡ଼ ଡାକ୍ତରଖାନାରେ ପହଞ୍ଚି ଥାନା ଅପମୃତ୍ୟୁ ମାମଲା ନଂ.୩୪/୨୬ ଅନୁଯାୟୀ ମୃତଦେହ ଜବତ କରିବା ସହ ସେଠାରେ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ପଞ୍ଜିକୃତ ଚାଷୀଙ୍କ ଧାନ କିଣା ନ ଯିବାରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଛତ୍ରପୁର,୭।୭ (ସମିସ): ଗଞ୍ଜା ଜିଲ୍ଲା ସମବାୟ ଅଧିକାରୀଙ୍କ ଖ୍ୟାମଖିଆଲି ଓ ବେଖାତିର ମନବୃତ୍ତ ଯୋଗୁଁ ପ୍ରକୃତ ୫ ହଜାରୁ ଅଧିକ ଗରିବ ଚାଷୀ ମାନେ ଜୁଲାଇ ମାସରୁ ପଞ୍ଜୀକରଣ କରି ୮ ମାସ ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ହତାଶ ଓ ହଇରାଣ ହୋଇ ଧାନ କ୍ୱିଣ୍ଟାଲ ସରକାରୀ ଦର ୩୧୦୦ ଟଙ୍କା ଥିବା ବେଳେ ମଧ୍ୟସ୍ଥି ବେପାରୀଙ୍କୁ ମାତ୍ର ୨୦୦୦ ଟଙ୍କାରେ ବିକି କ୍ଷତି ସହିଲେ । ସରକାରଙ୍କ ତରଫରୁ ଆସିଥିବା ଟାର୍ଗେଟ ୪୭ ହଜାର କ୍ୱିଣ୍ଟାଲ ଫେରାଇ ଦେଲେ । ପ୍ରକୃତରେ ସେଠାରୁ ଧାନ ନ କିଣି କେବଳ କାଗଜ ପତ୍ରରେ ମିଛରେ ଧାନ କିଣା ହେଲା ବୋଲି ଦର୍ଶାଯାଇ ମଣ୍ଡି ପରିଚାଳନା ବାବଦକୁ ଗାଡିଭଡା ଖର୍ଚ୍ଚ ବାବଦରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରାଯାଇଛି ଅଭିଯୋଗ ହୋଇଛି। ଜିଲ୍ଲାର ପ୍ରକୃତ ଚାଷୀଙ୍କ ଧାନ ନ କିଣି ଅନ୍ୟ ଜିଲ୍ଲାରୁ ଦୁର୍ନୀତି କରି ଧାନ କିଣି ଗଞ୍ଜାମ ଜିଲ୍ଲା ଚାଷୀଙ୍କ ପ୍ରତି ଘୋର ଅନ୍ୟାୟ କରାଯାଇଥିବାରୁ ଜିଲ୍ଲାର ୧୦ ଜଣ ଚାଷୀ, ଭାଗ ଚାଷୀ ଓ ମହିଳା ଚାଷୀ ହାଇକୋର୍ଟର ବରିଷ୍ଠ ଓକିଲ ଶକ୍ତିକାନ୍ତ ଦାସ ଓ କ୍ଷିରୋଦ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି ବୋଲି ଏକ ପ୍ରେସ ଇସ୍ତାହାରରେ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଞ୍ଚଳ ନାହାକ ପ୍ରକାଶ କରିଛନ୍ତି। ମାନ୍ୟବର ହାଇକୋର୍ଟର ହୋଇଥିବା ଜନସ୍ୱାର୍ଥ ମାମଲାର କେସ ନମ୍ବର ହେଉଛି ୨୩୩୩୫/୨୬ ।

# ଡେପୁଟେସନରେ ନିଆଯାଇଥିବା ଶିକ୍ଷକଙ୍କୁ ଫେରେଇ ଆଣିବାକୁ ଦାବି

ଗଞ୍ଜାମ,୭।୭ (ସମିସ): ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ଲବଣ ଶ୍ରମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁଦାମ ନାୟକଙ୍କୁ ଅନ୍ୟତ୍ର ସ୍କୁଲକୁ ଡେପୁଟେସନରେ ନିଆଯାଇଛି। ଯାହାକୁ ନେଇ ସ୍କୁଲ ପରିଚାଳନା କମିଟି ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏନେଇ ସୋମବାର ପରିଚାଳନା କମିଟି ପକ୍ଷରୁ ଶିକ୍ଷକ ନାୟକଙ୍କୁ ଫେରାଇ ଆଣିବାକୁ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନର ଦଶ ଦିନ ମଧ୍ୟରେ ଯଦି ସମସ୍ୟା ସମାଧାନ ନହୁଏ ତାହେଲେ ଆଗାମୀ ଦିନରେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସ୍କୁଲ ପରିଚାଳନା କମିଟି ପକ୍ଷରୁ ଗଣମାଧ୍ୟମକୁ ସୂଚନା ମିଳିଛି। ଲବଣ ଶ୍ରମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୫୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଭଳି ସ୍ଥିତିରେ ଉକ୍ତ ସ୍କୁଲ ପାଇଁ ଶିକ୍ଷକ ଆବଶ୍ୟକ ଥିବା ବେଳେ କିଭଳି ବ୍ଲକ ଶିକ୍ଷା ବିଭାଗ ସେହି ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ସ୍କୁଲକୁ ନିଆ ଯାଇଛି ବୋଲି ପ୍ରଶ୍ନ କରିଛି ପରିଚାଳନା କମିଟି। ଦାବିପତ୍ର ପ୍ରଦାନ ବେଳେ ପାଳିବନ୍ଧ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଧର୍ମରାଜ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ସୁଜିତ ବେହେରା, ଅନିଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବନ ମହୋତ୍ସବରେ ଚାରାରୋପଣ କଲେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ



ଦିଗପହଣ୍ଡି,୭।୭ (ସମିସ) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସୋମବାର ଦିଗପହଣ୍ଡି ବ୍ଲକ କଇଠଖଣ୍ଡି - କଇଠଡା ପଞ୍ଚାୟତ ସଂଲଗ୍ନ ଗାଇଡା ସଂରକ୍ଷିତ ଜଙ୍ଗଲ କମଳାପୁର ଠାରେ ବୃକ୍ଷ ଚାରା ରୋପଣ କରାଯାଇଛି। ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟ ଏବଂ କଇଠଖଣ୍ଡି , କଇଠଡା ପଞ୍ଚାୟତ କର୍ତ୍ତୃପକ୍ଷ ଙ୍କ ମିଳିତ ଉଦ୍ୟମରେ ଆୟୋଜିତ ବନ ମହୋତ୍ସବରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଶନି ଖୋକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ଚାରା ରୋପଣ କରିଥିଲେ। ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟରଞ୍ଜନ ସାହୁ, କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ, କଇଠଡା ସରପଞ୍ଚ ଗୌରୀ ଗୌଡ, ସରପଞ୍ଚ ପ୍ରତିନିଧି ଦେବହରି ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଔଷଧୀୟ ଚାରା ରୋପଣ କରିଥିଲେ। ବନପାଳ ସନ୍ତୋଷ ବିଷୋୟୀ ରତ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜପଥ କଡ଼ ଫେବର ଉପରେ ଲଟାବୁଦା

ରମ୍ଭା,୭।୭ (ସମିସ): ସରକାର ରାସ୍ତା ପାର୍ଶ୍ୱକୁ ଶସ୍ତା ସୁନ୍ଦର ଓ ସୁରକ୍ଷିତ ଫେବର ବ୍ଲକ ବିଛା ସୌନ୍ଦର୍ଯ୍ୟକରଣ କରୁଥିବା ବେଳେ ରମ୍ଭା ଏନଏସିରେ ଭିନ୍ନ ଦେଖିବାକୁ ମିଳିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫେବର ବ୍ଲକରେ ଲଟାବୁଦା ଉଠିଯିବା ଅବ୍ୟବସ୍ଥା ଓ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ରାସ୍ତା ସବୁଠାରୁ ଅସୁନ୍ଦର ଓ କଦର୍ଯ୍ୟ କରି ସାରିଲେଣି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରିଜ ଓ ଫେବର ଉପରେ ଲଟା ବୁଦା ଜନ୍ମ ବୃଦ୍ଧି ଯୋଗୁଁ




ପଥଚାରି ଓ ଯାନବାହନ ଆରୋହୀ ଅନେକ ଜନ୍ତୁଜନ୍ତାର ଶିକାର ହେଉଥିବା ଖବର ମିଳିଛି। ବ୍ରିଜ ଓ ଫେବର ଉପରେ ଧୂଳି ମାଟି ଜନ୍ମି ରହି ଅନାୟଶରେ ଜନ୍ମ ବୃଦ୍ଧି ଘଟିଥିବା ଯୋଗୁଁ ଉଭୟ ପାର୍ଶ୍ୱର ଯାନବାହନ ସାଇଡ଼ ଦେବାରେ ଅସୁବିଧା ହେଉଛି। ବେଳେବେଳେ ବ୍ରିଜ ଓ ଫେବରର ଉଭୟ ପାର୍ଶ୍ୱରେ ଆଲୋକର ଅଭାବ ଯୋଗୁଁ ନାହିଁନଥିବା ସମସ୍ୟା ଭୋଗିବାକୁ ପଡୁଛି। ଉପରୋକ୍ତ ରାସ୍ତା ଦେଇ ନିମ୍ନ ସ୍ତର ଠାରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପଦପଦାଧିକାରୀ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ୧୬ ଚକିଆ ପର୍ଯ୍ୟନ୍ତ ଯାତାୟତ କରୁଛି। କିନ୍ତୁ ନିରାପଦ ମନେ କରୁଛନ୍ତି। ଗୋଟିଏ ପଟେ ରାସ୍ତା ସମ୍ପ୍ରସାରଣ ଅଭାବରୁ ସଂକୁଚିତ ହେବାରେ ଲାଗିଛି ଅନ୍ୟପଟେ ରାସ୍ତା ପାର୍ଶ୍ୱରେ ଥିବା ଫେବର ବ୍ଲକ ଉପରେ ଲଟା ବୁଦା ଉଠିଥିବା ରାସ୍ତାରେ ଛୋଟ ଛୋଟ ସରୀସୃପ ପ୍ରଜାତି ବୃଦ୍ଧି ପଥିକମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ପାହାନ୍ତିଆ ସମୟରେ ବ୍ୟାୟାମ କରୁଥିବା ମହିଳା, ପୁରୁଷ, ସରକାରୀ କର୍ମଚାରୀ, ବେସରକାରୀ କର୍ମଚାରୀ, କଲେଜ ଛାତ୍ରଛାତ୍ରୀମାନେ ସରୀସୃପ ପାଦୁର୍ଭାବ ଯୋଗୁଁ ବିପଦ ମଣୁଛନ୍ତି। ତୁରନ୍ତ ଏନଏସି ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ରମ୍ଭାବାସୀ ଦାବି କରିଛନ୍ତି।

# ସମୁଦ୍ର କୂଳରେ ପଥର ବନ୍ଧ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି

ଛତ୍ରପୁର, ୭।୭ (ସମିସ): ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ଅଂଚଳରେ ଥିବା ସମୁଦ୍ର ଉପକୂଳରେ ପଥରବନ୍ଧ କରିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ସାନଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଦସ୍ୟ। ଦାବି ପୂରଣ ନ ହେଲେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଏବଂ ରାଜରାସ୍ତା ବନ୍ଦ କରିବୁ ବୋଲି ସେମାନେ କହିଛନ୍ତି। ଏନେଇ ମଙ୍ଗଳବାର ସାନଆର୍ଯ୍ୟପଲ୍ଲୀ ଶ୍ରୀ ଶ୍ରୀ ମା ମୁତ୍ୟାଲୁ ପୋଲାମ୍ମା ଗ୍ରାମ୍ୟ କମିଟି ପକ୍ଷରୁ ଗ୍ରାମକୁ ସୁରକ୍ଷା ଦେବା ପାଇଁ ସମୁଦ୍ର କୂଳରେ ପଥର ବନ୍ଧ କରିବା ସକାଶେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ସମୁଦ୍ର କୂଳରେ



ପଥର ବନ୍ଧ ନିର୍ମାଣ ନ କରାଗଲେ ଗ୍ରାମବାସୀ ଆଇନ ଅନୁଯାୟୀ ଗୋପାଳପୁର ପୋର୍ଟ ମେଇନ ଗେଟ ଠାରେ ବିରାଟ ଗଣ ଆନ୍ଦୋଳନ କରିବେ ବୋଲି ମଧ୍ୟ ଉକ୍ତ ଦାବିପତ୍ରରେ ଦର୍ଶାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମ୍ୟ କମିଟି ସଭାପତି ବି. ସୀମା, ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବି ନେତା ତଥା ସାଧାରଣ ସମ୍ପାଦକ ବି. ଭୀମସେନ, ଉପସଭାପତି ପି. ଗୁରେୟା, ପୂର୍ବତନ ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ, ଯୁବ ନେତା ଏନ. ଦିନବନ୍ଧୁ, ପି. ରାମବାବୁ, କେ. ଦାଶରଥୀ ଓ ଜେ. ଚିନେୟାଙ୍କ ସମେତ ବହୁ ଯୁବକ ମନେ ଉପସ୍ଥିତ ଥିଲେ। ଏହା ସହିତ ଉକ୍ତ ଦାବୀ ପତ୍ର ର ନକଲ ଉପଜିଲ୍ଲାପାଳ, ତହସିଲଦାର, ଗଞ୍ଜାମ ଏସପି, ଏସ୍‌ଡ଼ିପିଓ, ମେରାଇନ ଥାନା ଓ ପୋର୍ଟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି ବୋଲି ଗ୍ରାମବାସୀମନେ କହିଥିଲେ।

# ସମୁଦ୍ର ଉପକୂଳ ଅଞ୍ଚଳ ବୁଲି ଦେଖିଲେ ସିପିଆଇଏମ୍ ନେତା

ଗଞ୍ଜାମ,୭।୭ (ସମିସ): ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛିଦିନ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି କ୍ଷ ବିଶେଷ କରି ସମୁଦ୍ର ଉଚ୍ଚ ଜୁଆର ମାଡ଼ରେ ପୋଡ଼ମପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ଗର୍ଭକୁ ଚାଲି ଯାଉଛି। ଏନେଇ ସିପିଆଇଏମର ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ



ଏକ ପ୍ରତିନିଧି ଦଳ ପୋଡ଼ମପେଟା ଯାଇ ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଲୋକଙ୍କ ଆଲୋଚନା କରିଛନ୍ତି। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଗୋପାଳ ପାଣିଗ୍ରାହୀ, ସୁଜିତ ବେହେରା, ତ୍ରିଲୋଚନ ପ୍ରଧାନ, ମନୋଜ ସାହୁ, ଶ୍ରୀଧର ସ୍ୱାଇଁ, ଧର୍ମରାଜ ସ୍ୱାଇଁ ଓ ବସନ୍ତ ସ୍ୱାଇଁ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ। ଏସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପକୁଳ ଅଧିବାସୀଙ୍କ ଜନ ଜୀବନ ସୁରକ୍ଷା ନେଇ ଜିଲ୍ଲାପାଳଙ୍କ ଆଲୋଚନା କରିବେ ବୋଲି ସିପିଆଇଏମ ପୂର୍ବତନ ରାଜ୍ୟ ସମ୍ପାଦକ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପିଏମଶ୍ରୀ ମା' ଭରାଣ୍ଡୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ପୋଲସରା,୭।୭ (ସମିସ): ସାର ରାଜ୍ୟରେ ୭୭ତମ ବନମହୋତ୍ସବ ପାଳନ ଅବସରରେ ପୋଲସରା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ମନ୍ଦାର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଜୟକାନ୍ତୀ ପିଙ୍ଗ୍ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷ ରୋପଣ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ ପ୍ରଦୀପ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପୋଲସରା ରେଞ୍ଜର ଅନୀଲ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଭିଏସଏସ ସଭାପତି ଶ୍ରୀଧର ମିଶ୍ର ଓ ମନ୍ଦାର ସରପଞ୍ଚ ସୁନୀତା ଜେନା ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ନବୀନ କିଶୋର ସାହୁ ଅତିଥି ପରିଚୟ ଓ ସଭା ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଜୋତିଏଲ ନାୟକ, ରଞ୍ଜିତ କୁମାର ସାହୁ, ରଙ୍ଗାଧର ଦଳେଇ ଉପସ୍ଥିତ ଥିଲେ।

**ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା**

# ପାଇପ୍ ଫାଟି ରାସ୍ତାରେ ଚାଲୁଛି ପିଇବା ପାଣି

ପୋଲସରା,୭।୭ (ସମିସ)



ଜନସ୍ୱାସ୍ଥ୍ୟ ବିଭାଗ ଓ ମ୍ୟୁନିସିପାଲିଟିର ଦାୟିତ୍ୱ ହିନତା ଓ ଚରମ ଅବହେଳା ପାଇଁ ପୋଲସରା ମ୍ୟୁନିସିପାଲିଟି ଅନ୍ତର୍ଗତ ୭ ନମ୍ବର ୱାର୍ଡର ଫରେଷ୍ଟ କଲୋନୀ ରାସ୍ତା ଜଳ ଯୋଗାଣ ପାଇପଫାଟି ରାସ୍ତାରେ ମାସ ମାସ ଧରି ପାଣି ଚାଲୁଛି। ଅଭିଯୋଗ ପ୍ରକାରେ ଫରେଷ୍ଟ କଲୋନୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପୋଲସରା ସହରକୁ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ଲାଇନ ଫାଟି ପାଖାପାଖି ୨ ମାସ ଧରି ରାସ୍ତାରେ ଅନବରତ ପାଣି ଯାଉଛି। ଯାହାଫଳରେ ଉକ୍ତ ରାସ୍ତାଟି ସବୁବେଳେ ଜଳମଗ୍ନ ରହି ସବୁଆଡେ ଶିଉଳି ଜମିହୋଇ ସହରର ସୌନ୍ଦର୍ଯ୍ୟ ହରାଇବା ସହ ପଥଚାରୀ ଯାତାୟାତ ସମୟରେ ପାଦ ସ୍ଲିପ କରି ସିମେଣ୍ଟ ରାସ୍ତାରେ ପଡି ଆହତ ହେଉଛନ୍ତି। ବିଶେଷକରି ସକାଳୁ ସ୍କୁଲ ଯିବା ସମୟରେ କୁନି କୁନି ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେହେତୁ ଏହି ରାସ୍ତାଟି ପୋଲସରା ମୁଖ୍ୟ ସଡକ ଠାରୁ ମ୍ୟୁନିସିପାଲିଟି ର ୪ ଓ ୫ ନମ୍ବର ୱାର୍ଡ କୁ ସଂଯୋଗ କରୁଛି ସେଥିପାଇଁ ପ୍ରତିଦିନ ଶହ ଶହ ଗାଡି ମୋଟର ଯିବାଆସିବା କରୁଛି ଏବଂ ପ୍ରତିଦିନ ଦୁଇ ଚକିଆ ଚାଳକ ଅସାବଧାନତା କାରଣରୁ ଗାଡି ଚକା ସ୍ଲିପ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୋଟିଏ ପଟେ ଜନସ୍ୱାସ୍ଥ୍ୟ ବିଭାଗ ର ଦାୟିତ୍ୱହୀନତା ପାଇଁ କୁତ୍ରିମ ପାଣି ସୁଅ ରାସ୍ତାରେ ଯାଉଥିବା ବେଳେ ଅନ୍ୟପଟେ ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନର କୌଣସି ସୁବିଧା ନାହିଁ। ଯୋଦ୍ୱାରା ପ୍ରଶାସନିକ ଅବହେଳା ପାଇଁ ନିରୀହ ସାଧାରଣ ଜନତା ଏହା ଦ୍ୱାରା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। ଏନେଇ ପୋଲସରା ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ଉକ୍ତ ରାସ୍ତାର ମରାମତି ଏବଂ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କାର୍ଯ୍ୟ ପାଇଁ ଏବେ ଏଷ୍ଟିମେଟ ଚାଲିଛି ଟେଣ୍ଡର ପ୍ରକ୍ରିୟା ପରେ କାମ ଆରମ୍ଭ ହେବା ନେଇ ସୂଚନା ଦେଇଥିଲେ। ସେହିପରି ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଦାମ ମିଶ୍ର ଖୁବଶୀଘ୍ର ଏହାର ମରାମତି କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ଯୋଗାଯୋଗ ବେଳେ କହିଛନ୍ତି।

# ବିଜେପି ସରକାରଙ୍କ କଥାରେ ରହୁନି ତାଳମେଳ: ବିଜେଡି



■ ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡ଼ାଇବାକୁ ସରକାରଙ୍କ ଯୋଜନା
■ ଇସ୍ତଫା ଦିଅନ୍ତୁ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବ
■ ଜୁଲାଇ ୯ ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଅଭିଯାନ

ଭୁବନେଶ୍ୱର,୭।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି । ଏହାକୁ ସଂଶୋଧନ କରିବା ପରିବର୍ତ୍ତେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାରେ ଲାଗି ପଡିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ ପାଠ୍ୟ ପୁସ୍ତକରେ ୨୦୦୦ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକପ୍ରତ୍ୟାହାର କରିବା ନେଇ ସରକାରୀସ୍ତରରେ ଘୋଷଣା କରାଯାଇଥିଲା ।ମାତ୍ର ତାହା ଏଯାଏ ହେଲା ନାହିଁ । ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ କାହାରି କଥାରେ କୌଣସି ତାଳମେଳ ରହୁନାହିଁ । ବିଜେପି ସରକାରରେ ବିଧି ବ୍ୟବସ୍ଥା ସଠିକ୍ ଭାବରେ ରହୁନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି । ସରକାର ମୂକ ଓ ବଧୀର ପାଲଟି ଯାଇଛନ୍ତି। ଏହା ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଅ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶିକ୍ଷା ବର୍ଷ ଆରମ୍ଭ ହୋଇଥିବା ବେଳେ ପିଲାଙ୍କ ପାଖରେ ପୁସ୍ତକ ନାହିଁ । ମାସକ ମଧ୍ୟରେ ପୁସ୍ତକ ପ୍ରତ୍ୟାହାର କରି ତ୍ରୁଟି ଶୂନ୍ୟ ନୂତନ ପୁସ୍ତକ ପ୍ରଦାନ କରାଯାଉ । ନଚେତ ପୁରୁଣା ପୁସ୍ତକକୁ ପୁନଃ ପ୍ରଚଳନ କରାଯାଉ। ତ୍ରୁଟିପୂର୍ଣ୍ଣ ପୁସ୍ତକ କରି ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ କିଏ ଷଡ଼ଯନ୍ତ୍ର କରିଛି, ତାହା ମୁଖ୍ୟମନ୍ତ୍ରୀ ସ୍ୱଷ୍ଟ କରନ୍ତୁ ଓ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି । ସେହିପରି ଚିନ୍ମୟ ସାହୁ କହିଥିଲେ ଯେ ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟି ପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରକାଶ ପାଇଁ ନୋଟିଫିକେସନ୍ ହେଉନାହିଁ। ନୂତନ ପୁସ୍ତକ ପ୍ରକାଶ କେବଳ ଘୋଷଣାବାଜିରେ ସୀମିତ ରହିଛି। ପୁସ୍ତକ ପ୍ରକାଶରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ସରକାରୀ ପ୍ରେସରେ ପୁସ୍ତକ ନ ଛାପି ଘରୋଇ ପ୍ରେସରେ ଛାପିବା ସନ୍ଦେହ ସୃଷ୍ଟି କରିଛି । ଏନେଇ ପଦକ୍ଷେପ ଗ୍ରହଣ ନକ ରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ କୁନି କୁନି ପିଲାଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ବିଜେପି ସରକାର ପିଲାଙ୍କ ଭବିଷ୍ୟତକୁ ଦଳି ଚକଟି ନଷ୍ଟ କରିବା ସହ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ଜାତୀୟ ସ୍ତରରେ ଓଡ଼ିଶା ଆଜି ନିନ୍ଦିତ ହୋଇଛି। ପିଲାଙ୍କ ଭବିଷ୍ୟତ ନେଇ ବିଜେପି ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ବିଜେଡି ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି ।

# ଫାଟିଲା ଗ୍ୟାସ୍ ପାଇପ୍ ଲାଇନ୍; ସାଧାରଣରେ ଆତଙ୍କ



ଅନୁଗୋଳ,୭।୭(ସମିସ): ମଙ୍ଗଳବାର ଅପରାହ୍ଣରେ ଗାନ୍ଧୀମାର୍ଗ ମୈତ୍ରୀନଗର ରାସ୍ତାରେ ଟିପିସିଓଡିଏଲ୍‌ର ମାଟି ତଳେ ୩୩ କେଭି ଲାଇନ୍ କାମ ଚାଲିଥିବା ବେଳେ ପିଏନ୍‌ଜି ଗ୍ୟାସ ପାଇପ୍ ଲାଇନ୍ ଫାଟି ଗ୍ୟାସ୍ ଲିକ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ବାସିନ୍ଦା ଭୟରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ବିପିସିଏଲ୍ ଅଧିକାରୀ ଆସି ଗ୍ୟାସ୍ ଲିକେଜ୍‌କୁ ନିୟନ୍ତ୍ରଣ କରିବାରେ ସହାୟତା କରିଥିଲେ। ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସେ ଅଞ୍ଚଳକୁ ସିଲ୍ କରିବା ସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ବୁଝାଇଥିଲେ। ଦୀର୍ଘ ସମୟ ପରେ ଗ୍ୟାସ ଲିକ୍‌କୁ ନିୟନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି। ଏହି ଅଘଟଣ ନେଇ ତଦନ୍ତ ଆରମ୍ଭ ହୋଇଛି।

# ଚିକିଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ଅନ୍ତରୀଣ ସ୍ଥଗିତାଦେଶ

କଟକ,୭।୭(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତସମିତିର ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୮ ତାରିଖ ପୂର୍ବାହ୍ନ ୧୦ଟାରେ ଚିକିଟି ପଞ୍ଚାୟତସମିତି କାର୍ଯ୍ୟାଳୟରେ ଏହି ନିର୍ବାଚନ ହେବାର ଥିଲା, ଯାହାକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ କୁମାର ସେଠୀ, ଇପାରି ସୀମାଞ୍ଚଳ ଓ ମୋହନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୨ରେ ଅନୁଷ୍ଠିତ ହେବ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାରୁ ପ୍ରକାଶ ଯେ ଚିକିଟି ପଞ୍ଚାୟତସମିତିର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ ପରେ ଏହି ପଦ ଖାଲି ପଡ଼ିଥିଲା। ଏହାକୁ ପୂରଣ କରିବା ପାଇଁ ଗତ ଜୁନ ୩୦ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତସମିତି ସଭ୍ୟ ପଦ ଖାଲି ଥିବା ସତ୍ତ୍ୱେ କେବଳ ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ। ଏହା ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ନିୟମ ୪୬କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୧୯୯୧ ନିୟମାବଳୀର ଧାରା ୪୬ ଓ ପୂର୍ବର ଏକ ରାୟକୁ ଆଧାର କରି କୋର୍ଟ ଏହି ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି।

# ୪ ନାବାଳକ ଚାଲାଣ ଉଦ୍ଧାର; ଦୁଇ ଅଟକ

ଛତ୍ରପୁର,୭।୭(ସମିସ ): ନାବାଳକ ଚାଲାଣ ବେଳେ ଧରିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳ ଷ୍ଟେସନରୁ ୪ ଜଣ ନାବାଳକଙ୍କୁ ସୁରଥ ଚାଲାଣ ବେଳେ ଚଢ଼ଉ କରିଥିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଛତ୍ରପୁର ଜିଲ୍ଲା ଶ୍ରମ ବିଭାଗ, ଆରପିଏଫ ପୋଲିସ ଓ ଛତ୍ରପୁର ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୪ ଜଣ ନାବାଳକଙ୍କୁ ଧରିଛନ୍ତି। ଛତ୍ରପୁର ଓ ପୁରୁଷୋତ୍ତମପୁର ଅଞ୍ଚଳର ୪ ଜଣଙ୍କୁ ଧରି ଏକ କାର ଯୋଗେ ଛତ୍ରପୁର ରେଳ ଷ୍ଟେସନରେ ପହଞ୍ଚି ସୁରଥକୁ କାମ କରିବାକୁ ନେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ଶ୍ରମ ବିଭାଗ ଚଢ଼ାଉ କରାଯାଉଥିବା ଜଣା ପଡିଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖାଯାଇଛି। ନାବାଳକ ମାନଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଛତ୍ରପୁର ଶ୍ରମ କାର୍ଯ୍ୟାଳୟର ଏଡ଼ିଏଲଓ ସୋମନାଥ ପାତ୍ର ଏବଂ ଛତ୍ରପୁର ଥାନା ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ସେମାନେ ଆଣିଥିବା କାରକୁ ଜବତ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୫ ବର୍ଷ ବୟସରେ...

ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ନିଜ ଦୀର୍ଘ ଶିକ୍ଷାଯାତ୍ରାରେ ପତ୍ନୀ ବିଦ୍ୟା ଦେବୀ ଓ ପରିବାରର ସହଯୋଗକୁ ସେ ମୁଖ୍ୟ ପ୍ରେରଣା ବୋଲି କହିଛନ୍ତି। ତାଙ୍କ ଏହି ଅଦମ୍ୟ ଇଚ୍ଛାଶକ୍ତି ଓ ଜ୍ଞାନ ପ୍ରତି ନିଷ୍ଠା ଆଜି ଯୁବପିଢ଼ି ପାଇଁ ଏକ ଅନନ୍ୟ ପ୍ରେରଣା ପାଲଟିଛି।

### ଆଗକୁ ଭୟଙ୍କର...

ଏହି ରିପୋର୍ଟ ଅନୁସାରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହିଟ୍ ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ଉତ୍ତାପଜନିତ ରୋଗରେ ପୀଡ଼ିତ ଲୋକଙ୍କ ସଂଖ୍ୟା ବଢ଼ିପାରେ। ବିଶେଷକରି ବୃଦ୍ଧ, ଶିଶୁ ଓ ବାହାରେ କାମ କରୁଥିବା ଶ୍ରମିକମାନେ ଅଧିକ ବିପଦରେ ପଡ଼ିପାରନ୍ତି। ତେବେ ରିପୋର୍ଟରେ ଏହି ସମସ୍ୟାର ସମାଧାନ ଭାବେ ସୌର ଶକ୍ତି ଓ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍‌ର ବ୍ୟାପକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଦିନ ସମୟରେ ସୌର ଶକ୍ତି ଉତ୍ପାଦନ ଓ ବ୍ୟାଟେରିରେ ବିଦ୍ୟୁତ୍ ସଂରକ୍ଷଣ କରି ପ୍ରୟୋଜନ ସମୟରେ ବ୍ୟବହାର କଲେ ବିଦ୍ୟୁତ୍ ନିଅଣ୍ଟ ଅନେକାଂଶ ହ୍ରାସ ପାଇବ ଓ କୋଇଲା ଉପରେ ନିର୍ଭରଶୀଳତା ମଧ୍ୟ କମିବ। ଭାରତରେ ବିଦ୍ୟୁତ୍ ଚାହିଦା ନିରନ୍ତର ବଢ଼ୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ତେଣୁ ନବୀକରଣଯୋଗ୍ୟ ଶକ୍ତି, ଆଧୁନିକ ବିଦ୍ୟୁତ୍ ଗ୍ରିଡ୍ ଏବଂ ଶକ୍ତି ସଂରକ୍ଷଣ ବ୍ୟବସ୍ଥାରେ ବିନିଯୋଗ ବଢ଼ାଇବା ଉପରେ ଶକ୍ତି ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଛନ୍ତି।ବିଶେଷଜ୍ଞମାନଙ୍କ ମତରେ, ବର୍ତ୍ତମାନ ଦିନ ବେଳର ବିଦ୍ୟୁତ ଚାହିଦାର ପ୍ରାୟ ୨୪ ପ୍ରତିଶତ ସୌର ଶକ୍ତି ଯୋଗାଉଛି। ଏଲ୍ ନିନୋର ପ୍ରଭାବ ସୌର ଶକ୍ତି ଉପରେ ତୁଳନାମୂଳକ ଭାବେ କମ୍ ଥିବାରୁ ଅଧିକ ସୌର ପ୍ୟାନେଲ୍ ଓ ବ୍ୟାଟେରି ସଂରକ୍ଷଣ ବ୍ୟବସ୍ଥା ଭବିଷ୍ୟତରେ ଏପରି ଚରମ ପାଣିପାଗ ଜନିତ ବିଦ୍ୟୁତ ସଙ୍କଟକୁ ମୁକାବିଲା କରିବାରେ ଦେଶକୁ ଅଧିକ ସକ୍ଷମ କରିପାରିବ।

### ଇଣ୍ଡୋନେସିଆରେ ବିଜୁଙ୍କ...

ପ୍ରଧାନମନ୍ତ୍ରୀ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ୧୯୪୭ ମସିହାରେ ଡଚ୍ ଉପନିବେଶବାଦୀ ଶାସନ ବିରୋଧରେ ଇଣ୍ଡୋନେସିଆ ଜାତୀୟ ବିପ୍ଳବରେ ବିଜୁ ପଟ୍ଟନାୟକ ଜୀବନକୁ ବାଜି ଲଗାଇ ଏକ ସାହସିକ ଭୂମିକା ଗ୍ରହଣ କରିଥିଲେ । ଡଚ୍‌ମାନେ ଇଣ୍ଡୋନେସିଆକୁ ପୁନଃ ଉପନିବେଶ କରିବାକୁ ଚେଷ୍ଟା କରିଥିଲେ । ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ସେମାନେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଜାକର୍ତ୍ତାରେ ଗୃହବନ୍ଦୀ କରିଥିଲେ । ନେହେରୁ ୩୧ ବର୍ଷୀୟ ଦୁର୍ଦ୍ଧର୍ଷ ବୈମାନିକ ବିଜୁ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆର ନେତାମାନଙ୍କୁ ବାହାର କରିବା ପାଇଁ ଏକ ଗୁପ୍ତ ଅଭିଯାନର ଦାୟିତ୍ୱ ଦେଇଥିଲେ। ଜୁଲାଇ ୧୯୪୭ରେ ବିଜୁ ପଟ୍ଟନାୟକ ଓ ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ ସାମରିକ ପରିବହନ ବିମାନ (ଡାକୋଟା ଡିସି-୩)କୁ ଇଣ୍ଡୋନେସିଆର ଆକାଶ ସୀମାରେ ଉଡ଼ାଇଥିଲେ। ବିଜୁ ପଟ୍ଟନାୟକ ସଫଳତାର ସହ ସିଙ୍ଗାପୁର ଦେଇ ସଜାହରିର ଏବଂ ହଟ୍ଟାଙ୍କ ସମେତ ବରିଷ୍ଠ ନେତାଙ୍କୁ ୧୯୪୭ ଜୁଲାଇ ୨୪ ତାରିଖରେ ନିରାପଦରେ ନୂଆଦିଲ୍ଲୀରେ ପହଞ୍ଚାଇଥିଲେ। ନିଜର ଡାକୋଟା ବିମାନକୁ ନେଇ ବିଜୁ ବାବୁ ଯେପରି ଅସୀମ ସାହସ ପ୍ରଦର୍ଶିତ କରିଥିଲେ, ତାହା ସେତେବେଳେ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏପରିକି ଏଥିପାଇଁ ବିଜୁ ବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମିଳିଥିଲା।

### ବିକାଶ ଓ ପରିବେଶ...

ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି "ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩.୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି। "ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି ବୋଲି ସେ କହିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର "ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର "ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

### ୧୦କିମି ଚାଲି ଚାଲି...

ପହଞ୍ଚିଥିଲେ ,ବିଧାୟକ ଜାଣି ଶୁଣି ଦେଖା ନ ଦେବାରୁ ବିଧାୟକ ହାଏହାଏ, ସନାତନ ବିଜୁଳି ଛି ଛି , ବିଧାୟକ ତମେ ଲୁଚିଗଲ ଆଦି ନାରା ଦେଇ ଫେରିଆସିଲେ। ବିଧାୟକ ଙ୍କ ଏଭଳି କାର୍ଯ୍ୟ ପାଇଁ ସାଧାରଣରେ ନିନ୍ଦା ପ୍ରକାଶ କରିଛନ୍ତି।

19001/138/2627

**OFFICE OF THE PANCHAYAT SAMITI: SEMILIGUDA**
DISTRICT: KORAPUT (ODISHA)
No.: 1261/2026, Date: 04/07/2026

**NOTICE INVITING TENDER**

(e-Procurement Notice No. PS/SMG-01/2026-27)

The **Block Development Officer, Panchayat Samiti, Semiliguda, District-Koraput, Pin-764036 (Odisha)** on behalf of the **Governor of Odisha** invites **Percentage Rate Bids** in **Double Cover System** through the electronic tendering system from eligible class contractors for execution of **11 (Eleven) Nos. of Civil Works (Buildings)** under Panchayat Samiti, Semiliguda, District-Koraput (Odisha). The detailed information is available in the e-Procurement portal/website: **https://www.tendersodisha.gov.in**
**Last date for receipt of online bid: 20.07.2026 (up to 05:30 P.M.)**

OIPR-19001/19066/1/26-27/0001 Sd/- Block Development Officer, Semiliguda

24001/266/2627

ରେଜିଷ୍ଟ୍ରି ସଂ. ଡି.ଏଲ୍. ୩୩୦୦୪/୯୯ Regd. No. D.L. 33004/99

भारत का राजपत्र
The Gazette of India

ସି.ଜି.-ଡି.ଏଲ୍.-ଅ.-17062026-273545
CG-DL-E-17062026-273545
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୨୯୭୭] ନୂଆ ଦିଲ୍ଲୀ, ସୋମବାର, ଜୁନ୍ ୧୫, ୨୦୨୬ / ଜ୍ୟେଷ୍ଠ ୨୫, ୧୯୪୮
No.2977] NEW DELHI, MONDAY, JUNE 15, 2026 / JYAISHTA 25, 1948

**ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୧୨ ଜୁନ୍ ୨୦୨୬**

ଏସ୍.ଓ. ୩୦୮୭ (ଇ) - ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ର ୪୮) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖିତ)ର ଧାରା ୩କ ର ଉପ-ଧାରା (୧) ଅନ୍ତର୍ଗତ ପ୍ରକାଶିତ ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ଏସ୍.ଓ. ୧୩୫୭ (ଇ) ତାରିଖ: ୧୬ ମାର୍ଚ୍ଚ ୨୦୨୬ ରେ ପ୍ରକାଶିତ, ଅସାଧାରଣ, ଭାଗ ୨, ଧାରା ୩, ଉପ-ଧାରା (ii) ଅନୁଯାୟୀ, କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ଏହାର ଉଦ୍ଦେଶ୍ୟ ଘୋଷଣା କରିଛନ୍ତି । NH20 ର ନିର୍ମାଣ (ପ୍ରଶସ୍ତୀକରଣ /ଚାରି-ଲେନ୍ କରିବା, ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ କିଲୋମିଟର ୦ ରୁ ୪୯.୨ କିଲୋମିଟର ପର୍ଯ୍ୟନ୍ତ ଜମିରେ | ODISHA ରାଜ୍ୟର ଯାଜପୁର ଜିଲ୍ଲାର ବିଚିତ୍ରପୁର-୧୯୬, କୁସୁନପୁର-୮୧, ମିର୍ଜାପୁର-୧୮୦ ତାଲୁକ ଯାଜପୁର ଏବଂ ବରାଂଶ -୯୬, କୁଆଖିଆ-୯୮, ସାରଙ୍ଗପୁର-୯୭ ତାଲୁକ- ରସୁଲପୁର ଏବଂ ଧନୀପୁର-୪୦, ବିରଜାପୁର-୨୬୦, ବୋଉଳାଙ୍ଗ -୫୯, କନିକାପଡ଼ା-୩୬୦, ଖାନ ନଗର-୯୫, ତଲିଛା-୨୭୮, ତେନ୍ତୁଳିଦିଅ-୫୮ ଉଦୟପୁର-୧୨ ତାଲୁକ-ଦଶରଥପୁର ।

ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ତାରିଖରେ ୧୪/୦୪/୨୦୨୬ ରେ ପ୍ରକାଶିତ ହୋଇଛି, ଉକ୍ତ ଆଇନର ଧାରା ୩କ ର ଉପ-ଧାରା (୩) ଅନ୍ତର୍ଗତ "ନିତିଦିନ" ତାରିଖ ୧୪/୦୪/୨୦୨୬

ଏବଂ ଦକ୍ଷ ପ୍ରାଧିକରଣ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ଗ୍ରହଣ କରି ଉପଯୁକ୍ତ ଭାବରେ ବିଚାର ଏବଂ ସମାଧାନ କରିଛନ୍ତି;

ଏବଂ ଦକ୍ଷ ପ୍ରାକରଣ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ, ଦକ୍ଷ ପ୍ରାକରଣ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ ଦକ୍ଷ ପ୍ରାକରଣଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ;

ଏବଂ ଏହା ସହିତ, ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ, ସମସ୍ତ ଭାରରୁ ମୁକ୍ତ ।

ଯେହେତୁ ପ୍ରୋକ୍ତ ଆଇନ ର ଧାରା ୩ (G) ଉପଧାରା ୧, ୨, ୩, ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରିକୃତ ହୋଇଥିବା ତଫସିଲ ଭୁକ୍ତ ଅନୁସୂଚୀ ନିର୍ମିତ ସମ୍ଭାବନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇଦିଆଯାଉଅଛି ଯେ ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ (ବିକ୍ରି କବଲା, ଭାଗବଟରା, ଦାଖଲ ଖାରଜ, ଖଜଣା ପାଉତି ଓ କିସମ ପରିବର୍ତ୍ତନ) ନିଜେ କିମ୍ବା ନିଜର ବିଧାପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତି ମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିବେ, ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କାର୍ଯ୍ୟସୂଚୀ

କିମି. ୦ ରୁ ୪୯.୨ କିମି. ପର୍ଯ୍ୟନ୍ତ ଜମିର ବିସ୍ତାରରେ NH20 ପଡ଼ିଥିବା ଗଠନ ସହିତ କିମ୍ବା ବିନା ଅଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା । ଗାଁ (ଗୁଡିକ) ଯଥା- ବିଚିତ୍ରପୁର -196, କୁସୁନପୁର - 81, ମିର୍ଜାପୁର -180 ତାଲୁକ-ଯାଜପୁର ଏବଂ ଗାଁରେ ଯଥା- ବରାଂଶ -96, କୁଆଖିଆ -98, ସାରଙ୍ଗପୁର -97 ତାଲୁକ-ରସୁଲପୁର ଏବଂ ଧନିପୁର -40, ବିରଜାପୁର -260, ବୋଉଳାଙ୍ଗ -୫୯, ଖାନନଗର-95, ତଲିହା-278, ତେନ୍ତୁଳିଢିଅ-58, ଉଦୟପୁର-12 ତାଲୁକ-ଦଶରଥପୁର, ଓଡିଶ, ଯାଜପୁର ।
4307 GI/2026

L.A.O (Civil) & Competent Authority (NH-20 Cell) Collectorate, Jajpur
OIPR-24001/24395/3/26-27/0002

13001/1092/2627

**OFFICE OF THE MUNICIPAL COUNCIL, BHAWANIPATNA**
**DISTRICT – KALAHANDI, PIN – 766001**
**e-Procurement Notice**
Bid Identification No. BPM/07/2026-27
Bid Identification No.: **BPM/2542**, Date: **02/07/2026**
Letter No.: 118/1F, Date: 06.07.2026

The Executive Officer, on behalf of **Bhawanipatna Municipality**, invites tenders in **Single Cover System**. Bid documents consisting of the specification, Schedule of Quantities, and the set of terms and conditions of contract and other necessary documents can be seen on the Govt website: **https://tendersodisha.gov.in**

1. **Number of Civil Works: 17 (Seventeen) Numbers**
2. **Estimated Cost: ₹2.71 Lakhs to ₹16.94 Lakhs**
3. **Period of Completion: As per NIT**
4. **Date and time of availability of Bid Documents in the portal:** From **02:00 P.M. of 03.07.2026** to **05:00 P.M. of 18.07.2026**
5. **Last Date & Time for Receipt of Bids in the portal : 05:00 P.M. of 18.07.2026**
6. **Bids will be Opened on: 05:30 P.M. on 18.07.2026**
7. **Name and address of the Officer Inviting Bid: Executive Officer, Bhawanipatna Municipality**

Executive Officer
Bhawanipatna Municipality
OIPR-13001/13100/1/26-27/0009

8001/197/2627

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ମାଲକାନଗିରି ବନଖଣ୍ଡ, ମାଲକାନଗିରି
**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN**
**MALKANGIRI FOREST DIVISION, MALKANGIRI**
**E-mail:** dfo.malkangiri@odisha.gov.in
Bid Identification No. 01 DFO, MKG 01/2026-27
**Letter No.:** 118/1F, **Date:** 06.07.2026

**NOTICE INVITING TENDER**

| Sl. No. | Name of the Work | Procurement of Different Planting Materials for **Planting Season – 2026-27** |
|---|---|---|
| 1 | Estimated Cost | Depending upon funds availability |
| 2 | Period & Time of Completion | **15 days** from the date of issue of orders |
| 3 | Date & Time of Availability of Bid Documents in the Portal | **07.07.2026 to 17.07.2026** |
| 4 | Last Date & Time for Receipt of Bids in the Portal | **Up to 5.00 PM on 17.07.2026** |
| 5 | Date & Time of Bid Opening | **11.00 AM on 18.07.2026** |
| 6 | Name & Address of the Officer Inviting Bid officer inviting Bid | **Divisional Forest Officer, Malkangiri Forest Division** |

Others can see the details from the **Notice Inviting Tender** available on the website: **https://malkangiri.odisha.gov.in**, **Corrigendum if any**, shall only be published in the above website.

Divisional Forest Officer
Malkangiri Forest Division
OIPR-8001/8109/1/26-27/0002

13001/1096/2627

**OFFICE OF THE MUNICIPAL COUNCIL: RAYAGADA**
**DISTRICT – RAYAGADA, PIN CODE – 765001, ODISHA**
**E-mail ID:** rayagada.mud@od.gov.in, **Website:** www.rayagadamunicipality.in
**Phone:** 06856-235052
**Letter No.:** 3187, **Date:** 03.07.2026

**REQUEST FOR PROPOSAL NOTICE**

Sealed bids in conformity with the detailed **Request for Proposal (RFP)** (in two bid system) are invited from experienced, financially sound Company / Trust / Society / NGO / Govt. Owned Entity / Individual / Proprietary Firm registered under relevant statute for the work detailed below.

| Sl. No. | Name of the Work | Contract Period | Cost of Bid Document | EMD |
|---|---|---|---|---|
| 1 | Door to door collection and transportation of Municipal Solid Waste from primary sources in Rayagada Municipal area through outsourcing Basics. | 03+01+01 Years | ₹10,000/- | ₹5,00,000/- |

The details of the bid and bid document can be downloaded from the Rayagada Municipality website **https://rayagadamunicipality.in** from **06.07.2026, 11.00 A.M. to 23.07.2026, 5.00 P.M.** The filled bid document will be received up to **05.00 P.M. of 24.07.2026** by Registered Post/Speed Post. The bid must accompany the cost of bid document and EMD of the required value as specified above in the shape of **Bank Draft/Demand Draft** in favour of **Executive Officer, Rayagada Municipality**, failing which the bid shall be outrightly rejected. The Technical Bid will be opened on **27.07.2026 at 11.00 A.M.** in the presence of the bidder or their authorized representatives only. The opening of the Price Bid will be intimated to the bidders qualifying in the Technical Bid.
The authority reserves the right to reject any or all bids without assigning any reason thereof.

Executive Officer
Rayagada Municipality
OIPR-13001/13150/1/26-27/0007

13001/1103/2627

ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି
**NOTIFIED AREA COUNCIL, KANTABANJI**
(Near Kantabanji CHC, At/Po – Kantabanji, Dist – Balangir (Odisha), PIN – 767039)
**E-mail ID:** nackantabanji@gmail.com
**Letter No.:** 1038, **Date:** 04.07.2026

**Expression of Interest (EOI) for Selection of Mission Shakti Groups for O&M of AAHAAR Kendra & Kitchen of Kantabanji NAC**

Kantabanji NAC invites **Expression of Interest (EOI)** in the prescribed formats (**Annexure-I, II & III**) in sealed cover from intending **Mission Shakti Groups** having the credibility and experience for **Operation & Maintenance (O&M) of AAHAAR Kendra with AAHAAR Kitchen** and overall management of the AAHAAR Centre, including cooking of meals and the entire responsibilities of the AAHAAR Programme to ensure better accountability towards the public. The applicants **must be under the jurisdiction of Kantabanji NAC only.**

| | | |
|---|---|---|
| 01 | Availability of EOI documents on website | **08.07.2026** |
| 02 | Last date & time of submission of EOI | **17.07.2026** |
| 03 | Date & time of opening of EOI | **21.07.2026** |
| 04 | For downloading the EOI documents and Terms & Conditions of assignment, Please visit the Balangir District Website | **https://balangir.odisha.gov.in/** |

The authority reserves the right to reject any or all the EOIs without assigning any reason thereof. Any change, correction / corrigendum in respect the above shall be placed in **Balangir District Website**.

Executive Officer
NAC, Kantabanji
OIPR-13001/13111/1/26-27/0004

**OFFICE OF THE PRINCIPAL**
**GANDHI MAHAVIDYALAYA, ROURKELA-04**
**No.:** 1057/GM, **Date:** 07.07.2026

**WALK IN INTERVIEW FOR GUEST FACULTY**

A walk-in interview is scheduled to be held on **14.07.2026 (Tuesday)** at **11.00 A.M.** in the office of the undersigned for engagement of **Guest Faculties** for the session **2026-27** against vacancy of **Direct Payment (DP) post & Maternity Leave (ML)** as per the details noted below.

| Sl. No. | Post(s) | Minimum Qualification | Consolidated Remuneration |
|---|---|---|---|
| 1 | Guest Faculties in different subjects (**Hindi-01, Geology-01, Chemistry-01, Mathematics-01, Physics-01, Education-01, Commerce (DP-01 & ML-01)**) | **55% or more marks** at the P.G. level and good academic career. Higher qualification such as **M.Phil / Ph.D. / Experience** will be an added advantage. | **Rs. 280/- per class**, subject to a maximum of **Rs. 14,000/- per month.** |

Interested candidates are requested to come with a **bio-data** along with original certificates and mark sheets along with self-attested photocopies and one photograph. **No TA/DA** shall be paid for attending the interview. The authority reserves the right to cancel the selection process or engagement in whole or part, or the appointment process at any stage without assigning any reason thereof and have the right to fill up / not to fill up the posts as advertised.

Principal
Gandhi Mahavidyalaya, Rourkela-04

32001/506/2627

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
**OFFICE OF THE SUPERINTENDING ENGINEER,**
**M.I. DIVISION, ANANDAPUR**
**AT/P.O.: Salapada, Dist: Keonjhar, Pin Code – 758020**
**E-mail ID:** mianandapur@yahoo.co.in, eemidanandapur@gmail.com
**e-Procurement Notice**
**Bid Identification No. 08 / MIDA / 2026-27**
**E-mail ID:** mianandapur@yahoo.co.in
**No.:** 1650, **Date:** 03.07.2026

The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through **"e" procurement** for the works as detailed in the Annexure to this bid notice.

| | |
|---|---|
| Name of the Work | Construction of 04 nos of Check Dams under MATY scheme |
| No. of Works | 04 Nos only |
| Estimated Cost | **₹54.81 lakh to ₹71.32 lakh** (Approximately) |
| Cost of Tender Paper | **₹10,000/-** (Non-refundable) |
| Period of Completion | **6 (Six) Calendar Months** |
| Availability of Bid Documents for sale and receipt through on-line | From **10.07.2026, 10.00 A.M.** to **23.07.2026 up to 5.00 P.M.** |
| Last Date & Time of Receipt of Bids in the Portal | **23.07.2026 (5.30 P.M.)** |
| Date of Technical Bid Opening through on-line | **23.07.2026 at 5.30 P.M.** in the Office of the **S.E., M.I. Division, Anandapur** |
| Mode of Payment of Bid Cost | Online |
| Digital Signature Certificate of bidder: | The bidder must possess compatible Digital Signature Certificate (DSC). |
| The detailed tender call notice can also be seen on the **DOWR website: http://dowrorissa.gov.in** | |
| Name & Address of the OIT | **Superintending Engineer,** Minor Irrigation Division, Anandapur, At/P.O.: Anandapur, District: Keonjhar, **Email ID:** mianandapur@yahoo.co.in |
| Further details can be seen from the **e-Procurement Market Place:http://tendersodisha.gov.in** | |

Superintending Engineer
M.I. Division, Anandapur
OIPR-32001/32108/1/26-27/0002

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଦିନଟି ମଜାମସ୍ତିରେ ଅତିବାହିତ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅକସ୍ମାତ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସହିତ କିଛି ସମୟ ବିତାନ୍ତୁ। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୧୪- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଜନ୍ମ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୫ ଲୋକଙ୍କ ପ୍ରାଣହାନି।



# 'ରାମାୟଣ' ଅଙ୍ଗଦ ଭୂମିକାରେ ଜାହିଦ୍

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ରାମାୟଣ'ଙ୍କୁ ନେଇ ନିତିଦିନ ଖବର ଆସୁଛି। ଚଳଚ୍ଚିତ୍ରର କଳାକାର ଚୟନଠାରୁ ଆରମ୍ଭ କରି ଭିଏଫ୍ଏକ୍ସ, ସୁଟିଂକୁ ନେଇ ନିତିଦିନ ନୂଆ ନୂଆ କଥା ସାମ୍ନାକୁ ଆସୁଛି। ଏହି ଫିଲ୍ମ ପାଇଁ ସାରା ଦେଶରୁ କଳାକାରଙ୍କ ଚୟନ କରାଯାଉଛି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ରିଲିଜ୍ ହେବ। ଏହାର ପ୍ରଥମ ଭାଗର କାମ ସରିଯାଇଥିବାରୁ, କାଷ୍ଟିଂ ନିର୍ଦ୍ଦେଶକ ମୁକେଶ ଛାବଡ଼ା ଏବେ ଏହାର ଦ୍ୱିତୀୟ ଭାଗ ପାଇଁ କଳାକାର ଚୟନ ଆରମ୍ଭ କରି ଦେଇଛନ୍ତି। ମୁକେଶ ଏବେ ଅଙ୍ଗଦ ଚରିତ୍ରରେ ଅଭିନୟ କରିବା ପାଇଁ ଅଭିନେତା ଜାହିଦ୍ ଖାନଙ୍କୁ ବାଛିଥିବା ଜଣାପଡ଼ିଛି। ଜାହିଦ୍‌ଙ୍କୁ ଏହି ଭୂମିକା କଙ୍ଗନା ରାଣାୱତଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ରେ କାମ କରିବା ପରେ ହିଁ ମିଳିଛି। ସେହି ଫିଲ୍ମରେ ଜାହିଦ୍ ୨୬/୧୧ ମୁମ୍ବାଇ ଆକ୍ରମଣର ଆତଙ୍କବାଦୀ ଅଜମଲ କସାବ ଭୂମିକାରେ ଅଭିନୟ କରିଥିଲେ। ଜାହିଦ୍ ଏହା ପୂର୍ବରୁ 'ଗ୍ୟାରହ ଗ୍ୟାରହ' ସିରିଜ୍‌ରେ ମଧ୍ୟ ନଜର ଆସିଥିଲେ। 'ଭାରତ ଭାଗ୍ୟ ବିଧାତା' ଫିଲ୍ମଟି ଚାଲିଲା ନାହିଁ ସତ, ହେଲେ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହାପରେ ହିଁ ତାଙ୍କୁ 'ରାମାୟଣ' ପାଇଁ ଅଫର୍ ମିଳିଛି।

# ଗୋଟିଏ ଛାତ ତଳେ ଛଅ ପିଢ଼ି




ଆଧୁନିକ ଯୁଗରେ ଚାକିରି, ସହରୀକରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଚିନ୍ତାଧାରା ଯୋଗୁଁ ଯୌଥ ପରିବାର କମିବାରେ ଲାଗିଛି। ଉନ୍ନତ ଜୀବନଶୈଳୀ ଏବଂ ରୋଜଗାର ଆଶାରେ ଲୋକେ ଗାଁ ଛାଡ଼ି ଏବେ ସହର ମୁହାଁ, ଯାହାଫଳରେ ଗୋଟିଏ ଛାତ ତଳେ ଏକାଠି ରହିବା ସମ୍ଭବ ହେଉ ନାହିଁ। ଆଧୁନିକ ମଣିଷ ନିଜର ଗୋଟିଏ ସୀମିତ ସଂସାର ବା ଏକକ ପରିବାର ଗଢ଼ିବାକୁ ଅଧିକ ପସନ୍ଦ କରୁଛି। ହେଲେ ଏହାରି ଭିତରେ ଆନ୍ଧ୍ରପ୍ରଦେଶ କର୍ଲାପଲ୍ଲି ଗାଁରେ ଗୋଟିଏ ଛାତ ତଳେ ୮୩ ରୁ ଅଧିକ ସଦସ୍ୟ ଏକାଠି ରହୁଥିବା ଘଟଣା ଏବେ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ପରିବାରର ଲୋକେ ଛଅ ପିଢ଼ି ଧରି ଗୋଟିଏ ଛାତ ତଳେ ରହି ଭାରତୀୟ ପରମ୍ପରାକୁ ବଜାୟ ରଖିଛନ୍ତି। ହନୁମନ୍ତରାୟୁଡୁ ଏବଂ ମୁଥ୍ୟାଲପ୍ପାଙ୍କ ପରିବାରରେ ଛଅଜଣ ଶାଶୁ, ୧୪ ବୋହୂ ଏବଂ ୨୦ ପିଲା ଅଛନ୍ତି। ଘରର ସମସ୍ତ ସଦସ୍ୟ ଏକାଠି ଖିଆପିଆ କରିବା ସହିତ ଆର୍ଥିକ ସହାୟତା ଠୁ ନେଇ ଘରର ପ୍ରତ୍ୟେକ ଛୋଟ ବଡ଼ ଦାୟିତ୍ୱକୁ ମିଳିମିଶି ତୁଲାନ୍ତି। ସେହିପରି ପ୍ରତିଦିନ ସକାଳୁ ବୟସ୍କମାନେ ଏକାଠି କଫି ପିଇ ପୂରା ଦିନର କାର୍ଯ୍ୟସୂଚୀ ଉପରେ ଆଲୋଚନା କରନ୍ତି। ଦିନରେ କ'ଣ ରୋଷେଇ ବାସ ହେବ, ଚାଷ କାର୍ଯ୍ୟ ଠୁ ନେଇ ଘର କାର୍ଯ୍ୟ କିଏ କ'ଣ ସମ୍ଭାଳିବେ ତାହା ଧାର୍ଯ୍ୟ କରି ସମସ୍ତଙ୍କୁ ଦାୟିତ୍ୱ ବାଣ୍ଟିଥାନ୍ତି। ପ୍ରତ୍ୟେକ କାର୍ଯ୍ୟ ବୟସ୍କମାନଙ୍କ ତତ୍ତ୍ୱାବଧାନରେ ଯୋଜନା ଅନୁଯାୟୀ, କରାଯାଉଥିବାରୁ ପରିବାରଟି ସୁରୁଖୁରୁରେ ଚାଲିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିବାର ଲୋକଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ଗୋଟିଏ ରୋଷେଇ ଘରେ ତିଆରି କରାଯାଏ। ବୟସ୍କମାନେ ଘର ପାଇଁ ରାସନ ଏବଂ ଅନ୍ୟାନ୍ୟ ଜରୁରି ସାମଗ୍ରୀ କିଣିବା କାମ କରନ୍ତି। ଘରର ବୋହୂମାନେ ଏକାଠି ମିଳିମିଶି ସମସ୍ତଙ୍କ ପାଇଁ ରୋଷେଇ କରନ୍ତି। ତେଣୁ ମିଳିମିଶି ସମସ୍ତ କାମ ସୁରୁଖୁରୁରେ ହୋଇଯାଉଥିବାରୁ ଏହା ପରିବାରରେ ସମନ୍ୱୟ ରଖିବାରେ ସାହାଯ୍ୟ କରିଛି। କେବଳ ସେତିକି ନୁହେଁ, ଏହି ପରିବାର ମୁଖ୍ୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ପ୍ରାୟ ୧୨୦ ଏକର ଜମିରେ ଚାଷ କାର୍ଯ୍ୟ ହେଉଥିବାବେଳେ ବିଭିନ୍ନ ଋତୁରେ ବ୍ୟବସାୟିକ ଭିତ୍ତିରେ ପନିପରିବା, ଶସ୍ୟ ଆଦି ଚାଷ କରାଯାଏ। ଉତ୍ପାଦନ ଫସଲକୁ ବର୍ଷସାରା ଖାଇବା ଲାଗି ସାଇତି ରଖି ବାକି ଶସ୍ୟକୁ ବିକ୍ରିବଟା କରି ଘର ଚଳାଯାଏ। ତେବେ ଚାଷ କାମକୁ ବାଦ୍ ଦେଲେ, ଏହି ପରିବାର ପାଖରେ ଚାରୋଟି ବସ୍ ରହିଛି। ଯାହାକି କଲ୍ୟାଣଦୁର୍ଗମ ଏବଂ କର୍ଣ୍ଣାଟକର କିଛି ଅଂଶ ମଧ୍ୟରେ ଯାତାୟତ କରିଥାଏ। ବ୍ୟବସାୟରୁ ହେଉଥିବା ରୋଜଗାର ଅର୍ଥକୁ ଏକାଠି ବାଣ୍ଟିକୁଣ୍ଟି ପରିବାର ଚଳାଯାଏ। ଏହା ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରେ। ପରିବାରର ବୟସ୍କମାନେ କୁହନ୍ତି ଯେ, ପରିବାରରେ ସମସ୍ତେ ପରସ୍ପରକୁ ସାହାଯ୍ୟ କରନ୍ତି। ଏହା ଯୌଥ ପରିବାରରେ ପରସ୍ପର ପ୍ରତି ଥିବା ବିଶ୍ୱାସ, ଶୃଙ୍ଖଳା ଏବଂ ମିଳିତ ଦାୟିତ୍ୱ ପରମ୍ପରାକୁ ପିଢ଼ି ପରେ ପିଢ଼ି ଜୀବିତ ରଖିପାରିବ ବୋଲି ଅନ୍ୟମାନଙ୍କୁ ଏହା ପ୍ରେରଣା ଦେଇଛି।

# ୬୬ ବର୍ଷ ଧରି ବଦଳିନି ରନ୍ଧା ତେଲ



ସାଧାରଣରେ ଧାରଣା ଅଛି ରେସ୍ତୋରାଁ ତଥା ହୋଟେଲରେ ବ୍ୟବହାର କରାଯାଉଥିବା ତେଲକୁ ବାରମ୍ବାର ବ୍ୟବହାର କରାଯାଏ। ଏହି ପରିପ୍ରେକ୍ଷୀରେ ଜାପାନ ଶିଜୁଓକାରେ ଥିବା ଫ୍ରାଏଡ୍ ଚିକେନ ରେସ୍ତୋରାଁ ୱାକାଟୋରିରେ ୬୬ ବର୍ଷ ଧରି ରନ୍ଧା ତେଲକୁ ଆଦୌ ବଦଳା ଯାଇନାହିଁ। ଏହି ରେସ୍ତୋରାଁକୁ ଜାପାନ ଫ୍ରାଏଡ୍ ଚିକେନ ଗ୍ରାଣ୍ଡ ପ୍ରିକ୍ସରେ ଗୋଲ୍ଡ ମେଡାଲ ମିଳିଛି। ଏହାର ମାଲିକ କହିଛନ୍ତି ଯେ, "ରେସ୍ତୋରାଁର ସଫଳତାର ରହସ୍ୟ ଏକ ଗୁପ୍ତ ଜିନିଷରେ ରହିଛି। ୧୯୬୦ ମସିହାରେ ଦୋକାନ ପ୍ରତିଷ୍ଠା ହେବାପରେ ଛଣା ଯାଇଥିବା ତେଲକୁ କେବେ ବି ଫିଙ୍ଗା ଯାଇ ନାହିଁ। ଆମେ ସେହି ତେଲରେ ଏଯାବତ୍ ଛାଣି ଆସୁଛୁ।" ଏହି ରେସ୍ତୋରାଁର ତୃତୀୟ ପିଢ଼ିର ମାଲିକ ୟୋଶିହିରୋ ସୁଚିୟା ଖୋଲାଖୋଲି ଭାବେ ସ୍ୱୀକାର କରିଛନ୍ତି ଯେ, "ବର୍ଷ ବର୍ଷ ଧରି ପୁନଃବ୍ୟବହାର କରାଯାଉଥିବା ତେଲ ହିଁ ତାଙ୍କ ରେସ୍ତୋରାଁର ସ୍ୱାଦିଷ୍ଟ ଫ୍ରାଏଡ୍ ଚିକେନର ରହସ୍ୟ। ପୁରୁଣା ତେଲରେ ଫ୍ରାଏଡ୍ ଚିକେନରେ ଏମିତି ଏକ ସୁଗନ୍ଧ ଏବଂ ସ୍ୱାଦ ମିଳେ, ଯାହାକୁ ନୂଆ ତେଲରେ ତିଆରି କରାଯାଇପାରିବ ନାହିଁ। ଏହା ହିଁ ରେସ୍ତୋରାଁକୁ ଆଗକୁ ନେବାରେ ସାହାଯ୍ୟ କରିଛି।" ତେବେ ତାଙ୍କର ଏହି ଦାବି ଏବେ ହଇଚଇ ସୃଷ୍ଟି କରିଛି। ୬୬ ବର୍ଷ ପୁରୁଣା ତେଲରେ ଚିକେନ୍ ଛାଣି ଲୋକଙ୍କ ଜୀବନ ବିପଦରେ ପକାଉଥିବା ଅନେକ ଲୋକ ଅଭିଯୋଗ ଆଣିଛନ୍ତି। ଅବଶ୍ୟ ଏହି ରେସ୍ତୋରାଁ ତେଲର ଶୁଦ୍ଧତାକୁ ନେଇ ସ୍ପଷ୍ଟୀକରଣ ରଖିଛି। ପ୍ରତିଦିନ ରାତିରେ ରେସ୍ତୋରାଁ କର୍ମଚାରୀ ତେଲରୁ ମାଂସ ଖଣ୍ଡ ଏବଂ ପୋଡ଼ା ଅଂଶକୁ ଛାଣି ରଖନ୍ତି। ତେବେ କେବଳ ଅଳ୍ପ ପରିମାଣରେ ସ୍ୱାଦ ଆଧାରରେ ପୁରୁଣା ତେଲ ରଖନ୍ତି ଏବଂ ସେହି ତେଲରେ ନୂଆ ତେଲ ମିଶାଯାଏ। ଏହିପରି ଭାବେ ୬୬ ବର୍ଷ ପୁରୁଣା ତେଲକୁ ସେମିତି ବ୍ୟବହାର କରାଯାଉ ନାହିଁ। କହିବାକୁ ଗଲେ ପୁରୁଣା ତେଲର ଅଣୁ ଏବେ ବି ୱାକାଟୋରି ତେଲ ମିଶ୍ରଣରେ ଅଛି। ଅପରପକ୍ଷରେ ଏହି ମାମଲାକୁ ନେଇ ଖାଦ୍ୟ ବିଶେଷଜ୍ଞ ଚେତାଇ ଦେଇଛନ୍ତି। ବାରମ୍ବାର ଛାଣିବା ତଥା ଭାଜିବା ଦ୍ୱାରା ତେଲରେ ଟ୍ରାନ୍ସ ଫ୍ୟାଟି ଏସିଡ୍ ଏବଂ ଆକ୍ରିଲାମାଇଡ୍ ଭଳି ହାନିକାରକ ଏବଂ କର୍କଟ ରୋଗ ସୃଷ୍ଟିକାରୀ ତତ୍ତ୍ୱ ସୃଷ୍ଟି ହୋଇଥାଏ। ଏପରିକି ଏହାକୁ ପ୍ରତିଦିନ ତାଜା ତେଲରେ ମିଶାଇଲେ ବି ଏହି ହାନିକାରକ ପଦାର୍ଥକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ନାହିଁ।

## ସମ୍ଭାବନା



# ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂରେ କ୍ୟାରିୟର୍



**ଫାଇନାନ୍ସ ଏବଂ ବିଜନେସ୍ ସହ ଜଡ଼ିତ ଏମିତି କୋର୍ସ ଅଛି, ଯାହାକୁ କରିବା ଦ୍ୱାରା ଚାକିରି ମିଳିବା ସହଜ ହୋଇଥାଏ। ଏହି କୋର୍ସରୁ ଭଲ ପାରିଶ୍ରମିକ ମିଳିଥାଏ। ଫାଇନାନ୍ସ ଓ ବିଜନେସ୍ ପ୍ରତି ରୁଚି ଥିବା ଲୋକଙ୍କ ପାଇଁ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ। ବିଦେଶରେ ଏହି ଚାକିରିର ଚାହିଦା ଅଧିକ। ଯୁକ୍ତ ଦୁଇ ପରେ ଏଥିରେ ସହଜରେ କ୍ୟାରିୟର କରି ହେବ।**

ଡିଗ୍ରୀ ବ୍ୟତୀତ ଏମିତି ବି ସ୍କିଲ୍ ଅଛି, ଯାହାକି ଇନଭେଷ୍ଟମେଣ୍ଟ ବ୍ୟାଙ୍କର୍‌ଙ୍କ ଲାଗି ଖୁବ୍ ଜରୁରି। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି କମ୍ୟୁନିକେସନ ଏବଂ ପ୍ରେଜେନଷ୍ଟେସନ ସ୍କିଲ୍ ଭଲ ହେବା ଦରକାର। ଲୋକ ଯେଭଳି କଥା ବୁଝିବେ, ସେହି କଳା ନିଜ ପାଖରେ ରହିବା ଦରକାର। ଏହାବାଦ୍ ସମସ୍ୟା ସମାଧାନ ଏବଂ ନିର୍ଣ୍ଣୟ ନେବା କ୍ଷମତା ଉନ୍ନତ ହେବା ଦରକାର। ନିଜେ ନେଇଥିବା ନିଷ୍ପତ୍ତି ଉପରେ ନିଜର ବିଶ୍ୱାସ ରହିବା ବହୁତ ଜରୁରି। କୋର୍ସ ପୂରା କରିବା ପରେ ବ୍ୟାଙ୍କ, ମ୍ୟାନେଜମେଣ୍ଟ କମ୍ପାନି, ଫାଇନାନ୍ସିଆଲ କନସଲଟିଂ ଫାର୍ମ, ପ୍ରାଇଭେଟ୍ ଇକ୍ୟୁଟି କମ୍ପାନି ସହିତ ସାମିଲ ହୋଇ କାମ କରିପାରିବେ। ଥରେ ଏଥିରେ ଅଭିଜ୍ଞତା ହାସଲ କରିବା ପରେ ବଡ଼ କର୍ପୋରେଟ୍ କମ୍ପାନିରେ ବି ଆବେଦନ କରିପାରିବେ। ଏ କ୍ଷେତ୍ରରେ ୨ରୁ ୫ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତା ଥିଲେ ୨୦ ଲକ୍ଷ ପ୍ୟାକେଜ ଦରମା ମିଳିପାରେ। ସେହିପରି ୧୦ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ ୪୦ରୁ କୋଟିଏ ଟଙ୍କା ବାର୍ଷିକ ପ୍ୟାକେଜ ମିଳିପାରେ। ପ୍ୟାକେଜ ବ୍ୟତୀତ କିଛି କମ୍ପାନି ଭଲ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବୋନସ ବି ପ୍ରଦାନ କରେ।

# ୪୦ ପରେ ଚାକିରି ଚାଲିଗଲେ...



**୪୦ ବର୍ଷ ବୟସରେ ଚାକିରି କେବଳ ରୋଜଗାରର ମାଧ୍ୟମ ନୁହେଁ, ବରଂ ପୂରା ପରିବାରର ଦାୟିତ୍ୱର ଆଧାର ହୋଇଥାଏ। ପିଲାଙ୍କ ପଢ଼ା, ଘରର ଇଏମ୍ଆଇ, ବୟସ୍କ ବାପାମାଆଙ୍କ ସ୍ୱାସ୍ଥ୍ୟ ଓ ବଢୁଥିବା ଖର୍ଚ୍ଚ ମଧ୍ୟରେ ଚାକିରି ଚାଲିଗଲେ କ'ଣ ହେବ, ଏକଥା ଭାବି ଅନେକ ମାନସିକ ଚିନ୍ତାରେ ରହିବା ଆରମ୍ଭ କରନ୍ତି। ତେଣୁ ଏହି ବୟସରେ ଚାକିରି ଯିବାର ଭୟ ସ୍ୱାଭାବିକ। ତେବେ ସଞ୍ଚୟ, ନୂଆ ଦକ୍ଷତା, ଅତିରିକ୍ତ ଆୟ ରୋଜଗାରର ଏହି ଭୟକୁ କିଭଳି କମ୍ କରେ, ସେ ସମ୍ପର୍କରେ ଜାଣିବା।**

- ଯଦି ପୂରା ଜୀବନ ମାସିକ ପାରିଶ୍ରମିକ ଉପରେ ନିର୍ଭରଶୀଳ, ତେବେ ୬ ମାସର ଜରୁରୀକାଳୀନ ପରିସ୍ଥିତି ଲାଗି ଟଙ୍କା ସଞ୍ଚୟ ପୂର୍ବରୁ କରିବା ଉଚିତ। ଏଥିରେ ପିଲାଙ୍କ ଖର୍ଚ୍ଚ, ଇଏମ୍ଆଇ ଟଙ୍କା, ଅନ୍ୟ ଦରକାରୀ ଜିନିଷକୁ ସାମିଲ କରନ୍ତୁ। ଏଭଳି ଏକ କଷ୍ଟକର ପରିସ୍ଥିତିରେ ଏହି ଜରୁରିକାଳୀନ ଅର୍ଥ ବହୁ ପରିମାଣରେ ସାହାଯ୍ୟ କରେ।
- ବର୍ତ୍ତମାନ ଜବ୍ ମାର୍କେଟ୍ ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ନୂଆ ଟେକ୍ନୋଲୋଜି, ଏଆଇ ଏବଂ କାମ କରିବା ଉପାୟ ଲଗାତାର ବଦଳୁଛି। ତେଣୁ ୪୦ ବର୍ଷ ବୟସରେ ସବୁ ଶିଖିଯାଇଥିବା ଭାବିବା ଭୁଲ। ଏପରି ଚିନ୍ତା ନ କରି ନିଜକୁ ଅପଡେଟ୍ ରଖନ୍ତୁ। ନିଜକ୍ଷେତ୍ର ସହିତ ଜଡ଼ିତ ନୂଆ କୌଶଳ ଶିକ୍ଷାଲାଭ କରିବା ଉଚିତ। ଏହା ଦ୍ୱାରା ନୂଆ ଚାକିରି ଖୋଜିବା ସହଜ ହୋଇପାରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଯଦି ସମ୍ଭବ ରୋଜଗାରର ଆଉ ଏକ ବିକଳ୍ପ ପ୍ରସ୍ତୁତ କରିବା ଭଲ। କୌଣସି ବ୍ୟବସାୟ, ଫ୍ରିଲାନ୍ସିଂ, କନସଲଟିଂ, ଅନଲାଇନ୍ କାମରୁ ହେଉଥିବା ଅତିରିକ୍ତ ଆୟ କଠିନ ପରିସ୍ଥିତିରେ ସାହାଯ୍ୟ କରିପାରେ।
- ସେହିପରି ପୁରୁଣା ସାଥୀଙ୍କ ସହ ଯୋଗାଯୋଗରେ ରହିବା ଭଲ। ତା'ସହ ପ୍ରଫେସନାଲ ପ୍ଲାଟଫର୍ମରେ ନିଜର ଉପସ୍ଥିତି ବଜାୟ ରଖନ୍ତୁ। ଏହା ଦ୍ୱାରା ନୂତନ ଅବସର ମିଳିବା ଆଶଙ୍କା ରହିଥାଏ।
- ଚାକିରି ରହିବା ନ ରହିବା ଏହି କଥା କାହା ନିୟନ୍ତ୍ରଣରେ ନ ଥାଏ। ହେଲେ ଏହାର ପ୍ରସ୍ତୁତି ଜରୁରି ହୋଇପାରେ। ସଞ୍ଚୟ, ନୂଆ ସ୍କିଲ, ଉତ୍ତମ ପ୍ରଫେସନାଲ ସମ୍ପର୍କ ଥିଲେ ଆବଶ୍ୟକ ସ୍ଥଳେ ଆୟର ଆଉ ଏକ ମାର୍ଗ ଉନ୍ମୁକ୍ତ ହୋଇପାରିବ। ଏହାସହ ଚାକିରି ଯିବାର ଭୟ ଅନେକ ମାତ୍ରାରେ କମିଯିବ। ତେଣୁ ଚାକିରି ଯିବାର ଭୟକୁ ନେଇ ଚିନ୍ତାରେ ନ ରହି ପ୍ରତ୍ୟେକ ପରିସ୍ଥିତି ଲାଗି ନିଜକୁ ପ୍ରସ୍ତୁତ ରଖିବା ବୁଦ୍ଧିମାନ ଲୋକର କାମ।

# ଗୁଗଲ୍‌ର ନୂଆ ଆପ୍




ଗୁଗଲ ଲଗାତାର ବ୍ୟବହାରକାରୀଙ୍କ ଗୋପନୀୟତାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ନୂଆ ନୂଆ ଫିଚରକୁ ପରିଚିତ କରାଇଛି। ଏହି କ୍ରମରେ ଗୁଗଲ ଏକ ନୂଆ ଅପକୁ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ପାଇଁ ପରିଚିତ କରାଇବ। ଏହା ମାଧ୍ୟମରେ ଲୋକେ ଏବେ ଡିଜିଟାଲ ସିଗନେଚରକୁ ଫୋନ୍‌ରେ ସେଭ୍ କରିପାରିବେ। ସେଥିପାଇଁ ଗୁଗଲ୍ ନୂଆ 'ସିଗ୍ନେଚର ଆପ୍'କୁ ପରିଚିତ କରାଇଛି। ବ୍ୟବହାରକାରୀଙ୍କ ସୁବିଧା ଲାଗି ଏହାକୁ ପ୍ରସ୍ତୁତ କରାଯାଉଛି। ଏହି ଆପ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟବହାରକାରୀଙ୍କ ସୁରକ୍ଷା। ଏହି ଆପ୍ ଡିଜିଟାଲ ସିଗ୍ନେଚରକୁ ସେଭ୍ କରି ରଖିବ। ଏହାସହିତ ଅନେକ ଉପାୟରେ ନିଜର ସିଗ୍‌ନେଚରକୁ ପ୍ରସ୍ତୁତ କରିବାର ବିକଳ୍ପ ମିଳିବ। ଏହାସହିତ ନିଜର ନାଁ ଟାଇପ୍ କରି ଅଲଗା ଅଲଗା ଫଣ୍ଟ ଷ୍ଟାଇଲରେ ଡିଜିଟାଲ ସିଗ୍‌ନେଚର ପ୍ରସ୍ତୁତ କରିପାରିବେ। ଏହା ବ୍ୟତୀତ ଆପ୍‌ରେ ଅଲଗା ଅଲଗା ସିଗ୍‌ନେଚର ସେଭ୍ କରିବାର ବି ବିକଳ୍ପ ମିଳିବ। ଏହା ସାହାଯ୍ୟରେ ନିଜର ଆବଶ୍ୟକତା ଏବଂ ଅଲଗା ଅଲଗା ସ୍ଥାନରେ ସେହି ସିଗ୍‌ନେଚରକୁ ବ୍ୟବହାର କରି ହେବ। ଏହାକୁ ବ୍ୟବହାର କରିବା ଲାଗି ଆକ୍ଟିଭିଟି ଲଞ୍ଚର ଭଳି ଆପ୍‌ର ସାହାଯ୍ୟ ନେବାକୁ ହେବ। ଏବେ ସୁଦ୍ଧା ଏହି ଆପ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ନାହିଁ। ଏବେ କେବଳ ବ୍ୟବହାରକାରୀ ସିଗ୍‌ନେଚର ତିଆରି କରି ସର୍ଭେ କରିପାରିବେ। ଏହାକୁ ଏଡିଟ୍ ଏବଂ ଡିଲିଟ୍ କରିପାରିବେ। ସେହିପରି ମ୍ୟାନେଜ ସିଗନେଚର ସେକସନକୁ ଯାଇ ମ୍ୟାନେଜ କରିପାରିବେ। ଏହି ଆପ୍ ଗୁଗଲ ପିକ୍‌ସେଲ, ସାମସଙ୍ଗ ଏବଂ ୱାନ୍‌ପ୍ଲସ୍ ସ୍ମାର୍ଟଫୋନ୍‌ରେ ଦେଖିବାକୁ ମିଳିଛି। ଏହାକୁ ଗୁଗଲ ପ୍ଲେ ସିଷ୍ଟମ ଅପଡେଟ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି।

# ବ୍ୟବହାରରୁ ଜଣାପଡ଼େ ପିଲାଙ୍କ ମିଛ



**ଅନେକ ସମୟରେ ଛାତ୍ରଛାତ୍ରୀ ନିଜ ବାପାମାଆ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମିଛ କହିବାକୁ ଚେଷ୍ଟା କରନ୍ତି। ତେବେ ପିଲା ସତ କି ମିଛ କହୁଛି ଜାଣିବା ବି ସହଜ ନୁହେଁ। ହେଲେ ସେମାନଙ୍କ ବ୍ୟବହାରରେ ଆସୁଥିବା ବାରମ୍ବାର କିଛି ପରିବର୍ତ୍ତନ ସେମାନଙ୍କ ମିଛକୁ ଧରା ପକାଇବାରେ ସାହାଯ୍ୟ କରେ।**

- ପିଲା ଯଦି ମିଛ କହୁଥାଏ, ତେବେ ସେମାନେ ଆଖିରେ ଆଖି ମିଶେଇ କଥା କହି ନ ଥାନ୍ତି। ବାରମ୍ବାର ଏଣେ ତେଣେ ଦେଖନ୍ତି। ଅସହଜ ଅନୁଭବ କରନ୍ତି। ସେମାନଙ୍କର ଏଭଳି ପରିବର୍ତ୍ତନ ଉପରେ ଧ୍ୟାନ ଦେବା ଜରୁରି।
- ସେହିପରି ଶିକ୍ଷକ କିମ୍ବା ଅଭିଭାବକଙ୍କ ସାଧାରଣ କଥାରେ ଯଦି ପିଲାଟିଏ ଲମ୍ବା ତଥା ଅଯଥା ସଫେଇ ଦେବା, ଛୋଟ କଥାରେ ରାଗିଯିବା ଏକପ୍ରକାର ସଙ୍କେତ। ଅନେକ ସମୟରେ ପିଲାଟିଏ ନିଜ କଥାକୁ ସତ ପ୍ରମାଣିତ କରିବା ଲାଗି ଆବଶ୍ୟକତାଠୁ ଅଧିକ କହିଥାଏ।
- ମିଛ କହିବା ବେଳେ ଅନେକ ପିଲାଙ୍କ ଶାରୀରିକ ଅଙ୍ଗଭଙ୍ଗୀରେ ବି ପରିବର୍ତ୍ତନ ଆସିଥାଏ।
- କଥା କହିବା ବେଳେ ବିଚଳିତ ତଥା ଭୟଭୀତ ହେବା ବି ମିଛ କହିବାର ଲକ୍ଷଣ ଭାବେ ଧରାଯାଏ।






# ଆମେରିକାକୁ ବିଦା କଲା ବେଲ୍‌ଜିୟମ

**ସିଆଟଲ,୭।୭(ଏଜେନ୍ସି)**



ଚାର୍ଲସ ଡି କେଟଲାୟରଙ୍କ ଡବଲ ଗୋଲ ବଳରେ ଏଠାରେ ମଙ୍ଗଳବାର ସକାଳେ ଖେଳାଯାଇଥିବା ଫିଫା ବିଶ୍ୱକପର ଷଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବେଲଜିୟମ ୪-୧ ଗୋଲରେ ଆୟୋଜକ ଆମେରିକାକୁ ଶୋଚନୀୟ ପରାସ୍ତ କରିଛି। ଫଳରେ ଦୀର୍ଘ ୪୦ ବର୍ଷ ପରେ ବେଲଜିୟମ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଟୁର୍ଣ୍ଣାମେଣ୍ଟର ତୃତୀୟ ତଥା ଶେଷ ଆୟୋଜକ ଭାବେ ଆମେରିକା ଚଳିତ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ରୁ ବାଦ୍ ପଡ଼ିଛି। ପୂର୍ବରୁ ଅନ୍ୟ ଦୁଇ ସହ-ଆୟୋଜକ ମେକ୍ସିକୋ ଓ କାନାଡା ଯଥାକ୍ରମେ ଇଂଲଣ୍ଡ ଓ ମରୋକ୍କୋ ନିକଟରୁ ହାରି ବିଦାୟ ନେଇସାରିଥିଲେ। ଶୁକ୍ରବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ଆଉ ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ବାକିଥିବା ବେଳେ ଅତିକମରେ ୨ଟି ୟୁରୋପୀୟ ଦଳ ସେମିଫାଇନାଲରେ ପ୍ରବେଶ କରିବା ନିଶ୍ଚିତ ହୋଇଛି। ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଖେଳାଯିବ।

ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଆମେରିକାର ରକ୍ଷଣଭାଗ ଆଦୌ ପ୍ରଭାବ ବିସ୍ତାର କରିପାରି ନ ଥିଲା। ଦଳର ଏକାଧିକ ତ୍ରୁଟି ହିଁ ପରାଜୟ ମୁଖ୍ୟ କାରଣ ହୋଇଥିଲା। ପ୍ରଥମ ତ୍ରୁଟିରେ ଚାର୍ଲସ ଖେଳର ୯ମ ମିନିଟ୍‌ରେ ଅତି ସହଜ ଗୋଲ ସ୍କୋର କରିଥିଲେ। ଗୋଲବରଣ କରିବା ପରେ ଆମେରିକା କିଛି ଲଢୁଆ ଖେଳିଥିଲା ଓ ଖେଳର ୩୧ତମ ମିନିଟ୍‌ରେ ମାଲିକ୍ ଟିଲ୍‌ମ୍ୟାନ୍ ଚମତ୍କାର ଗୋଲ ଦେଇ ଘରୋଇ ଦଳର ମନୋବଳ ବଢ଼ାଇଥିଲେ। ଫଳରେ ମ୍ୟାଚ୍ ୧-୧’ର ବରାବର୍‌ସ୍ଥିତିକୁ ଆସିଥିଲା। କିନ୍ତୁ ଏହାର ମାତ୍ର ୨ ମିନିଟ୍ ମଧ୍ୟରେ ଆମେରିକା ରକ୍ଷଣଭାଗର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିରୁ ଫାଇଦା ଉଠାଇ ଚାର୍ଲସ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ବେଲଜିୟମ ଏହି ମ୍ୟାଚ୍‌ରେ ୪ଜଣ ଖେଳାଳି ପରିବର୍ତ୍ତନ କରି ଖେଳିଥିଲା। ପରେ ଖେଳର ୫୭ତମ ମିନିଟ୍‌ରେ ୩୩ ବର୍ଷୀୟ ହାନ୍ ଭାନାକେନ୍ ଓ ଷ୍ଟପେଜ ଟାଇମ୍‌ରେ ବଦଳ ଖେଳାଳି ରୋମେଲୁ ଲୁକାକୁ ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରାଇଥିଲେ। ମ୍ୟାଚକୁ ଫେରିବା ଲାଗି ଆମେରିକାର ଉଦ୍ୟମ ବିଫଳ ହୋଇଥିଲା। ବାସନ୍ଦରୁ ଆସିଥିବା ଫରୱାର୍ଡ ଖେଳାଳି ଫୋଲାରିନ୍ ବୋଲୁଗାନ୍ କିଛି ପ୍ରଭାବ ପକାଇ ପାରି ନ ଥିଲାବେଳେ ଅଧିନାୟକ କ୍ରିଷ୍ଟିଆନ୍ ପୁଲିସିଚ୍ ଆହତ ହେବା ଦଳକୁ ଶକ୍ତ ଧକ୍କା ଦେଇଥିଲା।

## ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକା ଲାଗି ଅଭିଶାପ

**ସିଆଟଲ,୭।୭(ଏଜେନ୍ସି):** ଜଣେ ରେଡ୍‌କାର୍ଡ ପାଇଥିବା ଖେଳାଳିଙ୍କ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ବାସନ୍ଦ ପ୍ରତ୍ୟାହାର କରିନେଇଥିଲେ। ଯାହା ଫଳରେ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ବିଶେଷ କରି ବେଲଜିୟମ ଓ ୟୁରୋପୀୟ ଫୁଟବଲ ସଂଘ ଫିଫାର ଏପରି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ବୋସନିଆ ବିପକ୍ଷ ମ୍ୟାଚ୍‌ରେ ଆମେରିକାର ତାରକା ଫରୱାର୍ଡ ଫୋଲାରିନ୍ ବାଲୋଗୁନ୍‌ଙ୍କୁ ରେଡ୍‌କାର୍ଡ ମିଳିଥିଲା। ଫଳରେ ସେ ବେଲଜିୟମ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳି ପାରି ନ ଥାନ୍ତେ। କିନ୍ତୁ ଟ୍ରମ୍ପ ରାଜନୈତିକ ଚାପ ପକାଇ ଫୋଲାରିନ୍‌ଙ୍କ ବାସନ୍ଦକୁ ପ୍ରତ୍ୟାହାର କରିନେଇଥିଲେ। ସେ ବେଲଜିୟମ ବିପକ୍ଷ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ଶୋଚନୀୟ ପରାଜୟ ବରଣ କରିଥିଲା। ଟ୍ରମ୍ପଙ୍କ ଅନ୍ୟାୟ କର୍ମ ଯୋଗୁ ଆମେରିକା ଶାପଗ୍ରସ୍ତ ହୋଇ ଏହି ମ୍ୟାଚ୍ ହାରିଗଲା ବୋଲି ସବୁଆଡେ ଚର୍ଚ୍ଚା ହେଉଛି।

## ରୋନାଲ୍ଡୋଙ୍କ ଶେଷ ବିଶ୍ୱକପ୍

**ଡଲାସ,୭।୭(ଏଜେନ୍ସି):** ସ୍ପେନ୍‌ଠାରୁ ପର୍ତ୍ତୁଗାଲ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ହାରିଯିବା ପରେ ଏହାର ଅଧିନାୟକ ତଥା ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଫୁଟବଲର ଏହି ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି। ପାଞ୍ଚଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ମଧ୍ୟ ରୋନାଲ୍ଡୋ ଥରେ ହେଲେ ଫିଫା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ଏହି ମ୍ୟାଚ୍ ପୂର୍ବରୁ ଚଳିତ ବିଶ୍ୱକପ୍ ତାଙ୍କ ଲାଗି ଶେଷ ବିଶ୍ୱକପ୍ ହେବ ବୋଲି ରୋନାଲ୍ଡୋ ଘୋଷଣା କରିଥିଲେ। ପର୍ତ୍ତୁଗାଲ ହାରିଯିବା ପରେ ମଧ୍ୟ ସେ ପଡ଼ିଆରେ କାନ୍ଦୁଥିବାର ଦେଖାଯାଇଥିଲା। ଦଳକୁ ଆଗକୁ ନେଇ ପାରି ନ ଥିବାରୁ ସେ ସମର୍ଥକ ଓ ଦେଶବାସୀଙ୍କୁ କ୍ଷମା ମାଗିଥିଲେ। ପର୍ତ୍ତୁଗାଲ ପକ୍ଷରୁ ସେ ୨୩୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୪୬ଟି ଗୋଲ ସ୍କୋର କରିଥିଲାବେଳେ ୪୬ଟି ଗୋଲ ଦେବାରେ ସହାୟତା କରିଥିଲେ। ସେହିପରି ତାଙ୍କ ନେତୃତ୍ୱରେ ଦଳ ୨୦୧୬ ୟୁରୋପୀୟ ଚାମ୍ପିଅନସିପ୍, ୨୦୧୯ ଓ ୨୦୨୫ରେ ନେସନ୍ସ ଲିଗ୍ ଟାଇଟଲ ବିଜୟୀ ହୋଇଥିଲା। କିନ୍ତୁ ବିଶ୍ୱକପ୍‌ରେ ରୋନାଲ୍ଡୋ କ୍ରମାଗତ ୬ଟି ସଂସ୍କରଣରେ ଗୋଲ ସ୍କୋର କରିଥିଲେ ମଧ୍ୟ ଦଳକୁ ଥରେ ହେଲେ ଫାଇନାଲ ଯାଏ ନେଇ ପାରି ନ ଥିଲେ। ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବା ସମ୍ପର୍କରେ ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏବେ ପରିବାର ସହ ସମୟ କଟାଇବି, ତା ପରେ ନିଷ୍ପତ୍ତି ନେବି ବୋଲି ରୋନାଲ୍ଡୋ କହିଛନ୍ତି।

## ଜନ୍ମଦିନରେ ଧୋନିଙ୍କୁ ଫିଫାର ଶୁଭେଚ୍ଛା

**ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନି ମଙ୍ଗଳବାର (ଜୁଲାଇ ୭) ୪୫ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହି ଅବସରରେ ଧୋନିଙ୍କୁ ବିଶ୍ୱ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିସିସିଆଇ ଓ ପୂର୍ବତନ ସାଥୀ କ୍ରିକେଟରଙ୍କଠାରୁ ଆରମ୍ଭ କରି ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ମଧ୍ୟ ଧୋନିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ଫିଫା ବିଶ୍ୱକପ୍ ଚାଲିଥିବାବେଳେ ଫିଫା ମଧ୍ୟ ଭିନ୍ନ ଢଙ୍ଗରେ ଏକ ଫଟୋ ପୋଷ୍ଟ କରିଛି। ‘ଫିଫା ବିଶ୍ୱକପ୍’ର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଲିଓନେଲ ମେସି, କିଲିଆନ ଏମବାପ୍ପେ ଓ ଏର୍ଲିଙ୍ଗ ହଲାଣ୍ଡଙ୍କ ଫଟୋ ପୋଷ୍ଟ କରିଛି। ଏହି ଫଟୋରେ ୭ ଲେଖା ଥିବା ଏକ ଛବି ରହିଛି। ଏହାର କ୍ୟାପସନରେ ଫିଫା ଲେଖିଛି, ‘୭ଟି ଗୋଲ୍। ଏହାର କାରଣ ହେଉଛି ଥାଲା। ଥାଲା ଦିବସର ଶୁଭେଚ୍ଛା।’ ଉଲ୍ଲେଖଯୋଗ୍ୟ ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ମେସି, ଏମବାପ୍ପେ ଓ ହଲାଣ୍ଡ ୭ଟି ଲେଖାଏ ଗୋଲ୍ ଦେଇଛନ୍ତି। ସେହିଭଳି ଧୋନିଙ୍କ ଜନ୍ମ ତାରିଖ ଓ ଜର୍ସି ନମ୍ବର ମଧ୍ୟ ୭। ତେଣୁ ଏହି ସମସ୍ତ ବିଷୟ ବସ୍ତୁକୁ ନେଇ ଫିଫା ସ୍ୱତନ୍ତ୍ର ଭାବରେ ଧୋନିଙ୍କୁ ଜନ୍ମଦିବସର ଶୁଭେଚ୍ଛା ଜଣାଇଛି।




## ଓଡ଼ିଶା ବାଳିକା ରଗ୍‌ବୀ ଦଳ ଚାମ୍ପିଅନ




**ଭୁବନେଶ୍ୱର,୭।୭(ସମିସ):** ହାଇଦ୍ରାବାଦର ଗାଛି ବାଓଲି ଷ୍ଟାଡିୟମରେ ଉଦଯାପିତ ହୋଇଥିବା ଜାତୀୟ ଜୁନିଅର୍ ବାଳିକା ସେଭେନ୍ସ ରଗବୀ ଚାମ୍ପିଅନସିପରେ ଓଡ଼ିଶା ଚାମ୍ପିଅନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ବାଳିକା ଦଳ ୧୫-୦ରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ଜିତିଛି। ଓଡ଼ିଶା ସେମିଫାଇନାଲରେ ବିହାରକୁ ୧୦-୫ ରେ ଓ କ୍ୱାର୍ଟରରେ ଆସାମକୁ ୫୬-୦ ରେ ହରାଇଥିଲା। ଏହି ସଫଳତା ଲାଗି ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଉପେନ୍ଦ୍ର ମହାନ୍ତି, ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମସମ୍ପାଦକ ଭରତ ସାହୁ, କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ନାଟକୀୟ ବିଜୟ ସହ କ୍ୱାର୍ଟରରେ ଆର୍ଜେଣ୍ଟିନା

**ଆଟଲାଣ୍ଟା,୭।୭(ଏଜେନ୍ସି)**

ନାଟକୀୟ ବିଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଚଳିତ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ରାତିରେ ଖେଳାଯାଇଥିବା ରୋମାଞ୍ଚକଭରା ୭ମ ପ୍ରି-କ୍ୱାର୍ଟରଫାଇନାଲରେ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ୭୮ ମିନିଟ୍ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ରହିଥିଲା। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ସହ ୩-୨ ଗୋଲରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଇଜିପ୍ଟ ୧୫ତମ ମିନିଟ୍‌ରେ ୟସିର ଇବ୍ରାହିମ୍‌ଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ମୁସ୍ତାଫା ଜିକୋ ଆଉ ଏକ ଗୋଲ ଦେଇ ଇଜିପ୍ଟକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହି ସମୟରେ ଆର୍ଜେଣ୍ଟିନାର ଖେଳରେ ଶିଥିଳତା ଆସିଯାଇଥିଲା। ୭୯ମିନିଟ୍‌ରେ କ୍ରିଷ୍ଟିଆନୋ ରୋମେରୋ ଗୋଟିଏ ଗୋଲ ଶୁଝାଇବା ପରେ ଆର୍ଜେଣ୍ଟିନାକୁ ଆଉ ଅଟକାଇବା କଷ୍ଟକର ହୋଇଥିଲା। ଏହାର ୪ ମିନିଟ୍ ପରେ ଲିଓନେଲ ମେସି (୮୩ତମ) ଓ ଇଞ୍ଜୁରୀ ଟାଇମ (୯୦+୩ତମ) ରେ ଏଞ୍ଜୋ ଫର୍ଣ୍ଣାଣ୍ଡିଜ୍ ଗୋଟିଏ ଲେଖାଏଁ ଗୋଲ ଦେଇ ଇଜିପ୍ଟ ନିକଟରୁ ବିଜୟ ଛଡ଼ାଇଆଣିଥିଲେ। ବିଜୟ ସହ ଆର୍ଜେଣ୍ଟିନା ୬ମଥର କ୍ୱାର୍ଟରରେ ପ୍ରବେଶ କରିଛି। ମେସି ସର୍ବାଧିକ ୮ଟି ଗୋଲ ଦେଇ ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି।

### ଫିଫା ବିଶ୍ୱକପ୍: କ୍ୱାର୍ଟର ଖେଳସୂଚୀ

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ରାତି ୧:୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ରାତି ୧୨:୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ରାତି ୨:୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା-ସ୍ୱିଜରଲାଣ୍ଡ/କଲମ୍ବିଆ | କାନ୍‌ସାସ୍ ସିଟି | ସକାଳ ୬:୩୦ |

## ଫୋଲାରିନ୍‌ଙ୍କୁ ୪୦,୦୦୦ ଡଲାର ଜରିମାନା

**ନ୍ୟୁୟର୍କ,୭।୭(ଏଜେନ୍ସି):** ବୋସନିଆ ବିପକ୍ଷ ମ୍ୟାଚ୍‌ରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲୋଗୁନଙ୍କୁ ଫିଫା ଶୃଙ୍ଖଳାଗତ କମିଟି ୪୦,୦୦୦ ଡଲାର (ପାଖାପାଖି ୩୮ ଲକ୍ଷ ଟଙ୍କା) ଜରିମାନା କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଦୁଇଟି ନିୟମ ଉଲ୍ଲଙ୍ଘନ କରିଥିବାରୁ ଏହି ଦଣ୍ଡବିଧାନ କରାଯାଇଥିଲା। ଫୋଲାରିନ୍‌ଙ୍କ ଉପରୁ ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରାଯିବା ପୂର୍ବରୁ ଏହି ଦଣ୍ଡାଦେଶ କରାଯାଇଥିଲା। ଏହି ମ୍ୟାଚ୍‌ରେ ସେ ପ୍ରଥମ ଭୁଲ କରିଥିଲେ ଫାଉଲ ମାରି। ସେହିପରି ବୋସନିଆକୁ ହରାଇବା ପରେ ଆମେରିକା ବିଜୟ ଉତ୍ସବ ପାଳନ କରୁଥିଲାବେଳେ ସେ ପଡ଼ିଆକୁ ଆସିଥିଲେ। ଯାହା କି ଦ୍ୱିତୀୟ ନିୟମ ଉଲ୍ଲଙ୍ଘନ। କାରଣ ଜଣେ ଖେଳାଳିଙ୍କୁ ରେକଡକାର୍ଡ ଦିଆଯିବା ପରେ ସେ ପରବର୍ତ୍ତୀ ମ୍ୟାଚ୍ ଶେଷ ନ ହେବା ଯାଏ ଦଳର କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଣୁ କେଉଁ ନିୟମ ଉଲ୍ଲଙ୍ଘନ ଲାଗି ଏଭଳି ଦଣ୍ଡବିଧାନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।

## ୱିମ୍ବଲଡନ: ସେମିରେ ସିନ୍ନର, ଗଫ୍

**ଲଣ୍ଡନ, ୭।୭ (ଏଜେନ୍ସି)**

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟପ୍ ସିଡ୍ ସିନ୍ନର ୭-୫, ୭-୬ (୭/୪), ୬-୩ ସେଟରେ ଜର୍ମାନୀର ଭେଟେରାନ ଖେଳାଳି ଜାନ-ଲିନାର୍ଡ ଷ୍ଟ୍ରଫଙ୍କୁ ପରାସ୍ତ କରିଥିଲେ। ଫଳରେ କ୍ୟାରିୟରର ୧୦ମଥର ଲାଗି ସିନ୍ନର ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନୋଭାକ ଜୋକୋଭିଚ ଓ ଫେଲିକ୍ସ ଆଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ କ୍ୱାର୍ଟରର ବିଜେତାଙ୍କ ସହ ସିନ୍ନରଙ୍କ ସେମିଫାଇନାଲ ଲଢ଼େଇ ହେବ। ଅପରପକ୍ଷରେ ନିଜର ୪୭ତମ ଗ୍ରାଣ୍ଡସ୍ଲାମରେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୩୬ ବର୍ଷୀୟ ଲିନାର୍ଡ ପରାଜୟ ସହ ବିଦାୟ ନେଇଛନ୍ତି।

ସେହିଭଳି ମହିଳା ବିଭାଗରେ ଆମେରିକୀୟ ତାରକା ୭ମ ସିଡ୍ କୋକୋ ଗଫ୍ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଗଫ୍ ୪-୬, ୬-୩, ୬-୩ ସେଟରେ ସାଥୀ ଆମେରିକୀୟ ଖେଳାଳି ୪ର୍ଥ ସିଡ୍ ଜେସିକା ପେଗୁଲାଙ୍କୁ ହରାଇଛନ୍ତି। ଫଳରେ ଏବେ ମହିଳା ବିଭାଗରେ ଗଫ୍ ଏକମାତ୍ର ଉଚ୍ଚ ମାନ୍ୟତା ଖେଳାଳି ଭାବେ ଟାଇଟଲ୍ ଦୌଡ଼ରେ ତିଷ୍ଠି ରହିଛନ୍ତି।

## ବିଶ୍ୱ ଭଲିବଲ୍ ଦିବସ ପାଳିଲା କିଟ୍

**ଭୁବନେଶ୍ୱର, ୭।୭ (ସମିସ):** କିଟ୍ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ‘ବିଶ୍ୱ ଭଲିବଲ୍ ଦିବସ-୨୦୨୬’ ଉତ୍ସାହର ସହିତ ପାଳିତ ହୋଇଯାଇଛି। କିଟ୍ ପରିସରରେ ଭଲିବଲ୍ ପାଇଁ ଥିବା ଇଣ୍ଟରନ୍ୟାସନାଲ ଏକ୍ସେଲେନ୍ସ ସେଣ୍ଟରରେ ଭାରତୀୟ ୧୮ ବର୍ଷରୁ କମ୍ ବାଳକ ଦଳକୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଗାମୀ ଯୁବ ଏସିଆନ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ସେଣ୍ଟରରେ ତାଲିମ ନେଉଥିବା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍’ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିମ୍ବାୱେ ସିରିଜ୍ ଓ ଏସିଆନ ଗେମ୍ସ
## ଲକ୍ଷ୍ମଣ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ



**ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିବାରୁ ଟିମ୍ ଓ କୋଚିଂ ବ୍ୟବସ୍ଥାକୁ ଅଲଗା ଅଲଗା କରିବାକୁ ପଡ଼ିଛି। ଚଳିତ ମାସ ତୃତୀୟ ସପ୍ତାହରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଯିବ। ଏହାପରେ ଜାପାନରେ ଏସିଆନ୍ ଗେମ୍ସରେ ଭାଗନେବ। ଏସିଆନ ଗେମ୍ସ ଚାଲିଥିଲାବେଳେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଭାରତ ଗସ୍ତରେ ଆସିବ। ଏଣୁ ଦୁଇଟି ଦଳ ଭିନ୍ନ ଭିନ୍ନ ସିରିଜ୍‌ରେ ଅଂଶଗ୍ରହଣ କରିବେ। ଏଥିଲାଗି କୋଚିଂ ବ୍ୟବସ୍ଥାକୁ ମଧ୍ୟ ଅଲଗା କରାଯାଇଛି। ଜିମ୍ବାୱେ ଓ ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସରେ ଭିଭିଏସ୍ ଲକ୍ଷ୍ମଣ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିବେ। ସେହିପରି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବାକୁ ଥିବା ଭାରତୀୟ ସିନିଅର ଦାୟିତ୍ୱରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ରହିବେ। ଏଣୁ କୋଚିଂକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ନାହିଁ। ପୂର୍ବରୁ ଏଭଳି ବ୍ୟବସ୍ଥାରେ ଲକ୍ଷ୍ମଣ ଏକାଧିକଥର ଭାରତୀୟ ଦଳର କୋଚ ହୋଇଥିବାରୁ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସୁନୀଲ ଯୋଶି ଓ ହୃଷିକେଶ କାନିତକର ଯଥାକ୍ରମେ ବୋଲିଂ ଓ ବ୍ୟାଟିଂ ପ୍ରଶିକ୍ଷକ ଭାବେ ଉଭୟ ସିରିଜ୍‌ରେ ଲକ୍ଷ୍ମଣଙ୍କୁ ସହାୟତା କରିବେ।

## ■ ତୃତୀୟ ଟି-୨୦
## ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ

**ନଟିଂହାମ, ୭।୭(ଏଜେନ୍ସି):** ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଟି-୨୦ ସିରିଜର ତୃତୀୟ ମୁକାବିଲା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଓପନର୍ ଫିଲ୍ ସଲ୍ଟଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭଲ ଆରମ୍ଭ କରିଛି। ଶେଷ ଖବର ସୁଦ୍ଧା ଇଂଲଣ୍ଡ ୧୬ ଓଭରରେ ୪ ୱିକେଟ୍ ହରାଇ ୧୫୨ ରନ ସଂଗ୍ରହ କରିଛି। ସଲ୍ଟ ୬୪ ରନ କରି ଅପରାଜିତ ରହିଛନ୍ତି। ୪୨ ବଲର ଏହି ପାଳିରେ ସେ ୭ଟି ଚୌକା ଓ ୨ଟି ଛକା ମାରିଛନ୍ତି। ଅନ୍ୟତମ ଓପନର ଜୋଶ ବଟଲର୍ ୪ଟି ଚୌକା ଓ ୨ଟି ଛକା ବଳରେ ୨୧ ବଲରୁ ୩୬ ରନ କରି ଆଉଟ୍ ହୋଇଛନ୍ତି। ପ୍ରିନ୍ସ ଯାଦବ ଏହି ମୂଲ୍ୟବାନ ୱିକେଟଟି ପାଇଥିଲେ ଆଉଟ୍ ହେବା ପୂର୍ବରୁ ଓପନିଂ ଯୋଡ଼ିରେ ସଲ୍ଟଙ୍କ ସହ ବଟଲର ୩୧ ବଲରେ ୪୩ ରନ ସଂଗ୍ରହ କରିଥିଲେ। ତେବେ ମଧ୍ୟକ୍ରମରେ ୩ ଇଂଲିଶ ବ୍ୟାଟର୍ ଅଧିନାୟକ ହ୍ୟାରୀ ବ୍ରୁକ୍ (୧୬ ରନ), ଜ୍ୟାକବ ବେଥେଲ (୧୩) ଓ ଟମ୍ ବାଣ୍ଟନ (୦) ନିରାଶ କରିଥିଲେ। ଯାହା ଫଳରେ ଇଂଲଣ୍ଡ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ଭାରତ ପକ୍ଷରୁ ଦୁଇ ଦ୍ରୁତ ବୋଲର ହର୍ଷିତ ରାଣା ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦କୁ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା। ଫଳରେ ଇଂଲଣ୍ଡ ପାଞ୍ଚମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ବୃକ୍ଷରୋପଣ ପାଇଁ ସଚେତନତା ବାର୍ତ୍ତା

ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ବଲାଙ୍ଗିର ବନଖଣ୍ଡ ତରଫରୁ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଭିନ୍ନ ଯୋଜନା ମାଧମରେ ହାତକୁ ନିଆଯାଇଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ବିତରଣ ନିମନ୍ତେ ୧୦ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ଗୋଟିଏ ଚାରାକୁ ୧ ଟଙ୍କା ମୂଲ୍ୟରେ କୌଣସି ଜନସାଧାରଣ ନିକଟସ୍ଥ ନର୍ସରୀରୁ ନେଇ ପାରିବେ। ଏହା ବ୍ୟତିତ ଚଳିତ ଆର୍ଥିକ ବର୍ଷରେ ବଲାଙ୍ଗିର ବନଖଣ୍ଡ ତରଫରୁ ବିଭିନ୍ନ ଯୋଜନା ମାଧମରେ ୫୬୨୫୦୦ ଗୋଟି ଚାରା ରୋପଣ ପାଇଁ ଯୋଜନା କରାଯାଇଅଛି।

୧- ବଲାଙ୍ଗିର ଜିଲ୍ଲାର ସମସ୍ତ ୧୧ଗୋଟି ରେଞ୍ଜରେ ଚାରା ବିତରଣ କେନ୍ଦ୍ରମାନ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ଚାରା ଯୋଗାଇବାର ବ୍ୟବସ୍ଥା କରାଯାଇଅଛି।

୨- ସମସ୍ତ ବନାଂଚଳରେ ଜୁଲାଇ ମାସରେ ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ବନମହୋତ୍ସବ ପାଳନ କରି ବ୍ୟାପକ ବୃକ୍ଷରୋପଣ ପାଇଁ ବ୍ୟବସ୍ଥା କରାଯାଇଅଛି।

୩- ଚାରା ବିତରଣ ପାଇଁ ପ୍ରତ୍ୟେକ ବ୍ଲକରେ ଭ୍ରାମ୍ୟମାଣ ସବୁଜ ରଥ ବୁଲାଇ ଜନସାଧାରଣଙ୍କୁ ଚାରା ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି।

୪- ସରକାରଙ୍କ ନିୟମ ମୁତାବକ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାରା ପ୍ରତି ୧ ଟଙ୍କା ମୂଲ୍ୟ ଦେଇ ୫ ଗୋଟି (ସହରାଂଚଳ) ଓ ୧୦ ଗୋଟି (ଗ୍ରାମାଞ୍ଚଳ) ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

୫- ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ମୋଟ ୧୫୦ ରୁ ୨୦୦ ଗୋଟି ଚାରା ବିନା ମୂଲ୍ୟରେ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଉକ୍ତ ସଂସ୍ଥାମାନଙ୍କୁ ସ୍ଥାନୀୟ ବନାଂଚଳ ଅଧିକାରୀଙ୍କୁ ଦରଖାସ୍ତ କରି ନିକଟବର୍ତ୍ତି ଚାରା ଉତ୍ପାଦନ କେନ୍ଦ୍ରରୁ ଚାରା ନେବା ପାଇଁ ବ୍ୟବସ୍ଥା କରିଯାଇଅଛି।

ଆସନ୍ତୁ ସମସ୍ତେ ମିଳିମିଶି ଏହି ବୃକ୍ଷରୋପଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ, ତାର ଯତ୍ନ ନେବା ଏବଂ ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦେବା, ଯାହାର ରକ୍ଷଣା ବେକ୍ଷଣ କରି ଆମର ଉତ୍ତର ପିଢୀ ତାଙ୍କର ଉତ୍ତୋରତର ପିଢୀଙ୍କୁ ହସ୍ତାନ୍ତର କରିବା ପାଇଁ ବାଧ ହେବେ।

ସୌଜନ୍ୟ
ବଲାଙ୍ଗିର ବନଖଣ୍ଡ, ବଲାଙ୍ଗିର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS